79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୨୧୭ ● କଟକ ● ଶନିବାର ● ୧୪ ମାର୍ଚ୍ଚ-୨୦୨୬ ● ମୀନ-୧୩ ● ସାଲ୍-୧୪୩୧

CUTTACK ● SATURDAY ● 14 MARCH-2026 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

## ସଂକ୍ଷେପରେ

### ମୋଦୀ ଛାଡ଼ିଲେ ପିଏମ୍ କିଷାନ୍ କିସ୍ତି

**ଖାତାକୁ ଆସିଲା ୨ ହଜାର ଟଙ୍କା**



**ନୂଆଦିଲ୍ଲୀ,(ପିପିଏସ୍):** କେନ୍ଦ୍ର ସରକାରଙ୍କ ମହତ୍ୱାକାଂକ୍ଷୀ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି' (ପିଏମ୍-କିଷାନ) ଯୋଜନା ଅଧୀନରେ ଦେଶର କୋଟି କୋଟି ଚାଷୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଏହି ଯୋଜନାର ୨୨ତମ କିସ୍ତି ଜାରି କରିଛନ୍ତି। ଏହା ମାଧ୍ୟମରେ ଦେଶର ୯.୩୨ କୋଟିରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୧୮,୬୪୦ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି। ଆସାମର ଗୁଆହାଟୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଏକ 'ସିଙ୍ଗଲ କ୍ଲିକ୍' ଜରିଆରେ ଏହି ଅର୍ଥରାଶି ପଠାଇଛନ୍ତି। ସୂଚନାଯୋଗ୍ୟ, ଏହି ଯୋଜନା ଅଧୀନରେ ଚାଷୀଙ୍କୁ ବାର୍ଷିକ ୬,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଏ, ଯାହାକି ୨,୦୦୦ ଟଙ୍କା ଲେଖାଏ ତିନୋଟି କିସ୍ତିରେ ଚାଷୀଙ୍କ ଖାତାକୁ ଆସିଥାଏ। ଯଦି କାହାର ବ୍ୟାଙ୍କ ଖାତାକୁ ୨୨ତମ କିସ୍ତିର ଟଙ୍କା ଆସିନାହିଁ କିମ୍ବା ମୋବାଇଲକୁ ମେସେଜ ଆସିନାହିଁ, ତେବେ ଏହାର କିଛି ଯାନ୍ତ୍ରିକ କିମ୍ବା ନିୟମଗତ କାରଣ ଥାଇପାରେ। ଯଦି ନିଜର ଇ-କେୱାଇସି ପ୍ରକ୍ରିୟା ପୂରା କରିନାହାନ୍ତି, ଚାଷ ଜମି ସମ୍ପର୍କିତ କାଗଜପତ୍ର ଅପଡେଟ ନାହିଁ, ବ୍ୟାଙ୍କ ଖାତା ସହ ଆଧାର କାର୍ଡ ସଂଯୋଗ ହୋଇନାହିଁ ଏବଂ ଯଦି ଆପଣ ଆୟକର ପରିସରଭୁକ୍ତ ହୋଇଥାନ୍ତି ତାହାଲେ କିସ୍ତି ମିଳିବନାହିଁ। ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଯୋଜନା ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ଚାଷୀଙ୍କ ଖାତାରେ ୪.୨୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଅର୍ଥରାଶି ଜମା ହୋଇସାରିଲାଣି। କେବଳ ଆସାମରେ ପ୍ରାୟ ୧୯ ଲକ୍ଷ ଚାଷୀ ଏପର୍ଯ୍ୟନ୍ତ ୮,୦୦୦ କୋଟିରୁ ଅଧିକ ଟଙ୍କାର ସହାୟତା ପାଇସାରିଛନ୍ତି। ଏଥର ମୋଟ ୯,୩୨,୨୫,୯୧୩ ଜଣ ଚାଷୀଙ୍କୁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

### ରଶ୍ମୀରଞ୍ଜନ ସ୍ୱାଇଁ ଓୟୁଏସ୍ଏସ୍ଏସ୍ସିର ପ୍ରଥମ ଅଧ୍ୟକ୍ଷ



**ଭୁବନେଶ୍ୱର,(ପିପିଏସ୍):** ଜାମ୍ମୁ ଓ କାଶ୍ମୀରର ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ରଶ୍ମୀରଞ୍ଜନ ସ୍ୱାଇଁ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗର ପ୍ରଥମ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ୧୯୯୧ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ରଶ୍ମୀରଞ୍ଜନ ସ୍ୱାଇଁ ୨୦୨୪ରେ ଜାମ୍ମୁ ଓ କାଶ୍ମୀରର ଡିଜିପି ଭାବରେ ଅବସର ନେଇଥିଲେ। ରାଉରକେଲାର ମୂଳ ବାସିନ୍ଦା ଶ୍ରୀ ସ୍ୱାଇଁ ଜାମ୍ମୁ, ଶ୍ରୀନଗର, ଲେହ, ପୁଞ୍ଚ ଏବଂ ରାମବାନ ଜିଲ୍ଲାରେ ଏସ୍ଏସ୍‌ପି ଭାବରେ କାର୍ଯ୍ୟକରି ଦେଶରେ ଚର୍ଚ୍ଚିତ ଚେହେରା ହୋଇଥିଲେ। ସେ ଜାମ୍ମୁ କାଶ୍ମୀର ଭିଜିଲାନ୍ସ ଏଜେନ୍ସିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଏବଂ ସିଆଇଡିର ସ୍ୱତନ୍ତ୍ର ଡିଜି ଥିଲେ। ଶ୍ରୀ ସ୍ୱାଇଁ ଆତଙ୍କବାଦ ବିରୋଧରେ ତାଙ୍କର କଠୋର ଆଭିମୁଖ୍ୟ ପାଇଁ ଜଣାଶୁଣା ଏବଂ ଜାମ୍ମୁ କାଶ୍ମୀରରେ ଆତଙ୍କୀ ପାଣ୍ଠି ନେଟୱାର୍କ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

**ବିରୋଧୀ ନେତାଙ୍କୁ ଗ୍ରାସକରିଛି ଭୟ ଓ ଅବିଶ୍ୱାସ**

# ପାଠଶାଳା ଓ ରିସୋର୍ଟ ପଲିଟିକ୍ସକୁ ନେଇ ଚର୍ଚ୍ଚା



**ରାଜ୍ୟସଭା ନିର୍ବାଚନ**

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟସଭା ନିର୍ବାଚନକୁ ନେଇ ରାଜ୍ୟ ରାଜନୀତିରେ ହାଇଭୋଲଟେଜ୍ ଡ୍ରାମା ଦେଖିବାକୁ ମିଳିଛି। ଆସନ୍ତା ୧୬ତାରିଖରେ ରାଜ୍ୟସଭା ଭୋଟ୍ ଗ୍ରହଣ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି। ଦୁଇ ପ୍ରମୁଖ ବିରୋଧୀ ବିଜେଡି ଓ କଂଗ୍ରେସକୁ ଏବେ 'କ୍ରସଭୋଟିଂ ଓ ହର୍ସଟ୍ରେଡିଂ' ଭୟ ଘାରିଛି। ନିଜ ନିଜର ବିଧାୟକମାନଙ୍କୁ ଏକଜୁଟ କରି ରଖି ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଜିତାଇବା ପାଇଁ ଉଭୟ ଦଳ ଜୋରଦାର କସରତ ଚଳାଇଛନ୍ତି। କଂଗ୍ରେସ ନିଜର ବିଧାୟକମାନଙ୍କୁ ବେଙ୍ଗାଲୁରୁର ଏକ ବିଳାସପୂର୍ଣ୍ଣ ରିସୋର୍ଟକୁ ପଠାଇ ଓଡ଼ିଶାରେ 'ରିସୋର୍ଟ ପଲିଟିକ୍ସ'ର ଆରମ୍ଭ କରିଥିବାବେଳେ ବିଜେଡି ନିଜର ବିଧାୟକମାନଙ୍କ ପାଇଁ 'ନବୀନ ନିବାସ ପାଠଶାଳା'ର ଆୟୋଜନ କରି ୧୫ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ଉପସ୍ଥିତ ରହିବା ବାଧ୍ୟତାମୂଳକ କରିଛି। ଏସବୁ ଭିତରେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ବିଜେଡିରୁ ଆସି ବିଜେପିରେ ସାମିଲ ରବୀନ୍ଦ୍ର ଜେନାଙ୍କ ବୟାନ ହିଁ ଉଭୟ ବିଜେଡି-କଂଗ୍ରେସରେ କ୍ରସଭୋଟିଂ ଭୟକୁ ବଢ଼ାଇ ଦେଇଛି। ଅନ୍ୟପକ୍ଷରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ବିଧାୟକମାନଙ୍କୁ ଚିଠି ଲେଖି ନବୀନ ନିବାସରେ ଶୁକ୍ରବାରଠୁ ୧୫ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ରାଜ୍ୟସଭା ନିର୍ବାଚନ ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦଳ ମାର୍ଚ୍ଚ ୧୧ତାରିଖରେ ତିନିଧାଡ଼ିଆ ହ୍ୱିପ୍ ଜାରି କରିଥିଲା। ଆଉ ଗୁରୁବାର ସନ୍ଧ୍ୟାରେ ବରିଷ୍ଠ ନେତାମାନଙ୍କ ସହ ବୈଠକ ପରେ ନବୀନ ଦଳର ସମସ୍ତ ବିଧାୟକଙ୍କୁ ଚିଠି ଲେଖି ମାର୍ଚ୍ଚ ୧୩ରୁ ୧୫ତାରିଖ ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ନିଶ୍ଚିତ ଭାବେ ନବୀନ ନିବାସରେ ଉପସ୍ଥିତ ରହିବାକୁ କହିଛନ୍ତି। କେବଳ ସେତିକି ନୁହେଁ, ନବୀନ ନିବାସରେ ଆୟୋଜିତ ପ୍ରଶିକ୍ଷଣ ଶିବିର ବା ପାଠଶାଳାରେ ସମସ୍ତ ବିଧାୟକଙ୍କ ଉପସ୍ଥିତିକୁ ବାଧ୍ୟତାମୂଳକ କରାଯାଇଛି। ଆଉ ୧୫ତାରିଖ ସନ୍ଧ୍ୟାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ଏହି ବୈଠକଗୁଡ଼ିକୁ 'ପ୍ରାୟୋରିଟି' ବା ସର୍ବୋଚ୍ଚ ପ୍ରାଥମିକତା ଭାବେ ଗ୍ରହଣ କରିବାକୁ ନବୀନ ପଟ୍ଟନାୟକ ସମସ୍ତ ବିଧାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦଳ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟାରେ ନବୀନ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଳିକେଶ ସିଂହଦେଓ, ଅରୁଣ ସାହୁ ଏବଂ ପ୍ରତାପ ଦେବଙ୍କୁ ଡକାଇ ଆଲୋଚନା କରିଛନ୍ତି। ଆଉ ଏହି ନେତାମାନେ ନବୀନ ନିବାସ ପାଠଶାଳାରେ ଦଳୀୟ ବିଧାୟକମାନଙ୍କୁ ରାଜ୍ୟସଭା ନିର୍ବାଚନର ଜଟିଳ ପ୍ରକ୍ରିୟା ଓ ଭୋଟ ଦେବାର ସଠିକ୍ ପଦ୍ଧତି ଶିଖାଇଛନ୍ତି। ଶୁକ୍ରବାର ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରେଜେଣ୍ଟେସନ ଓ ଶନିବାର ଭୋଟିଂ ନିୟମାବଳୀର ତାଲିମ ଦିଆଯିବ। ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ବିଜେଡି ବିଧାୟକମାନେ ସମସ୍ତେ ଶୃଙ୍ଖଳାର ସହ ଅଛନ୍ତି। ଦଳର ନେତାଙ୍କ ନିର୍ଦ୍ଦେଶକୁ ପାଳନ କରୁଛନ୍ତି। ଦୁଇଦିନ ପୂର୍ବରୁ ବିଜେଡି ଛାଡ଼ି ବିଜେପିରେ ମିଶିଥିବା ରବୀନ୍ଦ୍ର ଜେନା ମଧ୍ୟ ରାଜ୍ୟରେ ବଡ଼ଧରଣର ରାଜନୀତିକ ସମୀକରଣର ସଙ୍କେତ ଦେଇଛନ୍ତି। ମାର୍ଚ୍ଚ ୧୬ତାରିଖ ସନ୍ଧ୍ୟା ପରେ ରାଜ୍ୟରେ ନୂଆ ରାଜନୀତିକ ସମୀକରଣ ହେବ ଓ ତାହା ସମସ୍ତେ ଜାଣିବାକୁ ପାଇବେ ବୋଲି ସେ କହିଛନ୍ତି। ରବୀନ୍ଦ୍ରଙ୍କ ପତ୍ନୀ ହେଉଛନ୍ତି ବିଜେଡିର ବସ୍ତା ବିଧାୟିକା ସୁବାସିନୀ ଜେନା। ରବୀନ୍ଦ୍ର ମଧ୍ୟ ଆଉ କିଛି ବିଜେଡି ବିଧାୟକଙ୍କ ସହ ଯୋଗସୂତ୍ରରେ ରହିଥିବା ଜଣାପଡ଼ିଛି। ଯେଉଁଥିପାଇଁ ରବୀନ୍ଦ୍ରଙ୍କ ଏଭଳି ଆଭାସ ପରେ ଉଭୟ ବିଜେଡି ଓ କଂଗ୍ରେସରେ କ୍ରସଭୋଟିଂର ସମ୍ଭାବନା ଥିବା ଏକରକମ ସ୍ପଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ, ୪ଟି ରାଜ୍ୟସଭା ଆସନ ପାଇଁ ୫ଜଣ ପ୍ରାର୍ଥୀ ଅଛନ୍ତି। ବିଜେପିର ୨ଜଣ ମନମୋହନ ସାମଲ ଓ ସୁଜିତ୍ କୁମାର ଏବଂ ବିଜେଡିର ସନ୍ତୃପ୍ତ ମିଶ୍ର ପ୍ରାର୍ଥୀ ହୋଇଥିବାବେଳେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ଓ ବିଜେଡି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ଅଛନ୍ତି।

### ୮ ବିଧାୟକଙ୍କ ସହ ରାଜ୍ୟ ବାହାରେ ପିସିସି ସଭାପତି

## ବେଙ୍ଗାଲୁରୁରେ କଂଗ୍ରେସ୍ 'କ୍ୟାମ୍ପ'

**ଭୁବନେଶ୍ୱର,(ପିପିଏସ୍):** ଗୁରୁବାର ସନ୍ଧ୍ୟାରେ ୬ଜଣ ଓ ଶୁକ୍ରବାର ସକାଳେ ଆଉ ୨ଜଣ ବିଧାୟକଙ୍କୁ ମିଶାଇ ବାଙ୍ଗାଲୁରୁର ଓ୍ୱଣ୍ଡରଲା ରିସୋର୍ଟରେ ଡେରାପକାଇଛନ୍ତି ପିସିସି ସଭାପତି ଭକ୍ତ ଦାସ। ଓଡ଼ିଶାର କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୮ରେ ପହଁଚିଛି। ଅବଶ୍ୟ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ତାରାପ୍ରସାଦ ବାହିନୀପତି ଏହି ବିଧାୟକଙ୍କ ସଂଖ୍ୟା ୯ ବୋଲି କହିଛନ୍ତି। ଶ୍ରୀ କାଡ଼ାମ ରାଜ୍ୟସଭା ନିର୍ବାଚନରେ ଘୋଡ଼ାବେପାରରୁ ବର୍ତ୍ତିବା ପାଇଁ ଦଳୀୟ ବିଧାୟକମାନେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ରାହୁଲ ଗାନ୍ଧିଙ୍କୁ ଭେଟିବାକୁ ଯାଇଥିବା କହିଥିବାବେଳେ ଶ୍ରୀ ବାହିନୀପତି ବିଧାୟକମାନେ ବୁଲିବାକୁ ଯାଇଥିବା କହିଛନ୍ତି। ଅପରାହ୍ନରେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଓଡ଼ିଶାର ବିଧାୟକମାନେ ବେଙ୍ଗାଲୁରୁରେ ରହିଥିବାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ବିଧାୟକମାନଙ୍କୁ ବେଙ୍ଗାଲୁରୁକୁ ସେ ଡାକି ନାହାନ୍ତି। ଓଡ଼ିଶା ପିସିସି ସଭାପତି ତାଙ୍କୁ ଫୋନ୍ କରି ବିଧାୟକମାନେ ବେଙ୍ଗାଲୁରୁ ଆସିବାକୁ ଚାହୁଁଥିବା ଓ ସେମାନଙ୍କ ରହଣି ପାଇଁ ସୁବିଧା କରିବାକୁ ଅନୁରୋଧ କରିଥିଲେ। ବିଧାୟକମାନେ ମହୀଶୂର ବୁଲିବାକୁ ଇଚ୍ଛା ପ୍ରକାଶ କରିଥିବାରୁ ସେମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଛି ଓ ଏବେ ବିଧାନସଭା ଚାଲିଥିବାରୁ ସେ ପରବର୍ତ୍ତୀ ସମୟରେ ନିଜେ ଯାଇ ସେମାନଙ୍କୁ ଭେଟିବେ ବୋଲି ଶ୍ରୀ ଶିବକୁମାର ଗଣମାଧ୍ୟମକୁ କହିଛନ୍ତି। ତେବେ କର୍ଣ୍ଣାଟକର କଂଗ୍ରେସ ନେତା ବଟ୍ଟାପ୍ପାଙ୍କ ଅନୁସାରେ, ଓଡ଼ିଶାର କଂଗ୍ରେସ ବିଧାୟକମାନଙ୍କ ସୁରକ୍ଷା ଓ ରହଣି ପାଇଁ ପ୍ରାୟ ରିସୋର୍ଟରେ ୨୦ଟି ରୁମ୍ ବୁକ୍ କରାଯାଇଛି। ଯେଉଁଠାରେ ସେମାନେ ନିଜର ପରିବାର ଓ ବ୍ୟକ୍ତିଗତ ସହାୟକ ସହ ରହିଛନ୍ତି। କଂଗ୍ରେସର ମୋଟ ୧୪ଜଣ ବିଧାୟକ ଥିବାବେଳେ ରାମଚନ୍ଦ୍ର କାଡ଼ାମ, ତାରା ବାହିନୀପତି, ରମେଶ ଜେନା, ସୋଫିଆ ଫିର୍ଦ୍ଦୋଷ ଓ ସାଗର ଦାସଙ୍କୁ ବାଦ୍ ଦେଇ ଅନ୍ୟ ୯ଜଣ ବେଙ୍ଗାଲୁରୁ ଗସ୍ତରେ ଥିବା ଜଣାପଡ଼ିଛି। କଟକ-ବାରବାଟୀର କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଖୋଲାଖୋଲି ଭାବେ କଂଗ୍ରେସର 'ରିସୋର୍ଟ ପଲିଟିକ୍ସ'କୁ ବିରୋଧ କରିଛନ୍ତି।

# ଉତ୍ତ୍ୟକ୍ତ ଲୋକଙ୍କ ଲଙ୍କାକାଣ୍ଡ

- ତହସିଲ୍‌ଦାରଙ୍କ ଗାଡ଼ି ଭାଙ୍ଗିଲେ
- ପୁଲିସ୍ ଉପରେ ମରଣାନ୍ତକ ଆକ୍ରମଣ

**ନ୍ୟାୟ ଦାବି**

**ବାରିପଦା,(ପିପିଏସ୍):** ମୟୂରଭଞ୍ଜ ଜିଲା ବହଳଦା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଅସଦାଚରଣକୁ ନେଇ ଅଭାବନୀୟ ଘଟଣା ଘଟିଛି। ଅଞ୍ଚଳବାସୀ ନ୍ୟାୟ ଦାବିରେ ଜାତୀୟ ରାଜପଥ ୨୨୦କୁ ଅବରୋଧ କରିବା ସହିତ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବହଳଦା ତହସିଲଦାର ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସମୟରେ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ ପୁଲିସ କର୍ମଚାରୀଙ୍କ ଉପରେ ଅତର୍କିତ ଆକ୍ରମଣ କରିଛନ୍ତି। ଫଳରେ ୯ରୁ ଊର୍ଦ୍ଧ୍ୱ କର୍ମଚାରୀ ଆହତ ହୋଇଥିବା ବେଳେ ଦୁଇଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଉତ୍ତେଜନା ଜାରି ରହିଥିବା ବେଳେ ରାସ୍ତା ଅବରୋଧ ବଳବତ୍ତର ରହିଛି। ଏହାକୁ ନେଇ ଜିଲ୍ଲାପାଳ ହେମକାନ୍ତ ସୟ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ତିରିଂ ଥାନା ଅଞ୍ଚଳରେ ଜଣେ ନାବାଳିକା ସାଇକେଲରୁ ଘରକୁ ଯାଉଥିଲେ। ଏହି ସମୟରେ ଏକ ଭିନ୍ନ ସମ୍ପ୍ରଦାୟର ଯୁବକ ନାବାଳିକାଙ୍କ ଧକ୍କା ଦେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ହେଁ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲେ। ଯାହାକୁ ନେଇ ତିରିଂ-ବହଳଦା ସଂଯୋଗ କରୁଥିବା ଜାତୀୟ ରାଜପଥ ଉପରେ ଅଞ୍ଚଳବାସୀଙ୍କ ପକ୍ଷରୁ ନ୍ୟାୟ ଦାବିରେ ରାସ୍ତାରୋକୋ କରିଥିଲେ। ଏହି ଘଟଣାକୁ ନେଇ ପୁଲିସ ଓ ତହସିଲଦାର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିବା ସମୟରେ ଲୋକେ ଅତର୍କିତ ଆକ୍ରମଣ କରିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି। ଅଭିଯୁକ୍ତ ଜଣେ ସଂଖ୍ୟା ଲଘୁ ସମ୍ପ୍ରଦାୟର ଯୁବକ। ରାସ୍ତା ମଝିରେ ଆଦିବାସୀ ନାବାଳିକାକୁ କଲା ଅସଦାଚାରଣ କରିଛି। ପୀଡ଼ିତାଙ୍କ ଗ୍ରାମବାସୀ ଯୁବକର ଘର ସାମ୍ନାରେ ଲଙ୍କାକାଣ୍ଡ ଭିଆଇଥିଲେ। ନାବାଳିକାକୁ ନ୍ୟାୟ ଦାବିରେ ପୀଡ଼ିତାଙ୍କୁ ଧରି ଅଭିଯୁକ୍ତଙ୍କ ଗ୍ରାମରେ ଶତାଧିକ ଗ୍ରାମବାସୀ ଜଗିବସିଥିଲେ ରାତିସାରା। ଘଟଣା ଘଟାଇଥିବା ଯୁବକ ଜଣକ ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ଥାନା ଅନ୍ତର୍ଗତ ବିଂଝୁଆ ଗ୍ରାମର।



# ଭାରତୀୟ ଜାହାଜକୁ ଛାଡ଼ିବ ଇରାନ୍

## ଭାରତ ପାଇଁ ଖୋଲିବ 'ହୋର୍ମୁଜ'

**ନୂଆଦିଲ୍ଲୀ,(ପିପିଏସ୍):** ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ବ୍ୟବହାର କରୁଥିବା ଇନ୍ଧନ ଯୋଗାଣ ମାର୍ଗ ଉପରେ ଚାପ ସୃଷ୍ଟିକରୁଛି। ଇରାନୀ କର୍ତ୍ତୃପକ୍ଷ ଭାରତୀୟ ପତାକାଧାରୀ ଜାହାଜଗୁଡ଼ିକୁ ସୁରକ୍ଷିତ ଭାବେ ଏହି ପ୍ରଣାଳୀ ଦେଇ ଯିବାକୁ ଅନୁମତି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଯେଉଁଠାରେ ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପରଠାରୁ ସାମୁଦ୍ରିକ ଯାତାୟାତ ପ୍ରାୟତଃ ବନ୍ଦ ହୋଇଯାଇଛି। ପୂର୍ବରୁ ଇରାନର ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡସ୍ କର୍ପସ୍ ନୌସେନା ବାହିନୀର କମାଣ୍ଡର କହିଥିଲେ ଯେ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକୁ ଇରାନର ଅନୁମୋଦନ ନେବାକୁ ପଡ଼ିବ। ନଚେତ୍ ସେମାନେ ଇରାନୀ ଆକ୍ରମଣର ଟାର୍ଗେଟ ହୋଇପାରନ୍ତି। ରିଅର ଆଡମିରାଲ ଆଲିରେଜା ତାଙ୍ଗସିରି କହିଛନ୍ତି ଯେ ବୁଧବାର ଇରାନ ସତର୍କତାକୁ ଅଣଦେଖା କରିଥିବା ଦୁଇଟି ଜାହାଜକୁ ଷ୍ଟ୍ରେଟରେ ଟାର୍ଗେଟ କରାଯାଇଥିଲା। ଯେକୌଣସି ଜାହାଜ ଯିଏ ପାର ହେବାକୁ ଚାହେଁ, ତାଙ୍କୁ ଇରାନରୁ ଅନୁମତି ନେବାକୁ ପଡ଼ିବ ବୋଲି ଇରାନ ଜେନେରାଲ ଏକ ପୋଷ୍ଟରେ କହିଛନ୍ତି। ଇରାନର ସରକାରୀ ଗଣମାଧ୍ୟମ ଅନୁସାରେ, ଇରାନ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜ ଉପରେ ଏହାର ନିଷେଧକୁ ଆହୁରି ବୃଦ୍ଧି କରିଛି ଏବଂ ତେହେରାନ କହିଛି ଯେ ଯେଉଁ ଜାହାଜଗୁଡ଼ିକ ଆମେରିକା ଏବଂ ଇସ୍ରାଏଲର ସ୍ୱାର୍ଥକୁ ପୂରଣ କରନ୍ତି ନାହିଁ ସେମାନେ ସୁରକ୍ଷିତ ଭାବେ ପାର ହୋଇପାରିବେ। ଇରାନ ଉପକୂଳକୁ ଓମାନରୁ ପୃଥକ କରୁଥିବା ସଂକୀର୍ଣ୍ଣ ଚ୍ୟାନେଲ ଦେଇ ପ୍ରତିଦିନ ଷ୍ଟ୍ରେଟ ଦେଇ ୨୦ ନିୟୁତ ବ୍ୟାରେଲରୁ ଅଧିକ ଅଶୋଧିତ ତେଲ ପାରହୁଏ। ଏହି ପରିମାଣ ବିଶ୍ୱ ତୈଳ ବ୍ୟବହାରର ପ୍ରାୟ ଏକ-ପଞ୍ଚମାଂଶ ଏବଂ ସମସ୍ତ ସମୁଦ୍ରଜାତ ତୈଳ ବାଣିଜ୍ୟର ପ୍ରାୟ ଏକ-ଚତୁର୍ଥାଂଶ ପ୍ରତିନିଧିତ୍ୱ କରେ। ବିଶ୍ୱର ତରଳୀକୃତ ପ୍ରାକୃତିକ ଗ୍ୟାସର ଏକ ବଡ଼ ଅଂଶ ମଧ୍ୟ ଏହି ମାର୍ଗ ଦେଇ ଗତିକରେ। ଯେତେବେଳେ ଏହି ପ୍ରବାହ କ୍ଷଣିକ ପାଇଁ ବିପର୍ଯ୍ୟସ୍ତ ହୁଏ, ଏହା ବିଶ୍ୱବ୍ୟାପୀ ଆର୍ଥିକ ବଜାର, ଯୋଗାଣ ଶୃଙ୍ଖଳ ଏବଂ ଘରୋଇ ବଜେଟ୍ ଉପରେ ପ୍ରଭାବ ପକାଇଥାଏ। ଭାରତର ଜାହାଜ ଚଳାଚଳ ମନ୍ତ୍ରଣାଳୟ କହିଛି ଯେ ବର୍ତ୍ତମାନ ପର୍ସିଆନ୍ ଉପସାଗର ଅଞ୍ଚଳରେ ୨୮ଟି ଭାରତୀୟ ପତାକାଧାରୀ ଜାହାଜ କାର୍ଯ୍ୟ କରୁଛି। ଏଥିମଧ୍ୟରୁ ୨୪ଟି ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ଅଛି, ଯେଉଁଥିରେ ୬୭୭ ଭାରତୀୟ ନାବିକ ଅଛନ୍ତି, ଯେତେବେଳେ ୪ଟି ଜାହାଜ ପ୍ରଣାଳୀର ପୂର୍ବରେ ଅଛି, ଯେଉଁଥିରେ ୧୦୧ ଜଣ ଭାରତୀୟ ନାବିକ ଅଛନ୍ତି। ସେମାନଙ୍କ ସୁରକ୍ଷା ନିରନ୍ତର ତଦାରଖ କରାଯାଉଛି। ୨୮ ଫେବୃଆରୀଠାରୁ, ମନ୍ତ୍ରଣାଳୟ ଏବଂ ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟରେ ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି ଏବଂ ପରିସ୍ଥିତି ଉପରେ ନଜର ରଖାଯାଇଛି।



## ସପ୍ତାହାନ୍ତବିଚାର

**ନୀତିଶଙ୍କ ପରେ ବିହାରର ରାଜନୀତି**

## ବାଟେଘାଟେ



ବିଧାୟକ ସବୁ ଏପଟ ସେପଟ
ଦେଖି ବସ୍ତାବସ୍ତା ଟଙ୍କା
ରାଜ୍ୟସଭା ଭୋଟ କୁଆଡ଼କୁ ଯିବ
ମନରେ ଆସଇ ଶଙ୍କା
ସତେ କିବା ମାଛ ରଙ୍କା
ମୂଲଚାଲ କରି ଭିଡ଼ି ନେଇ ଯିବେ
ଟଙ୍କା ବସ୍ତା ହେବ ଫାଙ୍କା
ଘୋଡ଼ାବେପାରକୁ ସିଧା ଆସିଥିଲା
ଗଲାବେଳେ ଯିବ ବଙ୍କା

-ରାହୀ

**ରବୀନ୍ଦ୍ରଙ୍କ ମିଶ୍ରଣ ପରେ ବାଲେଶ୍ୱର ରାଜନୀତିରେ ଘମାସାନ୍**

# ପୁଣି ବିଜେପି ଛାଡ଼ିଲେ ଜୀବନ



**ବାଲେଶ୍ୱର,(ପିପିଏସ୍):** ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବିଜେପିରୁ ଇସ୍ତଫା ଦେଇଛନ୍ତି। ଶୁକ୍ରବାର ବାଲେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ଘୋଷଣା କରିଛନ୍ତି। ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ବିଜେପିରେ ସାମିଲ ହେବାର ଦୁଇ ଦିନ ପରେ ସେ ଇସ୍ତଫା ଦେଇଛନ୍ତି। ରବୀନ୍ଦ୍ର ଜେନାଙ୍କୁ ଦଳରେ ସାମିଲ କରାଯିବାରୁ ସେ କ୍ଷୁବ୍ଧ ହୋଇ ଇସ୍ତଫା ଦେଇଛନ୍ତି ଓ ଦଳ ଉପରେ ଖୁବ୍ ବର୍ଷିଛନ୍ତି। ଜୀବନ ପ୍ରଦୀପ ଦାସ କହିଛନ୍ତି, ଦୀର୍ଘ ବର୍ଷ ଭାରତୀୟ ଜନତା ପାର୍ଟିଠାରୁ ଦୂରେଇ ରହିଲା ପରେ ବହୁ ଆଶା ଭରସା ନେଇ ୨୦୨୧ରେ ଦଳକୁ ଫେରିଥିଲି। ଭାବିଥିଲି, ଜୀବନର ଶେଷ ଦିନ ଗୁଡ଼ିକ ଭାରତୀୟ ଜନତା ପାର୍ଟିରେ ରହି ସଂଗଠନ କାର୍ଯ୍ୟ କରି କଟାଇବି। ବିଗତ ୫ ବର୍ଷରୁ ଅଧିକ ସମୟ ଧରି ଦଳ ଯେଉଁ ଦାୟିତ୍ୱ ବା କାର୍ଯ୍ୟ ଦେଇଛି, ତାକୁ ସୂଚାରୁ ରୂପେ ପାଳନ କରିଛି। ଦଳର ଯେକୌଣସି କାର୍ଯ୍ୟ- ପଶ୍ଚିମବଙ୍ଗ ସାଧାରଣ ନିର୍ବାଚନ ହେଉ ଅବା ପିପିଲି ଉପ ନିର୍ବାଚନ, ଦଳୀୟ ସଦସ୍ୟତା ସଂଗ୍ରହ, ଅନ୍ୟ ଜିଲ୍ଲାରେ ସାଂଗଠନିକ ନିର୍ବାଚନ, ଏମିତିକି ଅନ୍ୟ ଜିଲ୍ଲାରେ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବରେ ଯୋଗଦାନ ଭଳି ଦାୟିତ୍ୱ ତୁଲାଇଛି। ମାତ୍ର ଓଡ଼ିଶାରେ ୨୦୨୪ ନିର୍ବାଚନରେ ପାର୍ଟି କ୍ଷମତାକୁ ଆସିଲା ପରେ ଏହାର ଯେଉଁ ନୈତିକ ପତନ ହୋଇଛି, ମୁଁ ନିଜକୁ ସେଥିରେ ସହମତ କରିପାରୁ ନାହିଁ। ଜଣେ ଚିଟ୍‌ଫଣ୍ଡ ଅଭିଯୁକ୍ତ, ଯାହାଙ୍କ ଉପରେ ସିବିଆଇ କେସ୍ ଚାଲିଛି, ଯିଏ ଜାମିନରେ ଅଛନ୍ତି, ତାଙ୍କୁ ଦଳରେ ସାମିଲ କରି ଦଳ ତା'ର 'ମୂଲ୍ୟବୋଧ ରାଜନୀତି' ବିଚାରଠାରୁ ବହୁ ଦୂରକୁ ଚାଲି ଯାଇଛି। କ୍ଷମତାର ମୋହର ଅନ୍ଧ ହୋଇ, ଅହଙ୍କାରର ବଶବର୍ତ୍ତୀ ହୋଇ ରାଜ୍ୟ ନେତୃବୃନ୍ଦ ସମଗ୍ର ନୈତିକତା ହରାଇଛନ୍ତି। ଉକ୍ତ ବ୍ୟକ୍ତିଙ୍କ ଘରେ ସିବିଆଇ ରେଡ୍ କଥା ସମସ୍ତେ ଜାଣିଛନ୍ତି। ସେ ଆହୁରି କହିଛନ୍ତି, ଆଗାମୀ ରାଜ୍ୟସଭା ନିର୍ବାଚନରେ ତୃତୀୟ ପ୍ରାର୍ଥୀ ପାଇଁ ଆବଶ୍ୟକ ସଂଖ୍ୟା ନ ଥିବା ସମୟରେ ଘୋଡ଼ା ବେପାରକୁ ପ୍ରଶ୍ରୟ ଦେଇ ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ବିଜେପିର ବିଚାର 'ଗଣତନ୍ତ୍ର'ର ସୁରକ୍ଷା। କିନ୍ତୁ ଦଳର ଆଭ୍ୟନ୍ତରୀଣ ଗଣତନ୍ତ୍ର ଲୋପ ପାଇସାରିଛି। ନେତାଙ୍କ କଥାରେ ସଭାପତି ଚୟନ କରାଯାଉଛି। ଏବେ ରାଜ୍ୟସଭା ନିର୍ବାଚନରେ ପାର୍ଟି ସମସ୍ତ ନୀତି ଓ ନୈତିକତା ହରାଇଛି। ଏଭଳି ପରିସ୍ଥିତିରେ ମୁଁ ଅଧିକ ସମୟ ଏ ଦଳରେ ରହିପାରୁ ନାହିଁ। ତେଣୁ ଭାରତୀୟ ଜନତା ପାର୍ଟିରୁ ସାଧାରଣ ସଦସ୍ୟ ପଦରୁ ଇସ୍ତଫା ଦେଇଛି। ଜୀବନ ପ୍ରଦୀପ ଦାସ ପ୍ରଥମେ ବିଜେପିରେ ଥିଲେ। ୨୦୦୦ରେ ବିଜେପି ଟିକେଟ୍‌ରେ ବାଲେଶ୍ୱର ଆସନରୁ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ ବିଧାନସଭା ନିର୍ବାଚନ ପୂର୍ବରୁ ସେ ବିଜେଡିରେ ସାମିଲ ହୋଇଥିଲେ। ୨୦୦୯ ଓ ୨୦୧୪ରେ ସେ ବିଜେଡି ଟିକେଟ୍‌ରେ ବାଲେଶ୍ୱର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ଜୀବନ ପ୍ରଦୀପ ଦାସଙ୍କୁ ବିଜେଡି ପୁଣି ଏଠାରୁ ଟିକେଟ୍ ଦେଇଥିଲା। କିନ୍ତୁ ସେ ହାରି ଯାଇଥିଲେ। ବିଜେପିର ମଦନ ମୋହନ ଦତ୍ତ ଏଠାରୁ ବିଜୟୀ ହୋଇଥିଲେ। କିନ୍ତୁ ଶ୍ରୀ ଦତ୍ତଙ୍କ ମୃତ୍ୟୁ ପରେ ହୋଇଥିବା ଉପ-ନିର୍ବାଚନରେ ବିଜେଡି ଆଉ ଜୀବନ ପ୍ରଦୀପ ଦାସଙ୍କୁ ଟିକେଟ୍ ଦେଇ ନଥିଲା। ଦଳ ସ୍ୱରୂପ କୁମାର ଦାସଙ୍କୁ ପ୍ରାର୍ଥୀ କରିଥିଲା ଓ ସେ ବିଜୟୀ ହୋଇଥିଲେ। ଜୀବନଙ୍କୁ ଦଳ ପ୍ରାର୍ଥୀ କରି ନ ଥିବାରୁ ସେ ଦଳ ବିରୋଧୀ ଆଭିମୁଖ୍ୟ ଆପଣାଇ ବିଜେପି ପ୍ରାର୍ଥୀଙ୍କୁ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ବିଜେଡି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲା। ୨୦୨୦ ନଭେମ୍ବର ମାସରେ ତାଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ନିଲମ୍ବନ ହେବା ପର ଦିନ ସେ ବିଜେଡିରୁ ଇସ୍ତଫା ଦେଇଥିଲେ। ୨୦୨୧ ଜାନୁଆରୀ ମାସରେ ସେ ପୁଣି ବିଜେପିରେ ଯୋଗ ଦେଇଥିଲେ। ଆଉ ୫ ବର୍ଷ ପରେ ସେ ବିଜେପିରୁ ଇସ୍ତଫା ଦେଇଛନ୍ତି।

## ମୋ ସହମତି ନେଇନାହାନ୍ତି: ପ୍ରତାପ



**ଭୁବନେଶ୍ୱର,(ପିପିଏସ୍):** ବିଜେପିରେ ମିଶିଛନ୍ତି ପୂର୍ବତନ ବାଲେଶ୍ୱର ସାଂସଦ ତଥା ବିଜେଡି ନେତା ରବୀନ୍ଦ୍ର କୁମାର ଜେନା। ଭୁବନେଶ୍ୱରରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଥିଲେ। ମିଶ୍ରଣ ପର୍ବର ମଞ୍ଚରେ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଶିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ରେମୁଣା ବିଧାୟକ ଗୋବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ହେଲେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଦେଖିବାକୁ ମିଳି ନଥିଲା। ତା'ପରଠାରୁ ଆଲୋଚନା ଆରମ୍ଭ ହୋଇଗଲା ଯେ ରବୀନ୍ଦ୍ର ଜେନାଙ୍କୁ ଦଳରେ ସାମିଲ କରାଯିବା କଥାକୁ ପ୍ରତାପ ଷଡ଼ଙ୍ଗୀ ପସନ୍ଦ କରି ନାହାନ୍ତି। ଯଦିଓ ଏକଥା ଉପରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ଖୋଲାଖୋଲି କିଛି କହି ନାହାନ୍ତି, ତଥାପି ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ରବୀନ୍ଦ୍ର ଜେନାଙ୍କୁ ଦଳରେ ସାମିଲ କରାଯିବା ନେଇ କେହି ତାଙ୍କର ସହମତି ନେଇ ନାହାନ୍ତି। ରବୀନ୍ଦ୍ର ଜେନାଙ୍କୁ ଦଳରେ ସାମିଲ କରାଯିବା କଥାକୁ ସେ କେତେ ଦୂର ଗ୍ରହଣ କରିବେ ଓ ଏହା ଦଳ ପାଇଁ କେତେ ଲାଭଜନକ ହେବ ? ଏହାର ଜବାବରେ ସେ କହିଥିଲେ, ମୁଁ ଗ୍ରହଣ କରିବା ନ କରିବା ପ୍ରସଙ୍ଗ ନୁହେଁ। ରାଜ୍ୟ ସଭାପତି ତାଙ୍କୁ ଦଳରେ ମିଶାଇଛନ୍ତି। ତେଣୁ ଦଳ ତାଙ୍କୁ ଗ୍ରହଣ କରିସାରିଛି। ତାଙ୍କୁ ସାମିଲ କରାଯିବା ଦ୍ୱାରା ଦଳର ଆଗକୁ କିଛି ଲାଭ ହେବ ବୋଲି ମୁଁ ଭାବୁନାହିଁ। ତା' ପଛରେ କିଛି ଯୁକ୍ତି ବି ନାହିଁ। ସମୁଦ୍ରରେ ବାଲ୍‌ଟିଏ ପାଣି ପଶିଲେ, ସମୁଦ୍ର ଉଛୁଳି ପଡ଼େନି କି କେହି ବାଲ୍‌ଟିଏ ପାଣି ସମୁଦ୍ରରୁ ନେଇଗଲେ, ସମୁଦ୍ର ଶୁଖେ ନାହିଁ। ସମୁଦ୍ରର ଶୁଦ୍ଧତା ରକ୍ଷା କରିବା ଆଜିର ସବୁଠୁ ବଡ଼ ଆବଶ୍ୟକତା। ରବୀନ୍ଦ୍ର ଜେନା ବିଜେପିରେ ମିଶିବା ପଛରେ କିଛି ରାଜନୀତିକ ବୁଝାମଣା ହୋଇଛି କି ଓ ବାଲେଶ୍ୱର ରାଜନୀତିରେ ଏହାର କ'ଣ ପ୍ରଭାବ ପଡ଼ିବ ବୋଲି ପଚରାଯିବାରେ ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଥିଲେ, ମୁଁ ଏ ବିଷୟରେ କୌଣସି ପୂର୍ବାନୁମାନ କରିପାରିବି ନାହିଁ। ରବୀନ୍ଦ୍ର ଜେନା ପାର୍ଟିକୁ ଆସିବା ପାଇଁ ବହୁ ଆଗରୁ ପ୍ରସ୍ତାବ ଦେଇଥିଲେ। ମୋତେ ରାଜ୍ୟ ସଭାପତି ମଧ୍ୟ କହିଥିଲେ। ରାଜ୍ୟ ସଭାପତି ମୋତେ ପଚାରିଥିଲେ, ସେ ଯଦି ଆସିବେ, ତା'ହେଲେ ତାଙ୍କ ସ୍ତ୍ରୀଙ୍କୁ ଟିକେଟ ଦିଆଯିବ। ଆପଣ ରାଜି କି ? ମୁଁ ହଁ କହିଥିଲି।




## ଆଜିର ରାଶିଫଳ

**ମେଷ**
ପରୋପକାର କାର୍ଯ୍ୟରେ ସମୟ ଦେବେ। ଜମିରେ ନିବେଶ ଲାଗି ଭଲ ଦିନଟିଏ। ଆପଣଙ୍କ ପିଲା ବ୍ୟବସାୟ କାମରେ ସହଯୋଗ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ ବହୁତ ଭଲ କରିବେ।

**ବୃଷ**
ଆପଣଙ୍କ ବ୍ୟବହାର ସମସ୍ତଙ୍କ ପ୍ରତି ଭଲ ରହିବ। ବହୁ ଦିନର ଆଶା ପୂରଣ ହେବ। ପ୍ରସାଧନ ଦୋକାନୀଙ୍କୁ ଯଥେଷ୍ଟ ଲାଭ ମିଳିବ। ପ୍ରେମ ସମ୍ବନ୍ଧରେ ପ୍ରଗାଢ଼ତା ଆସିବ।

**ମିଥୁନ**
ବ୍ୟବସାୟୀଙ୍କୁ ଆଶା ଠାରୁ ଅଧିକ ଲାଭ ହେବ। ସ୍ୱଭାବରେ ଟିକେ ବିରକ୍ତି ରହିବ। ଇଂଜିନିୟରଙ୍କ ଲାଗି ଦିନଟି ଲାଭପ୍ରଦ ରହିବ। ପ୍ରେମୀ ଯୁଗଳଙ୍କ ସମ୍ବନ୍ଧରେ ମଧୁରତା ବୃଦ୍ଧି ହେବ।

**କର୍କଟ**
ନୂଆ କାମରେ ରୁଚି ବଢ଼ିବ। ସରକାରୀ ଚାକିରିଆଙ୍କୁ ପଦୋନ୍ନତି ମିଳିପାରେ। ସାମାଜିକ ପରିସର ବୃଦ୍ଧି ହେବ। ପାରିବାରିକ ଜୀବନ ସୁଖମୟ ହେବ। ଛାତ୍ରଙ୍କୁ କୌଣସି ଭଲ ଖବର ମିଳିବ।

**ସିଂହ**
ସେମାନଙ୍କ ସହିତ ସମୟ ଅତିବାହିତ କରନ୍ତୁ ଯେଉଁମାନେ ଆପଣଙ୍କୁ ପ୍ରୋତ୍ସାହିତ କରନ୍ତି। ଅଫିସରେ ଅଧିକ ସମୟ ପରିଶ୍ରମ କଲେ ବାକିଥିବା କାମ ପୂରା ହୋଇଯିବ। ପ୍ରେମ ଜୀବନ ଭଲ ରହିବ।

**କନ୍ୟା**
ଆପଣଙ୍କ ରାସ୍ତାରେ ଲାଗି ରହିଥିବା ବାଧା ଦୂର ହେବ। ସନ୍ଧ୍ୟା ସୁଦ୍ଧା କେ ?ଣସି ଭଲ ଖବର ପାଇବେ। ରାଜନୀତିରେ ସକ୍ରିୟ ଭୂମିକା ନିର୍ବାହ କରିବେ। ଦାମ୍ପତ୍ୟ ଜୀବନରେ ପ୍ରସନ୍ନତା ରହିବ।

**ତୁଳା**
ବ୍ୟବସାୟୀଙ୍କ ଲାଗି ଦିନଟି ଲାଭଦାୟକ ରହିବ। ଅନ୍ୟମାନଙ୍କର ସମସ୍ୟା ବୁଝିବାକୁ ଚେଷ୍ଟା କରନ୍ତୁ। ରୋଜଗାର ଖୋଜୁଥିବା ଯୁବକଙ୍କୁ ଉପାର୍ଜନ ମିଳିବ। ଛାତ୍ରଙ୍କ ଲାଗି ଦିନଟି ଭଲ ରହିବ।

**ବିଛା**
ପୂଜାପାଠରେ ସମୟ ବିତିବ। ପଡ଼ୋଶୀ ସବୁ ପାସୋରି ବନ୍ଧୁତାର ହାତ ବଢ଼ାଇବେ। ବ୍ୟବସାୟରେ ଆଶା ଠାରୁ ଅଧିକ ଲାଭ ପାଇବେ। ପ୍ରେମି ପ୍ରେମିକାଙ୍କ ଲାଗି ଦିନଟି ଭଲ ରହିବ।

**ଧନୁ**
ଚାଲେଞ୍ଜକୁ ଦୃଢ଼ଭାବେ ମୁକାବିଲା କରନ୍ତୁ। ଚାକିରିରେ କିଛି ପରିବର୍ତ୍ତନ ବା ବଦଳି ହୋଇପାରନ୍ତି। ବେପାରରେ ଲାଭ ହେବ। ସପରିବାର ଧର୍ମାନୁଷ୍ଠାନକୁ ଯିବା ପାଇଁ ଯୋଜନା କରିପାରନ୍ତି।

**ମକର**
ଆପଣ ନିଜ କାମରେ ସଫଳତା ଓ ଲାଭ ପାଇବେ। ଅନ୍ୟମାନଙ୍କ କାମରେ ନିଜର ମତ ଦିଅନ୍ତୁ ନାହିଁ। ଘରକୁ କେ ?ଣସି ନୂଆ ବନ୍ଧୁର ଆଗମନ ହେବ। ବିଜ୍ଞାନ ଛାତ୍ରଙ୍କ ଲାଗି ଦିନଟି ଭଲ।

**କୁମ୍ଭ**
କୌଣସି ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ପାରିବାରିକ କାମରେ ପରିବାର ଲୋକଙ୍କ ସାହାଯ୍ୟ ପାଇବେ। ଉପାର୍ଜନ ଲାଗି ଭଲ ସୁଯୋଗ ପାଇବେ। ମହିଳାଙ୍କ ଲାଗି ଭଲ ଦିନଟିଏ।

**ମୀନ**
ଆପଣଙ୍କର ସବୁ ଇଚ୍ଛା ପୂରଣ ହେବ। ବ୍ୟବସାୟ କାମରେ ଦୂରସ୍ଥାନକୁ ଯିବେ। ସଙ୍ଗୀତରେ ରୁଚି ରଖୁଥିବା ଲୋକଙ୍କୁ ଭଲ ଗୁରୁ ମିଳିବ। ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ଲାଗି ଦିନଟି ଭଲ।

## ଭାରତର ସବୁଠୁ ଶକ୍ତିଶାଳୀ ଗାଁ



ଦକ୍ଷିଣ ଦିଲ୍ଲୀ ଉପକଣ୍ଠସ୍ଥିତ ଛତ୍ରପୁର ଅଞ୍ଚଳରେ ଥିବା ଅସୋଲା-ଫତେହପୁର ବେରି ଗ୍ରାମକୁ ଭାରତର ସବୁଠାରୁ ଶକ୍ତିଶାଳୀ ଗ୍ରାମ କୁହାଯାଇଥାଏ। ଦେଶର ରାଷ୍ଟ୍ରୀୟ ରାଜଧାନୀରେ ଥିବା ନାଇଟ୍ କ୍ଲବ୍ଗୁଡ଼ିକରେ କାର୍ଯ୍ୟରତ ବାଉନ୍ସରଙ୍କ ଏକ ବଡ଼ ଅଂଶ ଏହି ଗ୍ରାମରୁ ଆସିଥାଏ। ତେଣୁ ଏହି ଗ୍ରାମକୁ ବାଉନ୍ସରଙ୍କ ହବ୍ ଭାବେ ମଧ୍ୟ କୁହାଯାଇଥାଏ।
ସ୍ଥାନୀୟ ମଲ୍ଲଯୋଦ୍ଧା ବିଜୟ ତନ୍ୱର ଅଲିମ୍ପିକ୍ସରେ ଭାରତୀୟ କୁସ୍ତି ଦଳରେ ସ୍ଥାନ ପାଇବାରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ପରେ ସେ ଜଣେ ବାଉନ୍ସର ଭାବେ ନିଜ ଜୀବିକା ନିର୍ବାହ କରିଥିଲେ। ତାଙ୍କ ସଫଳତା ଅସୋଲା-ଫତେହପୁର ବେରି ଗାଁର ଅନ୍ୟ ଲୋକଙ୍କୁ ପ୍ରେରଣା ଦେଇଥିଲା। ସେମାନେ ମଧ୍ୟ ବାଉନ୍ସର ଭାବେ କାର୍ଯ୍ୟ କରି ନିଜ ଶାରୀରିକ ଶକ୍ତିକୁ ଜୀବିକାରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲେ। ଜାତୀୟ ଗଣମାଧ୍ୟମକୁ ବିଜୟ କହିଛନ୍ତି, ସେ ଅସୋଲା-ଫତେହପୁର ବେରି ଗ୍ରାମରୁ ପ୍ରଥମ ବାଉନ୍ସର ଥିଲେ। ପରେ ଗାଁର ଅନ୍ୟ ଯୁବକମାନେ ମଧ୍ୟ ତାଙ୍କ ପଥ ଅନୁସରଣ କରିବା ଆରମ୍ଭ କରିଥିଲେ। ଏବେ ଗାଁର ୩୦୦ରୁ ଅଧିକ ମଲ୍ଲଯୋଦ୍ଧା ଦିଲ୍ଲୀର ବିଭିନ୍ନ କ୍ଲବ୍ ଏବଂ ବାର୍ଗୁଡ଼ିକରେ ବାଉନ୍ସର ଭାବେ କାର୍ଯ୍ୟ କରୁଛନ୍ତି। ସେ ଆହୁରି କହିଛନ୍ତି, ସ୍ୱାସ୍ଥ୍ୟ ହିଁ ଧନ, ସ୍ୱାସ୍ଥ୍ୟ ହିଁ ଧନ। ଏହି ଉକ୍ତି ଗାଁର ମୂଳମନ୍ତ୍ର ଭାବେ ପରିଣତ ହୋଇଛି। ଗ୍ରାମର ଯୁବପିଢ଼ି ବ୍ୟାୟାମ ଏବଂ କସରତ କରି କେବଳ ସୁସ୍ଥ ରହୁନାହାନ୍ତି ବରଂ ସେମାନେ ବାଉନ୍ସର ଭାବେ କାର୍ଯ୍ୟ କରି ଭଲ ଅର୍ଥ ମଧ୍ୟ ରୋଜଗାର କରୁଛନ୍ତି। ଫଳରେ ଅସୋଲା-ଫତେହପୁର ଗ୍ରାମରେ ଅନେକ ପରିବାରର ଆର୍ଥିକ ଅବସ୍ଥା ଧୀରେ ଧୀରେ ସୁଧୁରୁଥିବା ବିଜୟ କହିଛନ୍ତି। ଏହି ଗ୍ରାମର ଯୁବକମାନେ ସ୍ଥାନୀୟ ଆଖଡ଼ାରେ କଠୋର ତାଲିମ ନେଇଥାନ୍ତି, ଯେଉଁଠାରେ ସେମାନେ ପ୍ରତିଦିନ ଅନେକ ଶହ ପୁସ୍-ଅପ୍, ସିଟ୍-ଅପ୍ ଏବଂ କୁସ୍ତି ଅଭ୍ୟାସ କରନ୍ତି। ପିଢ଼ି ପରେ ପିଢ଼ି ଧରି ଏଠାରେ ମଲ୍ଲଯୋଦ୍ଧାମାନଙ୍କ ଦ୍ୱାରା ଚାଲିଆସୁଥିବା ଶୃଙ୍ଖଳିତ ଜୀବନଶୈଳୀ ଅସୋଲା-ଫତେହପୁର ବେରି ଗ୍ରାମକୁ ଦେଶର ଶକ୍ତିଶାଳୀ ଗ୍ରାମ ଭାବେ ପରିଚୟ ଦେଇଛି। ଗାଁରେ ମଦ୍ୟପାନ ଏବଂ ତମାଖୁ ସେବନ ଉପରେ ବାରଣ ରହିଛି। ସେହିପରି ଗାଁର ଯୁବପିଢ଼ିମାନେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଗ୍ରହଣ କରିବା ସହ ନିଜ ନିଜର ଶାରୀରିକ ତାଲିମ ପାଇଁ ଅନେକ ଘଣ୍ଟା ସମୟ ଦେଇଥାନ୍ତି।

## ଥାଇରଏଡ ରୋଗୀ କେଉଁ ଖାଦ୍ୟ ଖାଇବେ ?



**ବର୍ତ୍ତମାନ ସମୟରେ ପ୍ରତ୍ୟେକ ବୟସ ବର୍ଗର ବ୍ୟକ୍ତି ଥାଇରଏଡର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଏହି ରୋଗ ୫୦ ବର୍ଷ ବୟସ ପରେ ହେଉ ଥିବାବେଳେ ବର୍ତ୍ତମାନ ୩୦ରୁ ୩୫ ବର୍ଷ ବୟସରେ ଲୋକଙ୍କୁ ଗ୍ରାସ କରୁଛି। ପୁରୁଷଙ୍କ ତୁଳନାରେ ମହିଳାମାନେ ଥାଇରଏଡର ଶିକାର ହେବାର ଆଶଙ୍କା ୧୦ ଗୁଣ ଅଧିକ। ବିଶେଷକରି ଗର୍ଭାବସ୍ଥା ଏବଂ ମେନୋପୋଜ ସମୟରେ ଏହି ବିପଦ ବଢ଼ିଥାଏ।**
**ଥାଇରଏଡ ଗ୍ରନ୍ଥିର ମୁଖ୍ୟ କାର୍ଯ୍ୟ ହେଉଛି ମେଟାବୋଲିଜିମ୍ ନିୟନ୍ତ୍ରଣ କରିବା। କେବଳ ଏହା ମାଧ୍ୟମରେ ଶରୀର ଶକ୍ତି ପାଇଥାଏ। ଥାଇରଏଡ୍ ବଢ଼ିଗଲେ ଓଜନ ବୃଦ୍ଧିପାଏ ଏବଂ ହରମୋନ୍ ଅସନ୍ତୁଳିତ ହୋଇଯାଏ। ତେଣୁ ଥାଇରଏଡକୁ ନିୟନ୍ତ୍ରଣ କରିବା ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। କେଉଁ କେଉଁ ଖାଦ୍ୟ ଖାଇବା ଦ୍ୱାରା ଥାଇରଏଡ ନିୟନ୍ତ୍ରଣରେ ରହିବ, ଜାଣନ୍ତୁ...**
**ନଡ଼ିଆ:** ଜଳଖିଆରେ ଚିପ୍ସ ଏବଂ ବିସ୍କୁଟ ପରି ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ପରିବର୍ତ୍ତେ ସୁସ୍ଥ ଓ ପ୍ରାକୃତିକ ଖାଦ୍ୟ ଆପଣାନ୍ତୁ। ଏଥିରେ ପଇଡ ପାଣି ସର୍ବୋତ୍ତମ।କାରଣ ଏହା ମେଟାବୋଲିଜିମରେ ଉନ୍ନତି ଆଣି ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ।
**ଅଁଳା:** ଅଁଳା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ ସି ଭରପୂର ପରିମାଣରେ ଥାଏ। ଅଁଳାରୁ ମିଳୁଥିବା ଉପାଦାନ ଥାଇରଏଡକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏହାକୁ ଦୈନନ୍ଦିନ ଖାଦ୍ୟରେ ଯୋଗ କରିବା ଫଳରେ ଥାଇରଏଡରେ ପୀଡିତ ଲୋକଙ୍କ ପାଇଁ ଲାଭଦାୟକ ହୋଇପାରେ।
**ସଜନା:** ସଜନାରେ ପ୍ରୋଟିନ୍, ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ସି ଏବଂ ଭିଟାମିନ୍ ଏ ଥାଏ, ଯାହା ଥାଇରଏଡ୍ ହରମନକୁ ସନ୍ତୁଳନ କରିବାରେ ସାହାଯ୍ୟ କରିଥାଏ।
**କଖାରୁ ମଞ୍ଜି :** କଖାରୁ ମଞ୍ଜିରେ ଅଧିକ ପରିମାଣରେ ଜିଙ୍କ ରହିଥାଏ। ଜିଙ୍କ ଶରୀରରେ ଥାଇରଏଡ୍ ହରମନର ସନ୍ତୁଳନ ବଜାୟ ରଖେ।

## ଆଜିକାଲି ମହିଳାମାନେ ଚାହୁଁ ନାହାନ୍ତି ବିବାହ



ଆଜିର ସମୟରେ ସାମାନ୍ୟ କଥାକୁ ନେଇ କଳି-ଝଗଡା ଯୋଗୁଁ ବୈବାହୀକ ସଂପର୍କ ଦୀର୍ଘସ୍ଥାୟୀ ହେଉନି। ଛୋଟ ଛୋଟ କଥାକୁ ନେଇ ସଂପର୍କରେ ତାଲା ପଡୁଛି। ସାରା ଭାରତରେ ଛାଡପତ୍ର ଏକ ସାଧାରଣ କଥା ହୋଇଗଲାଣି। ଯାହା କ୍ଷେତ୍ରରେ ଏହା ଘଟୁଛି ସେମାନେ ଚାପରେ ରହିବା ସ୍ୱାଭାବିକ।
ସେଥିପାଇଁ ଆଜିକାଲି ଅନେକ ମହିଳା 'ନୋ ମ୍ୟାରେଜ୍' ନୀତିକୁ ଆପଣାଉଛନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ କୌଣସି ପାର୍ଟନର୍ ଅପେକ୍ଷା ସିଙ୍ଗଲ୍ ରହିବାରେ ସେମାନେ ଅଧିକ ଖୁସି।
ଆଜିକାଲି ଖୁସିର ଅର୍ଥ ହେଉଛି ଆଜିର ଆଧୁନିକ ମହିଳାମାନେ ଆଉ ବିବାହକୁ ଆବଶ୍ୟକ ବୋଲି ଭାବୁ ନାହାନ୍ତି। ସେମାନେ କୌଣସି ଜଣେ ବ୍ୟକ୍ତିଙ୍କ ସହିତ ସମ୍ପର୍କରେ ରହିବା କିମ୍ବା ବିବାହ କରିବା ପରିବର୍ତ୍ତେ ଏକା ରହିବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ଏବଂ ସେମାନେ ଏଥିରେ ଖୁସି ମଧ୍ୟ ପାଉଛନ୍ତି।
ତେବେ ଏହା ନୁହେଁ ଯେ ସେମାନେ କୌଣସି ବାଧହୋଇ ଏହି କାମ କରୁଛନ୍ତି। ଏହି ଟ୍ରେଣ୍ଡ୍ ପଛରେ କିଛି ମୁଖ୍ୟ କାରଣ ମଧ୍ୟ ରହିଛି। ତେବେ ଆସନ୍ତୁ ଜାଣିବା ଏହା ପଛର କାରଣ କ'ଣ।
**ସ୍ୱାଧୀନତାର ଇଚ୍ଛା:** ଆଜିର ମହିଳାମାନେ ନିଜେ ରୋଜଗାର କରି ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହୋଇଗଲେଣି, ଏବଂ ନିଜର ନିଷ୍ପତ୍ତି ନିଜେ ନେବାକୁ ପସନ୍ଦ କରନ୍ତି। ସେ କୌଣସି ବିଷୟରେ ଅନ୍ୟମାନଙ୍କ ହସ୍ତକ୍ଷେପକୁ ପସନ୍ଦ କରୁ ନାହାନ୍ତି।
**କ୍ୟାରିୟର୍ ପ୍ରତି ଧ୍ୟାନ:** ଆଜିର ପିଢ଼ି ନିଜ କାମ ପ୍ରତି ଅଧିକ ସମର୍ପିତ ହୋଇଗଲେଣି। ସେମାନଙ୍କ ପାଇଁ କ୍ୟାରିଅର ସବୁଠାରୁ ବଡ଼ ପ୍ରାଥମିକତା ପାଲଟିଯାଇଛି। ଏହା ପରେ ଯାଇ ବିବାହକୁ ନେଇ ଚିନ୍ତା କରାଯାଉଛି। କାମରେ ବ୍ୟସ୍ତ ହୋଇଯିବାର କିଛି ଦିନ ପରେ ମନରୁ ବିବାହର ଚିନ୍ତା ଦୂରେଇ ଯାଉଛି।
**ବ୍ୟକ୍ତିଗତ ଅଭିବୃଦ୍ଧି:** ଏକାକୀ ରହିବା ଦ୍ୱାରା, ସେମାନେ ନିଜକୁ ଭଲ ଭାବରେ ବୁଝିପାରୁଛନ୍ତି, ତାଙ୍କର ହବି ପୂରଣ କରିପାରୁଛନ୍ତି ଏବଂ ଯୁଆଡେ ଇଚ୍ଛା ସିଆଡେ ବୁଲିପାରୁଛନ୍ତି। ଏହା ବ୍ୟତୀତ, ପରିବାର ଏବଂ ପିଲା ନଥିବାରୁ କେବଳ କାମକୁ ଛାଡିଦେଲେ ଅନ୍ୟ ସମୟରେ ଜୀବନକୁ ମସ୍ତିର ସହ ଉପଭୋଗ କରୁଛନ୍ତି।
ସମାଜର ପରିବର୍ତ୍ତନଶୀଳ ମନୋଭାବ:
ପୂର୍ବରୁ ବିବାହ ନ କରିବା କିମ୍ବା ବିବାହ ନ ହୋଇପାରୁଥିବାରୁ ସମାଜ ଏହାକୁ ଏକ ବଡ଼ କ୍ଷତି ବୋଲି ଭାବୁଥିଲା। ଏବେ କିନ୍ତୁ ଏକା ରହିବା କିମ୍ବା ବିବାହ ନ କରିବା ଦ୍ୱାରା କୌଣସି ଫରକ ପଡୁନି। ସମୟ ସହିତ ଲୋକଙ୍କ ଚିନ୍ତାଧାରା ମଧ୍ୟ ବହୁତ ପରିବର୍ତ୍ତନ ହୋଇଛି।
ଖରାପ ସମ୍ପର୍କର ଭୟ:
ସମାଜରେ ଅନେକ ମହିଳା ବିଷାକ୍ତ କିମ୍ବା ଅସଫଳ ସମ୍ପର୍କକୁ ଭୟ କରନ୍ତି, ଯେଉଁ କାରଣରୁ ସେମାନେ ନିଜର ଖୁସି ଏବଂ ନିଜର ମାନସିକ ଶାନ୍ତିକୁ ଅଧିକ ପ୍ରାଥମିକତା ଦିଅନ୍ତି। ଏହା ମଧ୍ୟ ଅବିବାହିତ ରହିବାର ଏକ କାରଣ।

## ପୋଇ ଚିଙ୍ଗୁଡ଼ି ରସା

**ଆବଶ୍ୟକ ସାମଗ୍ରୀ :** ଚିଙ୍ଗୁଡ଼ି, ପୋଇପତ୍ର, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ପୋସ୍ତ, ଧନିଆ ପତ୍ର, କଞ୍ଚା ଲଙ୍କା, ଜିରା, ଧନିଆ, ନଡ଼ିଆ ରସ ଓ ଲୁଣ।
**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ପୋସ୍ତ, ଧନିଆପତ୍ର, ଲଙ୍କା, ଜିରା ଓ ଧନିଆକୁ ବାଟି ଦିଅନ୍ତୁ। ବର୍ତ୍ତମାନ ଏକ ମାଟି ପଲମରେ ତେଲ ଗରମ କରି କଟା ପୋଇ ପତ୍ରକୁ ଅଳ୍ପ ଭାଜି ଦିଅନ୍ତୁ। ସେଗୁଡ଼ିକୁ କାଢ଼ି ଦେଇ ସେହି ପଲମରେ ପୁଣି ଥରେ ତେଲ ଗରମ କରି ପ୍ରସ୍ତୁତ କରିଥିବା ବଟା ମସଲାକୁ ପକାଇ କଷନ୍ତୁ। ମସଲା କଷି ହୋଇଯିବା ପରେ ଅଳ୍ପ ଲୁଣ ଓ ଚିଙ୍ଗୁଡ଼ି ପକେଇ ଭଲ ଭାବେ ଗୋଳେଇ ଘୋଡ଼ଣି ଦେଇ ଦିଅନ୍ତୁ। ଦୁଇ ତିନି ମିନିଟ୍ ପରେ ଘୋଡ଼ଣି କାଢ଼ି ଭଜା ପୋଇପତ୍ର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ନଡ଼ିଆ ରସ, ସ୍ୱାଦ ଅନୁସାରେ ଲୁଣ ଓ କଟା କଞ୍ଚା ଲଙ୍କା ପକେଇ ଘୋଡ଼ାଇ ଦିଅନ୍ତୁ। ତିନି ଚାରି ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଗରମ ମସଲା ପକାନ୍ତୁ ଓ ପଲମକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ।ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ 'ପୋଇ ଚିଙ୍ଗୁଡ଼ି ରସା'। ଏହି ରେସିପିଟିକୁ ଗରମା ଗରମ ଭାତ କିମ୍ବା ରୁଟି ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ । ଏହି ରେସିପିଟିକୁ ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।



## ହଂସିକା ମୋଟୱାନୀଙ୍କ ଛାଡପତ୍ର



ଅଭିନେତ୍ରୀ ହଂସିକା ମୋଟୱାନୀଙ୍କୁ ନେଇ ଏକ ବଡ ଖବର ଆସୁଛି । ତାଙ୍କର ଛାଡପତ୍ର ହୋଇଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ଦୀର୍ଘ ଦିନ ହେବ ହଂସିକା ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଚର୍ଚ୍ଚା ଲାଗି ରହିଥିଲା । ଏବେ ଦୁହିଁଙ୍କର ଛାଡପତ୍ର ହୋଇଥିବା ଖବର ଆସୁଛି । ୪ ବର୍ଷର ସମ୍ପର୍କ ଭାଙ୍ଗିଛି । ଆଇନଗତ ମୋହର ବାଜିଛି । ମୁମ୍ବାଇ ବାନ୍ଦ୍ରା କୋର୍ଟ ହଂସିକା ଏବଂ ସୋହେଲଙ୍କ ଡିଭୋର୍ସ ଫାଇନାଲ କରିଛନ୍ତି । ବେଷ୍ଟ ଫ୍ରେଣ୍ଡଙ୍କ ଏକ୍ସକୁ ବିବାହ କରିଥିଲେ ହଂସିକା । ହଂସିକା ବ୍ୟବସାୟୀ ସୋହେଲଙ୍କୁ ୨୦୨୨ ଡିସେମ୍ବର ୪ରେ ବିବାହ କରିଥିଲେ । ଧୁମଧାମରେ ବାହାଘର ହୋଇଥିଲା । ହେଲେ ବାହାଘରର ୩ ବର୍ଷ ପରେ ତାଙ୍କ ବୈବାହିକ ଜୀବନରେ ତିକ୍ତତା ଆରମ୍ଭ ହୋଇଥିଲା । ଏ ନେଇ ସୋସିଆଲ ମିଡିଆରେ ଚାର୍ଚ୍ଚା ବି ଆରମ୍ଭ ହେଲା । ସୋହେଲଙ୍କ ସହ ହଂସିକାଙ୍କର ଏହି ଦ୍ୱିତୀୟ ବିବାହ ଥିଲା। ହଂସିକାଙ୍କ ବେଷ୍ଟ ଫ୍ରେଣ୍ଡ ରିଙ୍କି ବଜାଜଙ୍କ ସହ ସୋହେଲଙ୍କ ପ୍ରଥମ ବିବାହ ହୋଇଥିଲା । ସୋହେଲଙ୍କ କାହା ସହ ବି ସମ୍ପର୍କ ତିଷ୍ଠି ନାହିଁ । ସୋହେଲ ଏବଂ ହଂସିକାଙ୍କ ଛାଡପତ୍ର କାହିଁକି ହେଲେ ସେ ନେଇ କିଛି କାରଣ ଜଣାପଡିନାହିଁ । ହଂସିକା ସୋହେଲ ଖଟୁରିଆଙ୍କଠାରୁ ପାରସ୍ପରିକ ଛାଡପତ୍ର ପାଇଁ ଆବେଦନ କରିଥିଲେ । ଜୁଲାଇ ୨୦୨୪ରୁ ଦୁହେଁ ଅଲଗା ରହୁଥିଲେ । ପରିବାର, ବନ୍ଧୁ ଏବଂ ସମ୍ପର୍କୀୟ ବିବାହକୁ ବଞ୍ଚାଇବାକୁ ଯଥାସମ୍ଭବ ଚେଷ୍ଟା କରିଥିଲେ ହେଲେ ସଫଳ ହୋଇନଥିଲେ । ଶେଷରେ ଦମ୍ପତି ବିବାହ ଶେଷ କିରବାକୁ ନିଷ୍ପତ୍ତି ନେଇଛନ୍ତି ।

## ପିଲାଙ୍କର ପାଠପଢାରେ ମନ ଲାଗୁନି କି ?

**ପିଲାଙ୍କର ପାଠପଢାରେ ମନ ଲାଗୁନି ? ଏକାଗ୍ରତା ଆସୁନି ? ଘରେ ବାସ୍ତୁଦୋଷ ଥିଲେ ଏଭଳି ସମସ୍ୟା ଦେଖାଦିଏ ବୋଲି ବାସ୍ତୁବିଦ୍ କୁହନ୍ତି। ତେବେ ବାସ୍ତୁ ଅନୁସାରେ କେମିତି ହେବା ଦରକାର ପିଲାଙ୍କ ରୁମ୍ ଜାଣନ୍ତୁ ସେ ସମ୍ପର୍କରେ...**



- ବାସ୍ତୁଶାସ୍ତ୍ର ଅନୁଯାୟୀ, ପିଲାଙ୍କ ବେଡ୍‌ରୁମ୍ ପଶ୍ଚିମ ଦିଗରେ ରହିଲେ ଅନେକ ସୁ-ପ୍ରଭାବ ସେମାନଙ୍କ ଉପରେ ପଡିଥାଏ।
- ପିଲାଙ୍କ ବେଡ୍ରୁମ୍ର କବାଟ ଉତ୍ତର କିମ୍ବା ପୂର୍ବ ଦିଗରେ ରହିବା ସହ କବାଟର ଠିକ୍ ବିପରୀତ ଦିଗରେ ଝରକା ରହିଲେ ଅତି ଉତ୍ତମ ହୋଇଥାଏ।
- ସବୁଜ ରଙ୍ଗ ପିଲାଙ୍କ ରୁମ୍ ପାଇଁ ଶୁଭ। ଏହା ଶାନ୍ତି ପ୍ରଦାନ କରିବା ସହ ସେମାନଙ୍କ ମନରେ ସକାରାତ୍ମକ ଭାବନା ଆଣିଥାଏ।
- ପିଲାଙ୍କ ବେଡ୍ରୁ ରୁମ୍ର ଦକ୍ଷିଣ ପାର୍ଶ୍ୱରେ ପକାଇବା ଦରକାର। ସେ ପୁଣି କାନ୍ଥକୁ ନ ଲାଗି କାନ୍ଥରୁ ଟିକେ ଛାଡିକି ରଖିଲେ ଭଲ।
- ସେହିପରି ଶୋଇବା ସମୟରେ ପିଲାଙ୍କ ମୁଣ୍ଡ ପୂର୍ବ ଦିଗକୁ ରହିଲେ ସେମାନଙ୍କର ସ୍ମରଣ ଶକ୍ତି ବଢିଥାଏ ବୋଲି ବିଶ୍ୱାସ କରାଯାଏ।
- ଅନ୍ୟପକ୍ଷେ ପିଲାଙ୍କ ରୁମ୍ରେ ଷ୍ଟଡି ଟେବୁଲ୍କୁ ଏପରି ରଖିବା ଦରକାର, ଯେମିତିକି ସେଥିରେ ବସି ପଢିବା ସମୟରେ ପିଲାଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗ ଅଥବା ଉତ୍ତର-ପୂର୍ବ ଦିଗ ଆଡ଼କୁ ରହୁଥିବ। କୁହାଯାଏ, ଏପରି କଲେ ପିଲାଙ୍କର ପଢା ପ୍ରତି ଏକାଗ୍ରତା ବଢିଥାଏ।







# ପିଏମ୍ କିଷାନ ସହାୟତା: ଓଡ଼ିଶାର ୩୪ ଲକ୍ଷରୁ ଉର୍ଦ୍ଧ୍ୱ କୃଷକ ପାଇଲେ ୬୮୪ କୋଟି

ଭୁବନେଶ୍ୱର, (ପିପିଏସ୍): ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଏବଂ ଆମ ଅର୍ଥନୀତିର ପ୍ରକୃତ ସାରଥି। 'ଜୟ କିଷାନ'ର ନାରାକୁ ସାର୍ଥକ କରିବା ପାଇଁ କେନ୍ଦ୍ର ସରକାର ଓ ଆମ ସରକାର ସଦାସର୍ବଦା ଚେଷ୍ଟିତ। ଚାଷୀମାନଙ୍କର ଉନ୍ନତି ବିନା ଦେଶ କିମ୍ବା ରାଜ୍ୟର ବିକାଶ ଅସମ୍ଭବ ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୨ ତମ ପିଏମ୍ କିଷାନ ଉତ୍ସବ ଦିବସରେ କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଆସାମର ଗୌହାଟୀ ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ୨୨ତମ କିସ୍ତିରେ ଦେଶର ୯.୩୨ କୋଟି କୃଷକଙ୍କୁ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି।

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପିଏମ-କିଷାନ ଯୋଜନା ଚାଷୀଙ୍କୁ ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ସାହାଯ୍ୟ କରୁଛି। ଏହି ୨୦୦୦ ଟଙ୍କାର କିସ୍ତି ଏବଂ ତିନୋଟି କିସ୍ତିରେ ବର୍ଷକୁ ସର୍ବମୋଟ ୬ ହଜାର ଟଙ୍କା ହୁଏତ ସାଧାରଣ ଲୋକଙ୍କ ପାଇଁ ଏକ ସାମାନ୍ୟ ଅର୍ଥ ହୋଇପାରେ, କିନ୍ତୁ ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ତାର ପରିଶ୍ରମର ଏକ ବଡ଼ ସମ୍ମାନ। ଆଜିର ଦିନକୁ, ସାରା ଦେଶ ତଥା ରାଜ୍ୟରେ ପି.ଏମ୍ କିଷାନ ଉତ୍ସବ ଦିବସ ଭାବରେ ପାଳନ କରୁଛି। ଏଥି ସହିତ ଏହାକୁ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଓ ମଣ୍ଡିରେ ମଧ୍ୟ ପାଳନ କରାଯାଉଛି। ଏହି ଅବସରରେ କୃଷକମାନଙ୍କ ମଧ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ମାନଦଣ୍ଡ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯାଉଛି। ଆମ ରାଜ୍ୟରେ, ୩୪ ଲକ୍ଷ ୨୪ ହଜାରରୁ ଉର୍ଦ୍ଧ୍ୱ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ, ୨୨ତମ କିସ୍ତି ବାବଦକୁ ୨ ହଜାର ଟଙ୍କା ହିସାବରେ ସମୁଦାୟ ୬୮୪ କୋଟି ଟଙ୍କାର ଆର୍ଥିକ ସହାୟତା ମୋଦୀ ଜୀ ଆଜି ପ୍ରଦାନ କରୁଛନ୍ତି।



ପି.ଏମ୍ କିଷାନ ଯୋଜନାରେ ଦରକାର ହେଉଥିବା ସମସ୍ତ ବାଧ୍ୟତାମୂଳକ ମାନଦଣ୍ଡ ଯଥା ର-କଣଉ, ଜମିଜମାର ବିବରଣୀ, ଆଧାର-ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍, ଆଧାର ଅନୁଯାୟୀ ନାମ ସଂଶୋଧନ ଆଦି କାର୍ଯ୍ୟ ସମାପନ କରି ଏହି ଯୋଜନାର ସମସ୍ତ ସହାୟତା ଲାଭ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀଙ୍କୁ ଅନୁରୋଧ କରିଥିଲେ।

ସେ କହିଥିଲେ ଯେ ପି.ଏମ୍ କିଷାନ୍ ସହିତ ଆମ ସରକାର ମଧ୍ୟ ରାଜ୍ୟରେ "ସିଏମ୍ କିଷାନ" ଯୋଜନାରେ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ ଅନ୍ତର୍ଭୁକ୍ତ କରି ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ବର୍ତମାନ ସୁଦ୍ଧା ସିଏମ୍ କିଷାନ ଯୋଜନା ଅଧୀନରେ ୫୧ ଲକ୍ଷ ୫୪ ହଜାର ହିତାଧିକାରୀଙ୍କୁ ମୋଟ ୨୯୯୧ କୋଟିରୁ ଅଧିକ ଟଙ୍କାର ସହାୟତାରାଶି ପ୍ରଦାନ କରାଯାଇଛି, ଯେଉଁଥିରେ ୩୨୩୬ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ ର ଚାଷୀ ଏବଂ ୩୧ ହଜାର ୬୯୫ ଜଣ ସହରାଞ୍ଚଳର ଚାଷୀ ସାମିଲ ଅଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ସିଏମ୍ କିଷାନ ଯୋଜନାର ହିତାଧିକାରୀମାନଙ୍କ ପିଲାମାନଙ୍କୁ କୃଷି ବିଦ୍ୟାନିଧି ଯୋଜନାରେ ରାଜ୍ୟ ଭିତରେ ଏବଂ ବାହାରେ ଥିବା ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁସଙ୍ଗିକ, ନର୍ସିଂ, ଡିପ୍ଲୋମା ଏବଂ ଆଇଟିଆଇ ଭଳି ବୃତିଗତ ଏବଂ ବୈଷୟିକ ପାଠ୍ୟକ୍ରମ ଅଧ୍ୟୟନ କରିବା ପାଇଁ ଛାତ୍ରବୃତି ପ୍ରଦାନ କରାଯାଉଛି। ଏହା ଫଳରେ ସିଏମ୍ କିଷାନ ଯୋଜନା ହିତାଧିକାରୀ ପରିବାରର ଛାତ୍ରଛାତ୍ରୀ ମାନେ ବିଶେଷ ଭାବେ ଉପକୃତ ହେଉଛନ୍ତି। ୨୦୨୪-୨୫ ଶିକ୍ଷାବର୍ଷରେ ୧୩,୯୨୩ ଜଣ ଛାତ୍ରଛାତ୍ରୀ କୃଷି ବିଦ୍ୟା ନିଧି ଯୋଜନା ଅଧୀନରେ ୫୩.୬୭ କୋଟି ଟଙ୍କାର ଛାତ୍ରବୃତି ସହାୟତା ପାଇଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୫ ଗୁଣ ଅଧିକ ଥିଲା। ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ କୃଷିବିଦ୍ୟାନିଧି ଯୋଜନାରେ ଆଜି ସୁଦ୍ଧା ୬୮ ହଜାର ୯୧୫ ଛାତ୍ରଛାତ୍ରୀ ଏହି ଛାତ୍ରବୃତି ପାଇଁ ଆବେଦନ କରିଛନ୍ତି ଓ ଏଥିପାଇଁ ସେମାନଙ୍କୁ ୨୯୦ କୋଟି ଟଙ୍କାର ଛାତ୍ରବୃତି ପ୍ରଦାନ କରାଯିବ ଯାହାକି ଏକ ସର୍ବକାଳୀନ ରେକର୍ଡ।

ଆମ ସରକାର କେନ୍ଦ୍ର ସରକାରଙ୍କ ସହ ମିଶି କୃଷକମାନଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଆମେ କେବଳ ଧାନ ଚାଷରେ ସୀମିତ ନରହି ଡାଲି ଜାତୀୟ ଫସଲ, ପନିପରିବା, ଫଳ ଏବଂ ଅର୍ଥକାରୀ ଫସଲ ଉପରେ ଧ୍ୟାନ ଦେବା ଉଚିତ। ଓଡ଼ିଶାର ମାଟି ଅତ୍ୟନ୍ତ ଉର୍ବର ଏବଂ ଏହାର ସଦୁପଯୋଗ କରି ଆମେ କୃଷି ରପ୍ତାନି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିବା। ଆଜିର ଦିନରେ କୃଷକ ଭାଇ ଓ ଭଉଣୀ ମାନଙ୍କୁ ଅନୁରୋଧ, ସେମାନେ ଉଦ୍ଭକ୍କ ଉସ-ଙ୍ଖରବ୍ବସଲସମବସ୍ସକ୍ଟଭ ଉପରେ ଧ୍ୟାନ ଦିଅନ୍ତୁ। ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଶଂସନୀୟ ଅଗ୍ରଗତି କରିଥିଲେ ହେଁ, ଆମକୁ ଆଗକୁ ଆସୁଥିବା ଆହ୍ୱାନ ଗୁଡ଼ିକ ପ୍ରତି ସଚେତନ ରହିବାକୁ ହେବ। ଜଳବାୟୁ ପରିବର୍ତନ, ଅନିୟମିତ ପାଣିପାଗ, ଜଳାଭାବ ଏବଂ ମୃତିକା କ୍ଷୟ ଆମ କୃଷି ପାଇଁ ଗମ୍ଭୀର ବିପଦ ସୃଷ୍ଟି କରୁଛି। କୃଷି ବିଶେଷଜ୍ଞମାନଙ୍କ ମତରେ କୃଷି କ୍ଷେତ୍ରରେ ନବସୃଜନ, ଜଳବାୟୁ-ସହନଶୀଳ ପଦ୍ଧତି, ଡିଜିଟାଲ୍ ସମାଧାନ ଏବଂ ଗୋଷ୍ଠୀ-ଭିତ୍ତିକ ଆଭିମୁଖ୍ୟ ହିଁ ଆମକୁ ଏକ ସ୍ଥାୟୀ ଖାଦ୍ୟ ପ୍ରଣାଳୀ ଆଡ଼କୁ ନେଇଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଏହି ବର୍ଷର ପ୍ରଥମ ପିଏମ୍- କିଷାନ କିସ୍ତି ଆଜି ପ୍ରଦାନ କରାଯାଉଛି। ୨୨ ତମ କିସ୍ତିରୁ ବଞ୍ଚିତ ଯୋଗ୍ୟ ଚାଷୀଙ୍କୁ ଆଧାର-ବ୍ୟାଙ୍କ ଲିଙ୍କ୍, ଜମିଜମା ସଂକ୍ରାନ୍ତୀୟ ପରିଚୟପତ୍ର ଠିକ ଭାବେ ଦାଖଲ କରିବାକୁ କହିଥିଲେ। ଏହାଦ୍ୱାରା କୌଣସି ବି ଯୋଗ୍ୟ ଚାଷୀ ସହାୟତା ପାଇବାରୁ ଆଉ ବାଦ ପଡ଼ିବେ ନାହିଁ। ଏଥିରେ ପ୍ରଦାନ କରାଯାଉଥିବା ଟଙ୍କା ଭଲ ଫସଲ ଅମଳ କରିବାରେ ସହାୟକ ହେଉଛି। ଚଳିତ ବର୍ଷ ପ୍ରଚୁର ମାତ୍ରାରେ ଫସଲ ହେଇଛି ଯାହା ଜାତୀୟ ହାର ଠାରୁ ମଧ୍ୟ ଅଧିକ। ଏଥିସହ କୃଷକଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ନୂତନ ପଦକ୍ଷେପ ଗୁଡ଼ିକ ଯଥା ମୟୁରଭଞ୍ଜ ଓ ବଲାଙ୍ଗୀର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ସୋନପୁର ଜିଲ୍ଲାରେ ମତ୍ସ୍ୟ ମହାବିଦ୍ୟାଳୟ ନିର୍ମାଣ ପାଇଁ ଅନୁମତି ପ୍ରଦାନ ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ, ଏକାମ୍ର-ଭୁବନେଶ୍ୱର, ବାବୁ ସିଂ ମହୋଦୟ, ବିଧାୟକ, ଖୋର୍ଦ୍ଧା, ପ୍ରଶାନ୍ତ ଜଗଦେବ, କୃଷି ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର ପ୍ରଭାତ କୁମାର ରାଉଳନିର୍ଦ୍ଦେଶକ, କୃଷି ଏବଂ ଖାଦ୍ୟ ଉତ୍ପାଦନ, ଶ୍ରୀ ଶୁଭମ ସକ୍‌ସେନା ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜ ପ୍ରମୁଖ ମଂଚାସୀନ ଥିଲେ।

## ନେପାଳବାସୀଙ୍କ ଦାଦନ ଯନ୍ତ୍ରଣା
# ପେଟପୋଷିବାକୁ ଗାଁ ଛାଡୁଛନ୍ତି ଲୋକେ



ଓଡ଼ଗାଁ, (ପିପିଏସ): ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କ ଅସହ୍ୟ ଯନ୍ତ୍ରଣା ଦିନକୁଦିନ ଚରମସୀମାରେ ପହଞ୍ଚିଛି।ରୋଜଗାର ହରାଇବାପରେ ଗାଁଲୋକେ ପେଟପୋଷିବା ପାଇଁ ଦାଦନ ଖଟିବାକୁ ଯାଉଛନ୍ତି। ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ନେପାଳବାସୀଙ୍କୁ ଏବେ ଦାଦନ ଯନ୍ତ୍ରଣା ଘାରିଛି।ଗାଁରେ କାମଧନ୍ଦା ମିଳୁନଥିବାରୁ ଲୋକମାନେ ଦାଦନ ଖଟିବାକୁ ଯାଉଥିବା ମହିଳାମାନେ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା ନେପାଳ ଗାଁକୁ ରାସ୍ତାଘାଟଠାରୁ ଆରମ୍ଭକରି ବିଦ୍ୟୁତ୍, ଶିକ୍ଷା,ସ୍ୱାସ୍ଥ୍ୟ ଆଦି ଯୋଜନା ଅପହଞ୍ଚ ହୋଇ ରହିଥିଲା। ତତ୍କାଳୀନ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଗାଁରେପହଞ୍ଚି ସତ ପରଖିବାପରେ ପ୍ରତି ଘରକୁ ସୋଲାର ଲାଇଟ୍, ପାନୀୟଜଳ ଓ ଶିକ୍ଷା କ୍ଷେତ୍ରରେ ପଦକ୍ଷେପ ନେଇଥିଲେ। ସେଥିରେ କିଛିଟା ସୁଧାର ଆସିଥିଲେ ମଧ୍ୟ ରୋଜଗାର ନଥିବାରୁ ଲୋକମାନଙ୍କ ପାଇଁ ପରିବାର ଚଳାଇବା କଷ୍ଟକର ହୋଇଛି। ତେଲଲୁଣର ସଂସାର ଚଳାଇବାକୁ କାମଧନ୍ଦା ମିଳୁନଥିବାରୁ ଗାଁ ଛାଡ଼ି ଲୋକମାନେ ଦାଦନ ଖଟିବାକୁ ଯାଉଛନ୍ତି। କିଛିଦିନ ତଳେ ଏକ ଦଲାଲ ଆସି ଗାଁରୁ ୮ରୁ ୧୦ ଜଣ ଲୋକଙ୍କୁ ନେଇ ଚେନ୍ନାଇ ଯାଇଥିବାବେଳେ ଆଜି ୮ରୁ ୧୦ ଜଣ ଲୋକ ଦାଦନ ଯାଉଥିବା ଜଣାପଡ଼ିଛି। ଗାଁର ମହିଳାମାନଙ୍କ କହିବା କଥା ଆଖପାଖରେ କାମଧନ୍ଦା ମିଳୁନି। ନୟାଗଡ଼ କିମ୍ବା ଭୁବନେଶ୍ୱର, କଟକ ଗଲେ ଠିକାଦାର ଲୋକଙ୍କ ସରଳତାର ସୁଯୋଗ ନେଇ ଟଙ୍କା ନଦେଇ ଠକି ଦେଉଛି। ଏପଟେ ପରିବାର ଚଳାଇବାକୁ ସରକାରଙ୍କ ପକ୍ଷରୁ ମିଳୁଥିବା ୫କେଜି ଚାଉଳ ୧୫ ଦିନ ଯାଉନଥିବାରୁ ଭୋକ ଉପବାସରେ ରହିବାକୁ ପଡୁଛି। ତେଣୁ ଗାଁ ଛାଡ଼ିବାକୁ ବାଧ୍ୟ ହେଉଥିବା ଗାଁର ବାସନ୍ତୀ ଜାନି, ସବିତା ଜାନି, ଯଶୋଦା ଜାନି, ଜୟନ୍ତୀ ଜାନି, ଭଞ୍ଜିତା ଜାନି, ବିଷ୍ଣୁପ୍ରିୟା ନାୟକ କହିଛନ୍ତି। ବଡ଼କଥା ହେଉଛି ମହିଳାମାନେ ଜଙ୍ଗଲରୁ ପତ୍ରସଂଗ୍ରହ କରି ଖଲି ଏବଂ ଠୁଙ୍ଗା ତିଆରି କରି ବଜାରରେ ନେଇ ବିକ୍ରି କରିଥାନ୍ତି। ଏବେ ଖରାଦିନ ହୋଇଥିବାରୁ ସବୁଗଛ ପତ୍ରଝଡ଼ା ଦେବାରୁ ଏହି ରୋଜଗାର ବନ୍ଦ ହୋଇଯାଇଛି। ଗାଁର ପୁରୁଷମାନେ ଦାଦନରେ ଖଟି ଯାହା ରୋଜଗାର କରନ୍ତି ସେଥିରେ ପରିବାରର ଗୁଜୁରାଣ ମେଣ୍ଟିଥାଏ ବୋଲି କହିଛନ୍ତି। ଏପଟେ ରାଜ୍ୟ ସରକାର ଲୋକଙ୍କ ପାଇଁ ମାଳମାଳ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମନରେଗା କାର୍ଯ୍ୟଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ଶ୍ରମିକଙ୍କୁ ନିୟୋଜିତ କରୁଛନ୍ତି। ହେଲେ ଲୋକମାନେ ସେହି ଦାଦନ ଉପରେ ଭରସା କରିଥିବାର ଠୋସ ପ୍ରମାଣ ଦେଖିବାକୁ ମିଳିଛି।ଶ୍ରମବିଭାଗ ମଧ୍ୟ ଲୋକଙ୍କ ପାଇଁ ଏକପ୍ରକାର ସ୍ଥାଣୁ ପାଲଟିଯାଇଛି। ଲୋକଙ୍କ ସୁଖଦୁଃଖରେ ସାମିଲହୋଇ ସେବା ପ୍ରଦାନ କରିବାକୁ ଗ୍ରାମବାସୀ ଦାବିକରିଛନ୍ତି।

# ଶିଳ୍ପ ବିଭାଗ ବଜେଟ୍ 'ବିକଶିତ ଓଡ଼ିଶା ୨୦୩୬'ର ପରିକଳ୍ପନାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ

ଭୁବନେଶ୍ୱର, (ପିପିଏସ): ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶୁକ୍ରବାର ରାଜ୍ୟ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଶିଳ୍ପ ବିଭାଗର ବଜେଟ୍ ଆକଳନ ଉପସ୍ଥାପନ କରିଛନ୍ତି, ଯାହାକି ପାରିତ ହୋଇଯାଇଛି। ଏହା ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ପୁଞ୍ଜିନିବେଶ ଆକର୍ଷିତ କରିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ।

ଏହି ଅବସରରେ ଶିଳ୍ପ ମନ୍ତ୍ରୀ, ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ବିଭାଗର ଭୂମିକା ନେଇ ସୂଚନା ଦେଇଛନ୍ତି। ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା, ଶିଳ୍ପ ଭିତ୍ତିଭୂମି ନିର୍ମାଣ, ପ୍ରକଳ୍ପ ସହାୟତା ଏବଂ ପ୍ରଗତିଶୀଳ ନୀତିଗତ ଢାଞ୍ଚାର କାର୍ଯ୍ୟକାରିତା ମାଧ୍ୟମରେ ଓଡ଼ିଶାକୁ ଭାରତର ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଗଢି ତୋଳିବାକୁ ବିଭାଗ ପକ୍ଷରୁ କରାଯାଉଥିବା ଉଦ୍ୟମ ନେଇ ସେ ସୂଚନା ଦେଇଛନ୍ତି। ଗତ ବର୍ଷକ ମଧ୍ୟରେ ଓଡିଶା ସରକାର ରାଜ୍ୟକୁ ପୁଞ୍ଜିନିବେଶ ନେଇ ଅନେକ ପଦକ୍ଷେପ ନେଇଛନ୍ତି। ଓଡ଼ିଶା-ଟେକ୍ସ ୨୦୨୫, ଓଡ଼ିଶା ଫାର୍ମା ସମ୍ମିଳନୀ ଏବଂ ରାଉରକେଲାରେ ଆୟୋଜିତ 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ଭଳି ଜାତୀୟସ୍ତରର କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ପୁଞ୍ଜିନିବେଶ ଆକର୍ଷଣ ଉଦ୍ୟମକୁ ବହୁଗୁଣିତ କରିଛନ୍ତି।

୨୦୨୫ ମସିହା ମଧ୍ୟରେ ଓଡ଼ିଶା ସରକାର ୧.୬୮ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶରେ ୮୦ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି, ଯାହା ୧.୪୩ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି।

'ଉତ୍କର୍ଷ ଓଡ଼ିଶା– ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫' ରାଜ୍ୟର ପୁଞ୍ଜିନିବେଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ସମ୍ମିଳନୀରେ ୨୦ଟି କ୍ଷେତ୍ରରେ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୫୯୩ଟି ନିବେଶ ପ୍ରସ୍ତାବ ଆସିଛି, ଯାହା ପ୍ରାୟ ୧୨.୮୮ ଲକ୍ଷ ନିଯୁକ୍ତି ସୁଯୋଗ ସମ୍ଭାବନା ସୃଷ୍ଟି କରିଛି। ଜୁନ୍ ୨୦୨୪ ପରଠାରୁ, ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଏବଂ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି ୮.୧୫ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବିତ ପୁଞ୍ଜିନିବେଶ ସହିତ ୩୯୨ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି, ଯାହା ମାଧ୍ୟମରେ ୫ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଶିଳ୍ପ ନିୟାମକ ପ୍ରକ୍ରିୟାରେ ଓଡିଶାର ସଂସ୍କାରକୁ ଜାତୀୟସ୍ତରରେ ବଡ଼ ସ୍ୱୀକୃତି ମିଳିଛି। ଭାରତ ସରକାରଙ୍କ ଶିଳ୍ପ ଏବଂ ଆନ୍ତରିକ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ଦ୍ୱାରା ପ୍ରକାଶିତ 'ବିଜନେସ୍ ରିଫର୍ମ ଆକ୍ସନ୍ ପ୍ଲାନ୍'ରେ ଓଡ଼ିଶାକୁ 'ଟପ୍ ଆଚିଭର୍' ମାନ୍ୟତା ଦିଆଯାଇଛି। ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ଏବଂ ପ୍ରକଳ୍ପଗୁଡ଼ିକୁ ସ୍ଥାନୀୟସ୍ତରରେ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ 'ଜିଲ୍ଲା ପୁଞ୍ଜିନିବେଶ ପ୍ରୋତ୍ସାହନ ଏଜେନ୍ସି' କାର୍ଯ୍ୟକ୍ଷମ ହୋଇଛି।

ରାଜ୍ୟ ସରକାର ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଶିଳ୍ପାଞ୍ଚଳର ବିକାଶ, ଶିଳ୍ପ କରିଡର ଏବଂ କ୍ଷେତ୍ର-ଭିତ୍ତିକ ଶିଳ୍ପ ପାର୍କଗୁଡିକର ଉନ୍ନତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ନୂତନ ଫୁଡ୍ ପାର୍କ ନିର୍ମାଣ, ଖୋର୍ଦ୍ଧାରେ ଟେକ୍ସଟାଇଲ୍ ପାର୍କର ବିକାଶ, ଅନୁଗୋଳରେ ଆଲୁମିନିୟମ୍ ପାର୍କ ଏବଂ ପାରାଦୀପର ପ୍ଲାଷ୍ଟିକ୍ ପାର୍କର ସମ୍ପ୍ରସାରଣ କରାଯାଉଛି। ଏହି ସବୁ ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେଉଛି ରାଜ୍ୟରେ ଅନୁସଙ୍ଗିକ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହନ ଦେବା ଏବଂ ଶିଳ୍ପ ଉତ୍ପାଦନର ସମ୍ପୂର୍ଣ୍ଣ ପ୍ରକ୍ରିୟା ବା ଭାଲ୍ୟୁ-ଚେନ୍ ?କୁ ଅଧିକ ଶକ୍ତିଶାଳୀ କରିବା।

ଓଡ଼ିଶାର ଶିଳ୍ପ ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ସରକାର ୨୦୨୬-୨୭ ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ମୋଟ ୧,୨୦୦ କୋଟି ଟଙ୍କା ଓ ପ୍ରତିଷ୍ଠାନ ଓ ପରିଚାଳନା ଖର୍ଚ୍ଚ ବାବଦକୁ ୭.୨୯ କୋଟି ଟଙ୍କାର ବଜେଟ୍ ବ୍ୟୟ ଅଟକଳ ପ୍ରସ୍ତାବ ରଖିଛନ୍ତି। ଏଥିରେ ଏସଆଇଡିବିଆଇ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ଏବଂ ଦୀନ ଦୟାଲ କର୍ମଚାରୀ ନିବାସ ଅଧୀନରେ ଶିଳ୍ପ ଶ୍ରମିକଙ୍କ ପାଇଁ ହଷ୍ଟେଲ ନିର୍ମାଣ ନିମନ୍ତେ ୨୪୩ କୋଟି ଟଙ୍କା, ଶିଳ୍ପାଞ୍ଚଳଗୁଡ଼ିକର ଉନ୍ନତୀକରଣ ପାଇଁ ଶିଳ୍ପ ଭିତ୍ତିଭୂମି ରକ୍ଷଣାବେକ୍ଷଣ ପାଣ୍ଠି ବାବଦକୁ ୧୬୦ କୋଟି ଟଙ୍କା ଏବଂ ପାଇପଲାଇନ ଓ ବିଦ୍ୟୁତ୍ ଯୋଗାଣ ଭଳି ବାହ୍ୟ ଭିତ୍ତିଭୂମିର ବିକାଶ ପାଇଁ ଶିଳ୍ପ ଭିତ୍ତିଭୂମି ବିକାଶ ପାଣ୍ଠି ଅଧୀନରେ ୧୫୦ କୋଟି ଟଙ୍କା ରହିଛି।

ସରକାର 'ଉତ୍କର୍ଷ ଓଡ଼ିଶା – ମେକ୍ ଇନ୍ ଓଡ଼ିଶା' ପାଇଁ ୧୨୫ କୋଟି ଟଙ୍କା ଏବଂ ଶିଳ୍ପ ପ୍ରକଳ୍ପ ପାଇଁ ଜମିର ଉପଲବ୍ଧତା ସୁନିଶ୍ଚିତ କରିବାକୁ 'ଲ୍ୟାଣ୍ଡ ବ୍ୟାଙ୍କ' ଯୋଜନା ଅଧୀନରେ ୧୦୧.୭୨ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଶିଳ୍ପ ଏବଂ ଚଳଚ୍ଚିତ୍ର ନୀତି ପ୍ରୋତ୍ସାହନ ପାଇଁ ୧୨୩.୨୦ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତାବିତ ହୋଇଛି, ଯେଉଁଥିରେ ବୃହତ ଶିଳ୍ପଗୁଡ଼ିକୁ ଭାଟ୍ /ଜିଏସଟି ଫେରସ୍ତ ଆକାରରେ ଆର୍ଥିକ ସହାୟତା,ଆଇପିଆର ଅଧୀନରେ ସବସିଡି, ବୃହତ ଶିଳ୍ପଗୁଡ଼ିକ ପାଇଁ ସୁଧ ସବସିଡି ଏବଂ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ନୀତି ଅଧୀନରେ ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା ସାମିଲ ଅଛି।

କ୍ଷେତ୍ରଭିତ୍ତିକ ପଦକ୍ଷେପଗୁଡ଼ିକ ମଧ୍ୟରେ ଅନୁଗୋଳସ୍ଥିତ ଆଲୁମିନିୟମ୍ ପାର୍କର ସମ୍ପ୍ରସାରଣ ପାଇଁ ୯୦ କୋଟି ଟଙ୍କା, ଶିଳ୍ପ କରିଡରର ବିକାଶ ପାଇଁ ୪୦ କୋଟି ଟଙ୍କା ଏବଂ କଳିଙ୍ଗ ଷ୍ଟୁଡିଓର ପୁନଃବିକାଶ ତଥା ଓଡ଼ିଶା ଚଳଚ୍ଚିତ୍ର ବିକାଶ ନିଗମକୁ ଅନୁଦାନ ବାବଦରେ ୪୫ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ଅନ୍ୟାନ୍ୟ ଆବଣ୍ଟନ ମଧ୍ୟରେ ଟେକ୍ସଟାଇଲ୍ ପାର୍କ ପାଇଁ ୨୨ କୋଟି ଟଙ୍କା, ମେଗା ଫୁଡ୍ ପାର୍କ ପାଇଁ ୨୦ କୋଟି ଟଙ୍କା ଏବଂ ପାରାଦୀପସ୍ଥିତ ପ୍ଲାଷ୍ଟିକ୍ ପାର୍କ ପାଇଁ ୧୫ କୋଟି ଟଙ୍କା ରହିଛି।

ନୂତନ ପଦକ୍ଷେପଗୁଡ଼ିକ ମଧ୍ୟରେ ଓଡ଼ିଶା ରେୟାର୍ ଆର୍ଥ ମିନେରାଲ୍ କରିଡରର ବିକାଶ ପାଇଁ ୧୦ କୋଟି ଟଙ୍କା ଏବଂ ପ୍ରମୁଖ ଶିଳ୍ପ କ୍ଲଷ୍ଟରଗୁଡ଼ିକରେ ଶିଳ୍ପ ଟାଉନସିପ୍ ନିର୍ମାଣ ପାଇଁ ୧୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିସହିତ ପୁଞ୍ଜିନିବେଶ ସହାୟତା ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବାକୁ ଜିଲ୍ଲା ପୁଞ୍ଜିନିବେଶ ପ୍ରୋତ୍ସାହନ ଏଜେନ୍ସି ପାଇଁ ୨୧ କୋଟି ଟଙ୍କା, ପୁଞ୍ଜିନିବେଶ ପ୍ରୋତ୍ସାହନ ପରାମର୍ଶଦାତା ସେବା ପାଇଁ ୮.୪୦ କୋଟି ଟଙ୍କା, ଏସଏଲଏଫସି /ଡିଏଲଏଫ୍ସି ର ବିକାଶ ପାଇଁ ୮.୨୦ କୋଟି ଟଙ୍କା, ଇପିକଲ୍ ର ସିଙ୍ଗଲ୍ ୱିଣ୍ଡୋ ସେବା ପାଇଁ ୩.୭୦ କୋଟି ଟଙ୍କା ଏବଂ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ପୁଞ୍ଜିନିବେଶ ଓ ରପ୍ତାନି ପ୍ରୋତ୍ସାହନ କାର୍ଯ୍ୟାଳୟ ର ସୁଦୃଢ଼ୀକରଣ ପାଇଁ ୨୦ ଲକ୍ଷ ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି।

ରାଜ୍ୟ ସରକାର ଶିଳ୍ପ ଶ୍ରମିକମାନଙ୍କୁ ସହାୟତା ଏବଂ ଶିଳ୍ପ ସମ୍ପ୍ରସାରଣ ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ଶିଳ୍ପ କ୍ଲଷ୍ଟରଗୁଡ଼ିକ ନିକଟରେ ଶିଳ୍ପ ଟାଉନସିପ୍ ଏବଂ ଶ୍ରମିକ ହଷ୍ଟେଲ ବିକାଶ ମାଧ୍ୟମରେ ଶ୍ରମିକ କଲ୍ୟାଣ ତଥା ଶିଳ୍ପ ସହରୀକରଣ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି।

ଶିଳ୍ପଗୁଡ଼ିକୁ ସହାୟତା ପ୍ରଦାନ ଏବଂ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଶିଳ୍ପ ନୀତି ପ୍ରସ୍ତାବ ୨୦୨୨ ଅଧୀନରେ ଏସଜିଏସଟି ଫେରସ୍ତ, ବିଦ୍ୟୁତ୍ ଶୁଳ୍କ ଛାଡ଼, ପୁଞ୍ଜିନିବେଶ ସବସିଡି, ନିଯୁକ୍ତି ଖର୍ଚ୍ଚ ସବସିଡି ଏବଂ ଷ୍ଟାମ୍ପ ଡ୍ୟୁଟି ଛାଡ଼ ଭଳି ପ୍ରତିଯୋଗିତାମୂଳକ ପ୍ରୋତ୍ସାହନ ଜାରି ରଖିଛନ୍ତି।

## ବର୍ଷକ ମଧ୍ୟରେ ୫୦୦ ମେଟ୍ରିକ ଟନ୍ ପଣ୍ୟ ପରିବହନ କରି ପୂର୍ବତଟ ରେଳପଥ ହେଲା ଦେଶରେ ପ୍ରଥମ ରେଳ ଜୋନ୍

ଭୁବନେଶ୍ୱର, (ପିପିଏସ୍): ଗୋଟିଏ ବର୍ଷରେ ୫୦୦ ନିୟୁତ ଟନ୍ ମାଲ ପରିବହନ କରିବାରେ ଭାରତୀୟ ରେଳବାଇ ଇତିହାସରେ ଏକମାତ୍ର ରେଳ ଜୋନ୍ ହୋଇ ପୂର୍ବ ତଟ ରେଳପଥ ଏକ ଐତିହାସିକ ମାଇଲଖୁଂଟ ହାସଲ କରିଛି। ବର୍ଷକ ମଧ୍ୟରେ, ପୂର୍ବ ତଟ ରେଳପଥ ୨୬୨.୯ ନିୟୁତ ଟନ୍ ଲୋଡିଂ ପରିଚାଳନା କରି ୧୦.୪% ଅଭିବୃଦ୍ଧି ହାସଲ କରିଛି, ସେହିସମୟ ମଧ୍ୟରେ ଅନଲୋଡିଂ ୨୩୭.୬ ମେଟ୍ରିକ ଟନରେ ପହଂଚିଛି, ଯାହା ପୂର୍ବ ଅବଧି ତୁଳନାରେ ୯% ପ୍ରତିଶତ ଅଭିବୃଦ୍ଧି ଦର୍ଶାଉଛି। ଉଭୟ ଲୋଡିଂ ଏବଂ ଅନଲୋଡିଂରେ ସନ୍ତୁଳିତ ଅଭିବୃଦ୍ଧି ସମଗ୍ର ଜୋନରେ ଦୃଢ଼ ଲଜିଷ୍ଟିକ୍ସ ନେଟୱାର୍କ ଏବଂ ଦକ୍ଷ ପଣ୍ୟ ପରିବହନ ପରିଚାଳନାକୁ ଦର୍ଶାଉଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ, ଉନ୍ନତ ପରିଚାଳନାଗତ ଦକ୍ଷତା, ଶିଳ୍ପ ସଂସ୍ଥାମାନଙ୍କ ସହିତ ବର୍ଦ୍ଧିତ ସମନ୍ୱୟ ଏବଂ ଅନୁକୂଳ ପଣ୍ୟ ପରିବହନ ପରିଚାଳନା ରଣନୀତି ଗୁଡ଼ିକୁ ପ୍ରତିଫଳିତ କରୁଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଂଟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହିତ ବଲ୍କ ସାମଗ୍ରୀ ଗୁଡିକ ଏହି ରେକର୍ଡ ଲୋଡିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି।

ପଣ୍ୟ ପରିବହନରେ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଏହାର ଆଭ୍ୟନ୍ତରୀଣ ଅଂଚଳରେ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ କରେ। ନିରନ୍ତର ତଦାରଖ, ଅଭିନବ କାର୍ଯ୍ୟକ୍ଷମ ଅଭ୍ୟାସ ଏବଂ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏହି ମାଇଲଖୁଣ୍ଟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ପୂର୍ବତଟ ରେଳପଥ ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଗମ ଏବଂ ନିର୍ଭରଯୋଗ୍ୟ ପରିବହନ ସୁନିଶ୍ଚିତ କରି ଶିଳ୍ପ, ବନ୍ଦର ଏବଂ ବ୍ୟବସାୟକୁ ସମର୍ଥନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ମାଲ ପରିବହନ ସେବାକୁ ଆହୁରି ସୁଦୃଢ଼ କରିବା ଏବଂ ଅଂଚଳର ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ଦେବା ପାଇଁ ଏହି ଅଞ୍ଚଳ ପ୍ରତିବଦ୍ଧ। ଅତ୍ୟାବଶ୍ୟକ ସାମଗ୍ରୀ ଗୁଡ଼ିକର ସୁଗମ ଏବଂ ନିର୍ଭରଯୋଗ୍ୟ ପରିବହନ ସୁନିଶ୍ଚିତ କରି ଶିଳ୍ପ, ବନ୍ଦର ଏବଂ ବ୍ୟବସାୟକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଏହି ଜୋନ୍ ପଣ୍ୟ ପରିବହନ ସେବାକୁ ଆହୁରି ମଜବୁତ କରିବା ଏବଂ ଏହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ କରିବାକୁ ପ୍ରତିବଦ୍ଧ।

## ଏନ୍‌ପିଏସଟିଓ ଏନଏମଏମ୍‌ର ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ
# ବ୍ୟକ୍ତି, ସମାଜ ଓ ଜାତିର ଭବିଷ୍ୟତ ଗଢ଼ିବାରେ ଶିକ୍ଷା ମୁଖ୍ୟ ଭୂମିକା ନିଭାଏ: ରାଜ୍ୟପାଳ

ଭୁବନେଶ୍ୱର, (ପିପିଏସ୍): ବ୍ୟକ୍ତି, ସମାଜ ଓ ଜାତିର ଭବିଷ୍ୟତ ଗଢ଼ିବାରେ ଶିକ୍ଷା ମୁଖ୍ୟ ଭୂମିକା ନିଭାଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶୁକ୍ରବାର ଦିନ ଆଇଆଇଟି ଭୁବନେଶ୍ୱରରେ ଆୟୋଜିତ ନ୍ୟାସନାଲ୍ ପ୍ରୋଫେସନାଲ୍ ଷ୍ଟାଣ୍ଡାର୍ଡସ୍ ଫର୍ ଟିଚର୍ସ (ଏନପିଏସଟି) ଓ ନ୍ୟାସନାଲ୍ ମିଶନ୍ ଫର୍ ମେଂଟରିଙ୍ଗ (ଏନଏମଏମ୍) ର ଦେଶବ୍ୟାପୀ କାର୍ଯ୍ୟାନ୍ୱୟନ ପାଇଁ ହିତଧାରୀମାନଙ୍କ କ୍ଷମତାବୃଦ୍ଧି ସମ୍ପର୍କିତ ଜାତୀୟ ସମ୍ମିଳନୀ-୨୦୨୬ ର ଉଦଘାଟନୀ ସମାରୋହରେରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି।

ଏହି ସମ୍ମିଳନୀରେ ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ଓଡ଼ିଶା, ସିକ୍କିମ, ତ୍ରିପୁରା ଓ ପଶ୍ଚିମବଙ୍ଗ ରାଜ୍ୟରୁ ଶିକ୍ଷାବିତ, ଶିକ୍ଷକ, ପ୍ରଶାସକ, ନୀତିନିର୍ଦ୍ଧାରକ ଓ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେବା ସହିତ ବିଦ୍ୟାଳୟ ଶିକ୍ଷା ଓ ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏସ୍.ସି.ଇ.ଆର୍‌ଟି.)ର ନିର୍ଦ୍ଦେଶକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ଅଧକ୍ଷ, ରାଜ୍ୟ ନୋଡାଲ୍ ଅଧିକାରୀ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସିବିଏସଇ ଓ ରାଜ୍ୟ ବୋର୍ଡ ବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷକମାନଙ୍କ ଉପସ୍ଥିତି ଭାରତର ଶିକ୍ଷା ପରିବେଶର ବିବିଧତା ଓ ସମନ୍ୱୟକୁ ପ୍ରକାଶ କରିଛି ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ।



ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ମନୋଭାବ, ଜିଜ୍ଞାସା ଓ ଦାୟିତ୍ୱବୋଧ ଗଢ଼ି ତୋଳି ଦେଶର ଭବିଷ୍ୟତ ନିର୍ମାଣ କରନ୍ତି। ଭାରତର ପ୍ରାଚୀନ ଗୁରୁ–ଶିଷ୍ୟ ପରମ୍ପରା ଜ୍ଞାନ, ମୂଲ୍ୟବୋଧ ଓ ଚରିତ୍ର ଗଢ଼ିବାରେ ଶିକ୍ଷକଙ୍କ ମହତ୍ୱକୁ ପ୍ରତିପାଦନ କରେ ଓ ବର୍ତମାନ ବିଶ୍ୱ ଦ୍ରୁତ ଗତିରେ ପରିବର୍ତନଶୀଳ ହେଉଥିବାରୁ ଶିକ୍ଷା ବ୍ୟବସ୍ଥା ମଧ୍ୟ ସମୟୋଚିତ ଭାବେ ପରିବର୍ତିତ ହେବା ଆବଶ୍ୟକ। ପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତା, ଡିଜିଟାଲ୍ ସଂଯୋଗ ଓ ବିଶ୍ୱ ସଂଯୋଜନ ନୂତନ ସୁଯୋଗ ଓ ଆହ୍ୱାନ ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷିତରେ ଛାତ୍ରଛାତ୍ରୀଙ୍କୁ କେବଳ ପରୀକ୍ଷା ପାଇଁ ନୁହେଁ ବରଂ ନବସୃଜନ, ଉଦ୍ୟମିତା ଓ ବିଶ୍ୱସ୍ତରୀୟ ଆହ୍ୱାନ ପାଇଁ ପ୍ରସ୍ତୁତ କରିବା ଦରକାର ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ।

ରାଜ୍ୟପାଳ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଅଧୀନରେ ଜାତୀୟ ଶିକ୍ଷା ନୀତି–୨୦୨୦ ଭାରତର ଶିକ୍ଷା ପ୍ରଣାଳୀକୁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁରୂପ ଗଢ଼ିବା ପାଇଁ ଏକ ଦୂରଦର୍ଶୀ ରୋଡମ୍ୟାପ୍ ପ୍ରଦାନ କରିଛି। ଶିକ୍ଷା ସଂସ୍କାର କେବଳ ନୀତିରେ ସୀମିତ ନୁହେଁ; ଶିକ୍ଷକମାନେ ସଶକ୍ତ ହେଲେ ହି ପ୍ରକୃତ ପରିବର୍ତନ ସମ୍ଭବ ବୋଲି ରାଜ୍ୟପାଳ କହିଥିଲେ। ଏହି ଦୃଷ୍ଟିକୋଣକୁ ବାସ୍ତବ ପଦକ୍ଷେପ ମାଧ୍ୟମରେ ରୂପାନ୍ତରିତ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିବାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୂରଦର୍ଶୀ ନେତୃତ୍ୱକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

ରାଜ୍ୟପାଳ ଆହୁରି ମଧ୍ୟ କହିଥିଲେ ଯେ ଯଦିଓ ଜାତୀୟ ଶିକ୍ଷା ନୀତି–୨୦୨୦ କାର୍ଯ୍ୟକାରୀ ହେବାର ପାଂଚ ବର୍ଷରୁ ଅଧିକ ସମୟ ଅତିକ୍ରମ କରିଛି, ତଥାପି ଏହା ମନେ ରଖିବା ଉଚିତ୍ ଯେ ଶିକ୍ଷା ସଂସ୍କାର କେବଳ ନୀତି ଦସ୍ତାବିଜ୍ ମାଧ୍ୟମରେ ହାସଲ ହୋଇନଥାଏ। ପ୍ରକୃତ ପରିବର୍ତନ କେବଳ ଶିକ୍ଷକମାନଙ୍କୁ ଆବଶ୍ୟକୀୟ ଦକ୍ଷତା, ମାନଦଣ୍ଡ ଏବଂ ବୃତିଗତ ସହାୟତା ପ୍ରଦାନ କରାଯିବା ଦ୍ୱାରା ହିଁ ସମ୍ଭବ ହୋଇଥାଏ। ଏହିପରି ସମ୍ମିଳନୀ ଏହି କାରଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ନୀତିକୁ ବ୍ୟବହାରିକତା ସହିତ ମିଶାଇବାର ଏକ ମଞ୍ଚ ସୃଷ୍ଟି କରେ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ।

ଜାତୀୟ ଶିକ୍ଷା ନୀତି ୨୦୨୦ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ମଧ୍ୟରେ ଶିକ୍ଷକଙ୍କ ପାଇଁ ଜାତୀୟ ବୃତିଗତ ମାନଦଣ୍ଡ ଏବଂ ଜାତୀୟ ମେଣ୍ଟରିଂ ମିଶନ ବୋଲି ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଜାତୀୟ ଶିକ୍ଷା ନୀତି ୨୦୨୦ ଭାରତର ଶିକ୍ଷା କ୍ଷେତ୍ରରେ ଏକ ବ୍ୟାପକ ପରିବର୍ତନ ଆଣିଛି, ଯେଉଁଥିରେ ଶିକ୍ଷକ ବିକାଶ, ବୃତିଗତତା ଏବଂ ନିରନ୍ତର ଶିକ୍ଷଣକୁ ଜାତୀୟ ପରିବର୍ତନର କେନ୍ଦ୍ରବିନ୍ଦୁରେ ରଖାଯାଇଛି।

ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ଏକ ପ୍ରମୁଖ ଉଦ୍ୟମ ଏନପିଏସଟି ଶିକ୍ଷକମାନଙ୍କୁ ଏକ ସ୍ପଷ୍ଟ ବୃତ୍ତିଗତ ପରିଚୟ ପ୍ରଦାନ କରେ। ଏହା ଆଶା, ଦକ୍ଷତା, ମୂଲ୍ୟବୋଧ ଏବଂ କ୍ୟାରିୟର ବିକାଶର ପଥକୁ ନିର୍ଦ୍ଦିଷ୍ଟ କରିଥାଏ। ଜାତୀୟ ମେଣ୍ଟରିଂ ମିଶନ ଅଧୀନରେ ବିଦ୍ୟାଳୟ ଶିକ୍ଷକମାନଙ୍କୁ ସହାୟତା ଓ ମେଣ୍ଟରିଂ ପ୍ରଦାନ କରିବାକୁ ଇଚ୍ଛୁକ ଉତ୍କୃଷ୍ଟ ବୃତିଗତମାନଙ୍କର ଏକ ବୃହତ୍ ପୁଲ୍ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ବୟସ କିମ୍ବା ପଦବୀ ନିର୍ବିଶେଷରେ ଏହି ମେଣ୍ଟରମାନେ ଶିକ୍ଷକ ଗୋଷ୍ଠୀକୁ ସବଳ କରିବାରେ ଏବଂ ଦେଶର ଏକବିଂଶ ଶତାବ୍ଦୀର ବିକାଶ ଲକ୍ଷ୍ୟକୁ ଆଗେଇ ନେବାରେ ଯୋଗଦାନ ଦେବେ। ଏହି ମିଶନ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ମେଣ୍ଟରିଂ ସହାୟତାକୁ ଗୁରୁତ୍ୱ ଦିଏ ଏବଂ ଶିକ୍ଷକମାନଙ୍କ ମଧ୍ୟରେ କ୍ରସ୍-ଲର୍ନିଂକୁ ପ୍ରୋତ୍ସାହିତ କରି ସେମାନଙ୍କର ନିରନ୍ତର ବୃତ୍ତିଗତ ବିକାଶକୁ ସମର୍ଥନ କରେ ଏବଂ ଶ୍ରେଣୀଗୃହରେ ଶିକ୍ଷଣ ଓ ଶିକ୍ଷାର ଗୁଣବତାକୁ ଉନ୍ନତ କରିବ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ଏନପିଏସଟି ଏବଂ ଏନଏମଏମ ମିଳିତ ଭାବେ ବୃତ୍ତିଗତ ବିକାଶର ଏକ ଦୃଢ଼ ପରିବେଶ ସୃଷ୍ଟି କରନ୍ତି ଯାହା ଶିକ୍ଷକମାନଙ୍କୁ ଶିକ୍ଷଣର ସୁବିଧାକାରୀ, ଛାତ୍ରମାନଙ୍କର ମେଣ୍ଟର ଏବଂ ଶିକ୍ଷଣ ପଦ୍ଧତିରେ ନବସୃଜନକାରୀ ଭାବେ ପରିଣତ କରିବାରେ ସଶକ୍ତ କରିବା ଦ୍ୱାରା ଶ୍ରେଣୀଗୃହଗୁଡ଼ିକୁ ସବଳ କରିବ ବୋଲି ରାଜ୍ୟପାଳ ଆଶା ପ୍ରକଟ କରିଥିଲେ।

## ଗଞ୍ଜାମ ଜିଲ୍ଲାରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧିର ୨୨ତମ କିସ୍ତି ପ୍ରଦାନ

# ୧.୬୭ ଲକ୍ଷରୁ ଊର୍ଦ୍ଧ୍ୱ ଅନ୍ନଦାତାଙ୍କ ବ୍ୟାଙ୍କ ଖାତାକୁ ଗଲା ୩୩ କୋଟି ୫୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା

ବ୍ରହ୍ମପୁର, (ପିପିଏସ୍): ସାରା ଦେଶର କୃଷକଙ୍କ ପରି ଗଞ୍ଜାମ ଜିଲ୍ଲାର କୃଷକମାନଙ୍କ ପାଇଁ ଆଜି ଥିଲା ଏକ ଆନନ୍ଦର ଦିନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ରାଜଧାନୀ ଗୁଆହାଟୀରୁ ଡ଼ିବିଟି ମାଧ୍ୟମରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତି ଦେଶର ଅନ୍ନଦାତା ଭାଇଭଉଣୀମାନଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜ଼ିଲ୍ଲାପାଳ ଭି.କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ପିଏମ୍ କିଷାନ ଉତ୍ସବ ଦିବସ ପାଳନ କରାଯିବା ସହ ଜାତୀୟ ଓ ରାଜ୍ୟସ୍ତରୀୟ ସମାରୋହ ଓ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନର ସିଧା ପ୍ରସାରଣ କୃଷକ ଭାଇଭଉଣୀମାନଙ୍କ ପାଇଁ ଉପଲବ୍ଧ କରାଯାଇଥିଲା। ଚାଷୀଙ୍କୁ ସଶକ୍ତ ଏବଂ କୃଷିକୁ ସମୃଦ୍ଧ କରିବା ଲକ୍ଷ୍ୟ କ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ଗଞ୍ଜାମ ଜିଲ୍ଲାର ୧,୬୭,୭୪୬ କୃଷକ ପରିବାରଙ୍କୁ ୩୩,୫୪,୯୨,୦୦୦ ଟଙ୍କାର ସହାୟତା ରାଶି ଡ଼ିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି। ବ୍ଲକ ଅନୁଯାୟୀ ହିତାଧିକାରୀଙ୍କ ସଂଖ୍ୟା ହେଲା ଆସିକା ବ୍ଲକରେ ୮୧୦୨, ବେଗୁନିଆପଡାରେ ୮୪୬୩, ବେଲଗୁଣ୍ଠରେ ୬୬୫୪, ଭଞ୍ଜନଗରରେ ୫୭୮୯, ବୁଗୁଡାରେ ୭୨୦୭, ଛତ୍ରପୁରରେ ୪୨୫୧, ଚିକିଟିରେ ୫୩୦୪, ଧରାକୋଟରେ ୬୨୨୩, ଦିଗପହଣ୍ଡିରେ ୧୪୧୫୩, ଗଞ୍ଜାମ ବ୍ଲକରେ ୫୪୪୬, ହିଞ୍ଜିଳିକାଟୁରେ ୬୩୭୮, ଜଗନ୍ନାଥପ୍ରସାଦରେ ୮୮୫୨, କବିସୂର୍ଯ୍ୟନଗରରେ ୬୧୨୩, ଖଲ୍ଲିକୋଟରେ ୧୦୦୬୩, କୁକୁଡାଖଣ୍ଡିରେ ୫୪୬୦, ପାତ୍ରପୁରରେ ୭୫୩୦, ପୋଲସରାରେ ୮୬୩୩, ପୁରୁଷୋତ୍ତମପୁରରେ ୮୫୧୧, ରଙ୍ଗେଇଲୁଣ୍ଡାରେ ୫୪୫୪, ସାନଖେମୁଣ୍ଡିରେ ୧୧୧୬୮, ଶେରଗଡରେ ୯୮୦୩ ଏବଂ ସୋରଡା ବ୍ଲକରେ ୮୧୬୯ କୃଷି ପରିବାର ଏହି ଯୋଜନାରେ ଲାଭାନ୍ୱିତ ହେବେ। ଆଜି ପ୍ରଧାନମନ୍ତ୍ରୀ ଦେଶର ୯.୩୨ କୋଟି ଅନ୍ନଦାତାଙ୍କ ଆକାଉଣ୍ଟକୁ ୨୨ ତମ କିସ୍ତି ହସ୍ତାନ୍ତର କରିଛନ୍ତି।

ଏହି କ୍ରମରେ ଓଡ଼ିଶାର ୩୪ ଲକ୍ଷରୁ ଅଧିକ କୃଷକ ପରିବାର ଉପକୃତ ହେଉଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା କୃଷକମାନଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା। ଏହା ଅଧୀନରେ ଜମି ଥିବା ଚାଷୀମାନଙ୍କୁ ପ୍ରତିବର୍ଷ ତିନୋଟି କିସ୍ତିରେ ୨୦୦୦ ଟଙ୍କା କରି ସର୍ବମୋଟ ୬୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହି ସହାୟତା ଚାଷୀଭାଇଭଉଣୀମାନଙ୍କୁ ଚାଷ ଋତୁ ପୂର୍ବରୁ ବିହନ, ସାର ଓ ଔଷଧ କ୍ରୟ କରିବାରେ ସାହାଯ୍ୟ କରୁଛି। ସୂଚନା ଯୋଗ୍ୟ ଯେ, ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ପିଏମ୍ କିଷାନ ପୋର୍ଟାଲରେ କୃଷକ ଭାଇଭଉଣୀମାନେ ନିଜେ ନିଜର ପଞ୍ଜିକରଣ ଓ ଆବେଦନ କରିପାରିବେ। ସମସ୍ତ ଜମି ସମ୍ପର୍କିତ ସୂଚନା କୃଷକ ଓଡିଶା ପୋର୍ଟାଲରୁ ସଂଗ୍ରହ କରାଯାଇପାରିବ। ଆଧାର ସହିତ ଲିଙ୍କ ହୋଇଥିବା ବ୍ୟାଙ୍କ ଆକାଉଣ୍ଟରୁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇ ସେହି ଆକାଉଣ୍ଟରେ ଡ଼ିବିଟି ମାଧ୍ୟମରେ ସହାୟତା ରାଶି ପ୍ରଦାନ କରାଯିବ। କୃଷକମାନଙ୍କ ଜମିର ପ୍ରକାର ପରିବର୍ତ୍ତନ କରିବାର ବ୍ୟବସ୍ଥା ମଧ୍ୟ କୃଷକ ଓଡିଶା ପୋର୍ଟାଲରେ କରାଯାଇଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ଏଗ୍ରି ଷ୍ଟାକ କୃଷକ ପଞ୍ଜିକରଣ ବାଧ୍ୟତାମୂଳକ ଅଟେ। ଆଜିର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପରିଷଦର ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଜୟ କୁମାର କର, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ଼ଃ.କନ୍ଧ ଜେନା ଓ ବରିଷ୍ଠ କୃଷି ବୈଜ୍ଞାନିକ ଡଃ.ସୁଜିତ କୁମାର ନାଥ ପ୍ରମୁଖଙ୍କ ସହିତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପିଏମ୍ କିଷାନ ଯୋଜନାର ହିତାଧିକାରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଧାମନଗର ଏନ୍‌ଏସି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

# ନାରୀଶକ୍ତିର ନେତୃତ୍ୱ: ସ୍ୱଚ୍ଛତାରେ ଧାମନଗର




ଧାମନଗର (ପିପିଏସ): ଆନ୍ତର୍ଜାତୀୟ ମହିଳା ଦିବସ ପ୍ରତିବର୍ଷ ୮ ମାର୍ଚ୍ଚରେ ପୃଥିବୀ ସାରା ପାଳନ କରାଯାଇଥାଏ।ବିଶ୍ୱର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ସମ୍ମାନ, ପ୍ରଶଂସା, ରାଜନୈତିକ ଓ ସାମାଜିକ ଉପଲବ୍ଧିର ଉପଲକ୍ଷେ ଏହାକୁ ମାର୍ଚ୍ଚ ୮ରୁ ୧୪ ଯାଏ ଉତ୍ସବ ରୂପେ ପାଳନ କରାଯାଏ। ଏହି କ୍ରମରେ ଧାମନଗର ଏନଏସି ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଛି। ଧାମନଗର ତହସିଲ ସମ୍ମୁଖସ୍ଥ (ଏନଏସି) କଲ୍ୟାଣ ମଣ୍ଡପ ଠାରେ ଶୁକ୍ରବାର ପୂର୍ବାହ୍ନରେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ନିବେଦିତା ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ସମାଜରେ ନାରୀର ଭୂମିକା ଓ କର୍ତ୍ତବ୍ୟ ଏବଂ ସେମାନଙ୍କ ପାରଦର୍ଶିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏନଏସି ଉପାଧ୍ୟକ୍ଷ ଓସୀମ ଏଜଦାନି କାଦରୀ, ୧୦ ନଂ ୱାର୍ଡ଼ କାଉନସିଲରଙ୍କ ପ୍ରତିନିଧି ତଥା ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା,୩ ନଂ କାଉନସିଲର ଏମାତୁଲ ଐନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମହିଳା ଦିବସ ଓ ଧାମନଗର ଏନଏସିର ମହିଳା ସଫେଇ କର୍ମଚାରୀଙ୍କ ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ, ପରିମଳ କର୍ମଚାରୀ ଓ ସଫେଇ କର୍ମଚାରୀଙ୍କୁ ମିଶାଇ ମୋଟ ୫୨ ଜଣଙ୍କ ସମେତ କର୍ମ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କନିଷ୍ଠ ଯନ୍ତ୍ରୀ ଶସ୍ମିତା ନାୟକ ଏବଂ ଆକାଉଣ୍ଟାଣ୍ଟ ମୁନମୁନ ବୈଶାଖଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। କାର୍ଯ୍ୟକ୍ରମରେ ଅଜୟ ବେହେରା, ଶେଷଦେବ କବି, ସଞ୍ଜୀବ ଜେନା, ମମତା ଦାସ, ମାଧବୀ ପଣ୍ଡା ଓ ଉମାମଣି ବେହେରା ପ୍ରମୁଖ ସହଯୋଗ କରିଥିଲେ।ଶେଷରେ ବିଜ୍ଞାପିତ ଅଞ୍ଚଳ ପରିଷଦର ପରିମଳ ଅଧିକାରୀ ମନୋଜ କୁମାର ଦାସ କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ ପ୍ରଦାନ ପୂର୍ବକ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୪ରୁ ସିଲିକ୍ ସିଟି ଫେଷ୍ଟ, ସୁଭଦ୍ରା ଶକ୍ତି ମେଳା ଓ ସ୍ୱଦେଶୀ ମେଳା



ବ୍ରହ୍ମପୁର, (ପିପିଏସ୍): ଚଳିତ ମାସ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ସାତ ଦିନ ଧରି ସିଲ୍‌କ ସିଟି ଫେଷ୍ଟ, ସୁଭଦ୍ରା ଶକ୍ତି ମେଳା ଓ ସ୍ୱଦେଶୀ ମେଳା ଅନୁଷ୍ଠିତ ହେବ । ଏହି ମେଳା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡ଼ିଆରେ କରାଯିବାକୁ ସ୍ଥିର ହୋଇଛି । ଜିଲ୍ଲାପାଳ ଭି.କୀର୍ତି ଭାସନ୍, ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜେସିର୍କେ ଓ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବିଭିନ୍ନ ବିଭାଗକୁ ନେଇ ଆୟୋଜିତ ସମନ୍ୱୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଆଲୋଚନା ମୁତାବକ, ସୁଭଦ୍ରା ଶକ୍ତି ମେଳା, ସ୍ୱଦେଶୀ ମେଳା, ଆତ୍ମନିର୍ଭର ଭାରତ, କୃଷି ଯନ୍ତ୍ରପାତି ମେଳାର ସମୂହ ଆୟୋଜନ କରାଯିବ। ମେଳାରେ ୨୦୦-୨୨୦ ଷ୍ଟଲ୍ ହେବ। ଯେଉଁଥିରେ ୫୦ଟି ଷ୍ଟଲରେ କୃଷି ଯନ୍ତ୍ରପାତି, ୩୦ଟି ଷ୍ଟଲରେ ଫୁଡ୍ କୋର୍ଟ, ୧୫ଟି ଷ୍ଟାର୍ଟ-ଅପ୍ ଷ୍ଟଲ୍ ରହିବ। ବୈଠକରେ ବିଏମ୍‌ସି ଆସିଷ୍ଟାଣ୍ଟ କମିଶନର ବିଶାଳ ଗୌରବ, ବିଡିଏ ପିଏମ୍‌ୟୁ ମୁଖ୍ୟ ପ୍ରଶାନ୍ତ କୁମାର ନାୟକ, କୃଷି ବିଭାଗ ଅଧିକାରୀ, ଓଡ୍ରମାସ ଅଧିକାରୀ ଓ ପୁଲିସ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ବ୍ରହ୍ମପୁରରେ ପ୍ରସ୍ତାବିତ ବୁଣାକାର କଲୋନୀ ନିର୍ମାଣ ଯୋଜନାର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଭି. କୀର୍ତି ଭାସନ୍। ପବ୍ଲିକ୍-ପ୍ରାଇଭେଟ୍ ପାର୍ଟନର୍‌ସିପ୍ (ପିପିପି) ମୋଡ୍‌ରେ ବୁଣାକର କଲୋନୀ ନିର୍ମାଣ ଏବଂ ସେମାନଙ୍କୁ ଥଇଥାନ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଜି+୨ (ଗ୍ରାଉଣ୍ଡ ଫ୍ଲୋର୍ ସହ ମୋଟ ତିନି ମହଲା) ବିଶିଷ୍ଟ କୋଠାରେ ୬୦ଟି ଗୃହ ନିର୍ମାଣ ହେବ। ତଳ ମହଲାରେ ପାଟବୁଣା ପାଇଁ ତନ୍ତ ପଡ଼ିବ। ଉପରେ ବୁଣାକାର ରହିବେ ଏବଂ ବେସ୍‌ମେଣ୍ଟରେ ପାଟ ବୁଣା ହେବ। ନିକଟରେ ବିକ୍ରି କେନ୍ଦ୍ର ରହିବ। ଉତ୍ପାଦିତ ବ୍ରହ୍ମପୁର ସିଲ୍‌କ ପାଟ ଏହି ଆଉଟ୍‌ଲେଟ୍‌ରେ ଗ୍ରାହକଙ୍କୁ ମିଳିବ। ପର୍ଯ୍ୟଟକ ଓ ଆଗନ୍ତୁକଙ୍କ ପାଇଁ ଡେମୋ ପ୍ରଦର୍ଶନୀ କେନ୍ଦ୍ର ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ପ୍ରସ୍ତାବିତ ଜମି ନିକଟରେ ଥିବା କରା ବନ୍ଧର ବିକାଶକୁ ଡିପିଆରରେ ସ୍ଥାନିତ କରିବାକୁ ଜିଲ୍ଲାପାଳ କହିଛନ୍ତି ।

# ନୀଳାଚଳ ଇସ୍ପାତ ନିଗମରେ ଅନ୍ତର୍ଜାତୀୟ ମହିଳା ଦିବସ

କଳିଙ୍ଗନଗର, (ପିପିଏସ): ଇସ୍ପାତ ନିଗମ (ଏନଆଇଏନ୍‌ଏଲ) ପକ୍ଷରୁ କମ୍ପାନୀର ମହିଳା କର୍ମଚାରୀମାନଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇ ଆନ୍ତର୍ଜାତୀୟ ମହିଳା ଦିବସ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏନଆଇଏନଏଲର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଶ୍ରୀଯୁକ୍ତ ପଦ୍ମପାଳଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ଏକ କେକ୍ କଟା ଉତ୍ସବରୁ ହୋଇଥିଲା। ଏହି ଅବସରରେ ମହିଳା କର୍ମଚାରୀମାନଙ୍କ ମଧ୍ୟରେ ବିଭିନ୍ନ ମଜାଦାର ପ୍ରତିଯୋଗିତା ଏବଂ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାହା ପ୍ଲାଣ୍ଟ ପରିସରରେ ଏକ ଆନନ୍ଦମୟ ଓ ସମାବେଶୀ ପରିବେଶ ସୃଷ୍ଟି କରିଥିଲା। ଏହି ଅବସରରେ ଶ୍ରୀଯୁକ୍ତ ପଦ୍ମପାଳ ନିଜ ଅଭିଭାଷଣରେ ମହିଳା କର୍ମଚାରୀମାନଙ୍କ ନିଷ୍ଠା ଓ କର୍ମକୁଶଳତାର ଉଚ୍ଚ ପ୍ରଶଂସା କରିଥିଲେ। କମ୍ପାନୀର କ୍ରମାଗତ ସଫଳତା ପଛରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ।

# ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର କାର୍ଯ୍ୟକର୍ତ୍ତାଙ୍କ ସହ ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷଙ୍କ ଆଲୋଚନା




ବ୍ରହ୍ମପୁର(ପିପିଏସ୍): ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର କାର୍ଯ୍ୟକର୍ତ୍ତାଙ୍କ ୧୭ଦଫା ଦାବି ଉପରେ ଟାଟା ପାୱାର ଦକ୍ଷିଣ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ(ଟିପିଏସ୍‌ଓଡିଏଲ) କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ହୋଇଛି। ଏହି ଆଲୋଚନାରେ ସଂଘ ତରଫରୁ ସଭାପତି ଆନନ୍ଦ ମହାପାତ୍ର, ମହାସଚିବ ତ୍ରିଲୋଚନ ମହାନ୍ତି, କାର୍ଯ୍ୟକାରୀ ସଭାପତି ରଶ୍ମି ଆଚାର୍ଯ୍ୟ, ଉପସଭାପତି ସରୋଜ ମିଶ୍ର, ବରିଷ୍ଠ ଉପସଭାପତି ଚିତ୍ତରଞ୍ଜନ ମଲ୍ଲିକ, ବିଦୁର ବେହେରା, ରଞ୍ଜନ ପରିଡ଼ା, ବିନୋଦ ପଣ୍ଡା, ଉମା ଦାସ ଏବଂ ଟିପିଏସ୍‌ଓଡିଏଲ ତରଫରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ୍ ଗର୍ଗ, ଟାଟା ପାୱାର ଓଡ଼ିଶା ବିତରଣ କମ୍ପାନୀ ଗୁଡ଼ିକର ମାନବସମ୍ବଳ ମୁଖ୍ୟ ଶ୍ୟାମ ଚୌଧୁରୀ ଉପସ୍ଥିତ ଥିଲେ। ଏହି ଆଲୋଚନାରେ ସଂଘର ମୁଖ୍ୟ ଦାବି ଗୁଡ଼ିକ ଯଥା ଡିପ୍ଲୋମା ଯନ୍ତ୍ରୀମାନଙ୍କର ପଦୋନ୍ନତିରେ ଥିବା ପତିବନ୍ଧକକୁ ପ୍ରତ୍ୟାହାର କରିବା, ଯାତାୟାତ ଭତ୍ତାକୁ ଓପିଟିସିଏଲ୍ ଆଦେଶ ମୁତାବକ ପ୍ରଦାନ କରିବା, ଏନ୍‌ପିଏସ ଲାଗୁ କରିବା, ପେନସନରୁ ବଞ୍ଚିତ ଯୋଗ୍ୟ ଅଧିକାରୀଙ୍କୁ ପେନସନ ଭୁକ୍ତ କରିବା, ସ୍ୱାସ୍ଥ୍ୟ ବୀମା ବୃଦ୍ଧି କରିବା ଆଦି ଦାବି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଦାବିଗୁଡ଼ିକୁ ଖୁବ୍‌ଶୀଘ୍ର ସମାଧାନ କରିବା ପାଇଁ ଟାଟା କର୍ତ୍ତୃପକ୍ଷ ସମ୍ମତି ପ୍ରଦାନ କରିଥିଲେ।

# ଶ୍ରୀଶିରିଡି ସାଇ ଚରଣ ପାଦୁକା ଦର୍ଶନ ପାଇଁ ସାଇଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ



ବ୍ରହ୍ମପୁର(ପିପିଏସ୍): ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରାଙ୍ଗଣରେ ଶ୍ରୀ ଶିରିଡି ସାଇ ଚରଣ ପାଦୁକା ଦର୍ଶନ ପାଇଁ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ହଜାର ହଜାର ସାଇଭକ୍ତଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଛି। ଗୁରୁବାର ସକାଳେ ଶିରିଡି ସାଇ ଗ୍ଲୋବାଲ ଫାଉଣ୍ଡେସନ ଅନ୍ତର୍ଗତ ମାଣ୍ଡିଆପଲ୍ଲୀସ୍ଥିତ ଶିରିଡି ସାଇ ମନ୍ଦିରରୁ ଏକ ବିରାଟ ପଟୁଆରରେ ବାବାଙ୍କ ପାଦୁକା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରାଙ୍ଗଣରେ ପହଞ୍ଚିଥିଲା। ଶିରିଡି ସାଇ ଗ୍ଲୋବାଲ ଫାଉଣ୍ଡେସନର ଅଧ୍ୟକ୍ଷ ଗୁରୁଜୀ ଡ.ଚନ୍ଦ୍ରଭାନୁ ଶତପଥୀ ପାଦୁକା ସହ ବିଶାଳ ଶୋଭାଯାତ୍ରାରେ ଆସି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରାଙ୍ଗଣରେ ପହଞ୍ଚିଥିଲେ। ଗୁରୁଜୀଙ୍କ ଉପସ୍ଥିତିରେ ପାଦୁକାକୁ ମଣ୍ଡପରେ ସ୍ଥାପନା କରାଯିବା ପରେ ଆରତୀ ଓ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସକାଳେ ଗୀତା ଭବନ ଠାରୁ ଗଞ୍ଜାମର ଆକର୍ଷଣୀୟ ଯୋଡିଶଙ୍ଖ ଓ ନାନାପ୍ରକାର ପାରମ୍ପରିକ ନୃତ୍ୟ, ବାଦ୍ୟ ଓ ନାମ କୀର୍ତ୍ତନର ତାଳେ ତାଳେ ପାଦୁକା ଶୋଭାଯାତ୍ରା ବାହାରିଥିଲା । ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ଏଥିରେ ଅଂଶ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଶିରିଡି ସ୍ଥିତ ଶ୍ରୀ ସାଇବାବା ସଂସ୍ଥାନ ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋରକ୍ଷ ଗାଡିଲକରଙ୍କ ନେତୃତ୍ୱରେ ସଂସ୍ଥାନର କର୍ମଚାରୀ, ପୂଜକ ଓ ନିରାପତ୍ତା ରକ୍ଷୀମାନଙ୍କର ଏକ ପଚିଶି ଜଣିଆ ଦଳ ପାଦୁକା ସହ ଶିରିଡିରୁ ଆସିଛନ୍ତି। ବୁଧବାର ରାତିରେ ପାଦୁକା ଭୁବନେଶ୍ୱର ବିମାନବନ୍ଦରରୁ ମାଣ୍ଡିଆପଲ୍ଲୀ ମନ୍ଦିରରେ ପହଞ୍ଚିଥିଲା। ଗୁରୁଜୀ ମଧ୍ୟ ପାଦୁକା ସହ ଆସିଥିଲେ। ଗୁରୁବାର ଦିନସାରା ସହସ୍ରାଧିକ ଭକ୍ତ ପାଦୁକା ଦର୍ଶନ କରିଥିଲେ। ଶିରିଡି ରୀତିରେ ମଧ୍ୟାହ୍ନ ଆରତୀ ଓ ସନ୍ଧ୍ୟାରେ ଧୂପ ଆରତୀ ଅନୁଷ୍ଠିତ ହୋଇଥିଲା। ଏହା ସହ ବେଦପାଠୀ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପବିତ୍ର ବେଦପାଠ କରାଯାଇଥିଲା ଏବଂ ଶ୍ରୀ ସାଇ ସତ୍ ଚରିତ ପାଠ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିରିଡି ସାଇ ଗ୍ଲୋବାଲ ଫାଉଣ୍ଡେସନ ପକ୍ଷରୁ ଅନ୍ୟ ମନ୍ଦିର ଗୁଡିକର ସହଯୋଗରେ ଏହି ପାଦୁକା ଦର୍ଶନର ଆୟୋଜନ କରାଯାଇଛି । ଶୁକ୍ରବାର ଦ୍ୱିତୀୟ ଦିବସରେ ମଧ୍ୟ ପାଦୁକା ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ସେହିପରି ୧୪ ଓ ୧୫ ତାରିଖ ଦିନ ଭୁବନେଶ୍ୱର ଜନତା ମଇଦାନରେ ପାଦୁକା ଦର୍ଶନ ସମାରୋହ ଅନୁଷ୍ଠିତ ହେବ। ଏହାପରେ ୧୬ ଓ ୧୭ ତାରିଖରେ କେନ୍ଦୁଝର ବାମପାର ସ୍ଥିତ ଶିରିଡି ସାଇ ମନ୍ଦିରରେ ପାଦୁକା ଦର୍ଶନ ଅନୁଷ୍ଠିତ ହେବ। ଗୁରୁଜୀ ଡ.ଶତପଥୀ ଭୁବନେଶ୍ୱରରେ ୧୪ ଓ ୧୫ ତାରିଖ ଏବଂ କେନ୍ଦୁଝରରେ ୧୬ ଓ ୧୭ ତାରିଖରେ ପାଦୁକା ସହ ଉପସ୍ଥିତ ରହିବେ ବୋଲି ଜଣାଯାଇଛି।

# ରମ୍ମୁ ପାତ୍ରଙ୍କ କଂଗ୍ରେସରେ ଯୋଗଦାନ ପରେ କଂଗ୍ରେସ କର୍ମୀ ଉତ୍ସାହିତ



ଚାରିଛକ,(ପିପିଏସ): ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ବୁଧବାର ଆୟୋଜିତ ଏକ ମହାମିଶ୍ରଣ ପର୍ବରେ ସତ୍ୟବ୍ରତ ପାତ୍ର (ରମ୍ମୁ) ବିଧିବଦ୍ଧ ଭାବେ ବିଜେଡ଼ି ରୁ ଇସ୍ତଫା ଦେଇ କଂଗ୍ରେସରେ ଯୋଗ ଦେଇଛନ୍ତି। ରମ୍ମୁ ପାତ୍ର ବିଜେଡି ଛାଡ଼ି ତାଙ୍କର ହଜାର ହଜାର ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହୋଇଛନ୍ତି। ସତ୍ୟବ୍ରତ ପାତ୍ରଙ୍କ କଂଗ୍ରେସରେ ଯୋଗଦାନ ପରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳ ଓ ନେତା, କର୍ମୀ ମାନେ ଉତ୍ସାହିତ ହୋଇ ପଡ଼ିଛନ୍ତି।ଏବେ ନିମାପଡ଼ାରେ ଥିବା କଂଗ୍ରେସ କାର୍ଯ୍ୟାଳୟ ଚଳଚଞ୍ଚଳ ହୋଇ ପଡ଼ିଛି। ଗତ ସାଧାରଣ ନିର୍ବାଚନ ପରଠାରୁ ନିମାପଡ଼ାରେ କଂଗ୍ରେସ ଦଳ ଏକରକମ ମୁରବୀ ଶୂନ୍ୟ ହୋଇପଡ଼ିଥିଲା। ଏବେ ସତ୍ୟବ୍ରତ କଂଗ୍ରେସରେ ଯୋଗଦେବା ପରେ ନିମାପଡ଼ା ନିର୍ବାଚନମଣ୍ଡଳୀର ମଙ୍ଗ ଧରିବେ ବୋଲି ଶତାଧିକ କଂଗ୍ରେସ କର୍ମୀ ଆସ୍ଥା ପ୍ରକଟ କରିଛନ୍ତି। ସତ୍ୟବ୍ରତଙ୍କ ନେତୃତ୍ୱରେ ନିମାପଡ଼ାରେ କଂଗ୍ରେସ ଦଳ ଅଧିକ ମଜଭୁତ ଓ ଶକ୍ତିଶାଳୀ ହେବ ବୋଲି କଂଗ୍ରେସ ଏସ୍‌ସି ସେଲ୍‌ର ଅଧ୍ୟକ୍ଷ ଗୋବିନ୍ଦ ମଲ୍ଲିକ, ବ୍ଲକ୍ ସଂଯୋଜକ ବାବୁଲି ବାରିକ, ବରିଷ୍ଠ କଂଗ୍ରେସ ନେତା ନରେନ୍ଦ୍ର ବେହେରା, ରଘୁ ବେହେରା,ପୂର୍ଣ୍ଣଚନ୍ଦ୍ର ମହାନ୍ତି, ନିଶିକାନ୍ତ ସ୍ୱାଇଁ ପ୍ରମୁଖ ଦୃଢୋକ୍ତି ପ୍ରକାଶ କରିଥିବାବେଳେ ସତ୍ୟବ୍ରତଙ୍କର ଏହା ଘରବାହୁଡ଼ା ବୋଲି କହିଛନ୍ତି। ସତ୍ୟବ୍ରତ ୨୦୦୯ ମସିହାରେ ନିମାପଡ଼ାରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ପୂର୍ବରୁ କଂଗ୍ରେସ ଦଳର ପୁରୀ ଜିଲ୍ଲା ସଭାପତି ଭାବେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ଶ୍ରୀ ପାତ୍ର କଂଗ୍ରେସକୁ ଫେରି ଥିବାରୁ ଦଳୀୟ କର୍ମୀ ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି।

# ପ୍ରଥମେଶ ହେଲେ ମାଲକାନଗିରି ଜିଲ୍ଲାପାଳ, ସସ୍ୟ ରେଡ୍ଡି ବିଏମ୍‌ସିର ନୂଆ କମିଶନର



ପ୍ରଥମେଶ ଅରବିନ୍ଦ ରାଜସିର୍କେ



ଏ.ସସ୍ୟ ରେଡ୍ଡି

ବ୍ରହ୍ମପୁର(ପିପିଏସ): ରାଜ୍ୟ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଇଏଏସ୍ ସ୍ତରରେ ଅଦଳବଦଳ ହୋଇଛି । ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) କମିଶନର ତଥା ବିଡିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ବଦଳି ହୋଇଛି । ତାଙ୍କୁ ମାଲକାନଗିରିର ନୂତନ ଜିଲ୍ଲାପାଳ ଭାବେ ସରକାର ଅବସ୍ଥାପିତ କରିଥିବା ବେଳେ ୨୦୨୨ ବ୍ୟାଚ୍ ଆଇଏଏସ୍ ଅଫିସ୍‌ର ତଥା ଜୟପୁର ଉପଜିଲ୍ଲାପାଳ ଏ.ସସ୍ୟ ରେଡ୍ଡିଙ୍କୁ ବିଏମ୍‌ସିର ନୂତନ କମିଶନର ଭାବେ ବଦଳି କରାଯାଇଛି । ତାଙ୍କୁ ବିଡିଏ ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟୀତ୍ୱ ମଧ୍ୟ ଦିଆଯାଇଛି । ବାଲେଶ୍ୱର ଉପଜିଲ୍ଲାପାଳ ଥିବା ୨୦୨୧ ଆଇଏଏସ୍ ଅଫିସ୍‌ର ପ୍ରଥମେଶ ଅରବିନ୍ଦ ଗତ ଜୁନ୍ ମାସରେ ବିଏମ୍‌ସି କମିଶନର ଭାବେ ଦାୟୀତ୍ୱ ନେଇଥିଲେ । ୯ମାସ କାର୍ଯ୍ୟକାଳ ଅବଧିରେ ସେ ନୂଆବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ଠାରୁ ଆରମ୍ଭକରି ସହରର ସମସ୍ତ କାନ୍ଥରେ ଫଟୋଚିତ୍ର ଓ ପ୍ୟାଣ୍ଟିଂ କରିବା ସହ ବ୍ରହ୍ମପୁର ପାର୍ଶ୍ୱବର୍ତ୍ତୀ ପଞ୍ଚାୟତ ମିଶ୍ରଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଗଞ୍ଜାମ ହାଟ, ପୁରୁଣା ବସ୍‌ଷ୍ଟାଣ୍ଡ ବହୁତଳ କାର୍ ପାର୍କିଂ କମ୍ପ୍ଲେକ୍ସ, ଶୁଭଦ୍ରା ଶକ୍ତି ବଜାର ନିର୍ମାଣ ତ୍ୱରାନ୍ୱିତ କରିଥିଲେ। ଏହାସହ କୁକୁର ବନ୍ଧ୍ୟାକରଣ ଯୋଜନା, ହୁଗୁଳାପଟାରେ ଗୋ-ଶାଳା କାର୍ଯ୍ୟକ୍ରମ, ଗୋପାଳପୁର ପ୍ରସ୍ତାବିତ୍ ବ୍ଲ୍ୟୁ-ଫ୍ଲାଗ୍‌ବ୍ରିଜ୍ ରୁପାନ୍ତିକରଣ, ସୋନପୁରରେ ୱାଟର ସ୍ପୋର୍ଟ୍ସ, ରକ୍ ଗାର୍ଡେନ ଓ ଗୋପାଳପୁର ଇକୋ ରିଟ୍ରିଟ୍‌କୁ ଘରୋଇ ସଂସ୍ଥାକୁ ହସ୍ତାନ୍ତର ଆଦି ପଦକ୍ଷେପ ନେଇ ସହରବାସୀଙ୍କ ଜନପ୍ରିୟ ହୋଇଥିଲେ । ଏପରିକି ସହରବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବହୁ ଉନ୍ନୟନ ଯୋଜନାର ରୂପରେଖ ପ୍ରସ୍ତୁତ କରୁଥିବା ବେଳେ ତାଙ୍କୁ ଅଚାନକ ବଦଳିକୁ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି ସହରବାସୀ । ଅରବିନ୍ଦଙ୍କ ବଦଳି ବ୍ରହ୍ମପୁର ବିକାଶକୁ ଦିଗହରା କରିବ ବୋଲି ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି । ଏପରିକି ତାଙ୍କ ବଦଳି ବାତିଲ୍ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମେଲ୍ ଜରିଆରେ ଅନୁରୋଧ କରାଯାଇଛି । ତେବେ ଜଣେ ଦକ୍ଷ ଅଧିକାରୀ ସହରର ବିକାଶ ଦିଗରେ ଅଣ୍ଟା ଭିଡୁଥିବା ବେଳେ ତାଙ୍କର ଏଭଳି ଅଚାନକ ବଦଳିକୁ ନେଇ ସହରସାରା ଚର୍ଚ୍ଚା ହେଉଛି ।

# ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ



ଚାରିଛକ, (ପିପିଏସ): ନିକଟସ୍ଥ ତୁଳସୀପୁର ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ସୁଧବାରିମୂଳ ଗ୍ରାମର ଗୌରାଙ୍ଗ ଚରଣ ମଲ୍ଲିକ (୭୪) ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗତକାଲି ରାତ୍ର ଏଗାର ଘଟିକାରେ ଖାଇସାରି ଶୋଇବା ପାଇଁ ଯାଉଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ପରଲୋକରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଛି। ପୁଅ ଅଜୟ ମଲ୍ଲିକ ମୁଖାଗ୍ନୀ ଦେଇଥିଲେ। ତାଙ୍କ ମୃତ୍ୟୁରେ ଚାରିଛକ ଓ ତୁଳସୀପୁର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଜାଳେଣି ଗ୍ୟାସ୍ ଦରବୃଦ୍ଧି ଏବଂ କଳାବଜାରୀ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ



ନୟାଗଡ଼, (ପିପିଏସ୍): ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଜାଳେଣି ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ଆଜି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ରଣଜିତ ଦାଶଙ୍କ ନେତୃତ୍ୱରେ ସ୍ଥାନୀୟ ଓଡଗାଁ ଛକଠାରେ କଂଗ୍ରେସ କାର୍ଯ୍ୟକର୍ତ୍ତା ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ନିତ୍ୟବ୍ୟବହାର୍ଯ୍ୟ ଗ୍ୟାସ ସିଲିଣ୍ଡର ପିଛା ୬୦ଟଙ୍କା ବୃଦ୍ଧି କରି ହାଣ୍ଡିଶାଳରେ ଚଡକ ପକାଇଛନ୍ତି ବୋଲି ଡିସିସି ସଭାପତି ଶ୍ରୀ ଦାଶ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ତୃଟିପୂର୍ଣ୍ଣ ବିଦେଶନୀତି ପାଇଁ ଦେଶବ୍ୟାପି ଗ୍ୟାସ ସଙ୍କଟ ଦେଖାଦେଇଛି। ଗତକାଲି ବିଧାନସଭାରେ କଂଗ୍ରେସ ବିଧାୟକ ମାନେ ରାଜ୍ୟରେ ଗ୍ୟାସ ସଙ୍କଟ ଏବଂ କଳାବଜାରୀ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରି ଘେରିବାରୁ ସରକାରଙ୍କ ଚାପରେ ଜିଲ୍ଲାପାଳ ମାନେ ସାମ୍ବାଦିକ ସମ୍ମିଳନୀ କରି ଜିଲ୍ଲା ମାନଙ୍କରେ ପର୍ଯ୍ୟାପ୍ତ ଗ୍ୟାସ ମହଜୁଦ ଥିବା କହିଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା ରହିଛି। ଆଜି ସମଗ୍ର ଜିଲ୍ଲାରେ ପ୍ରତ୍ୟେକ ଗ୍ୟାସ ବିତରକ ସଂସ୍ଥା ସାମ୍ନାରେ ଲୋକେ ଖାଲି ସିଲିଣ୍ଡର ଧରି ଲମ୍ବା ଲାଇନ ଲଗାଇ ଥିଲେ ମଧ୍ୟ ଗ୍ୟାସ ମିଳି ପାରୁନାହିଁ ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ। ଗ୍ୟାସ ସିଲିଣ୍ଡର ପିଛା କଳାବଜାରୀମାନେ ୧୬୦୦ ଟଙ୍କା ନେଉଥିବାରୁ ଛୋଟଛୋଟ ଚା, ଜଳଖିଆ, ଚାଟ ଗୁପଚୁପ ଦୋକାନୀ ମାନେ ଘୋର ପ୍ରଭାବିତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଯଦି ଏହି ପ୍ରାୟୋଜିତ କଳାବଜାରୀ ପ୍ରତି ସଜାଗ ନରୁହନ୍ତି ତେବେ ଆଗାମୀ ଦିନରେ ଭୟଙ୍କର ଗ୍ୟାସ ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ଡିସିସି ସଭାପତି ଶ୍ରୀ ଦାଶ କହିଛନ୍ତି କ୍ଷ ଡିସିସି ଉପସଭାପତି ବିଭୁପ୍ରସାଦ ମିଶ୍ର, ଅମଜାଦ ଖାଁ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରସାଦ ପରିଡା, ପୀତବାସ ଖୁଣ୍ଟିଆ, କୃଳେଶ ଚନ୍ଦ୍ର ମହାନ୍ତି, ସତ୍ୟନାରାୟଣ ସୁରଜଗଦେବ, ଜିଲ୍ଲା ମନରେଗା ଆନ୍ଦୋଳନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାନ୍ତ, ନୟାଗଡ଼ ମ୍ୟୁନିସିପାଲିଟି ସଭାପତି ରାଜକିଶୋର ଜେନା, ନୟାଗଡ଼ ବ୍ଲକ ସଭାପତି ହାସୀମ ଖାଁ, ନୂଆଗାଁ ବ୍ଲକ ସଭାପତି ଅଶୋକ କୁମାର ନାୟକ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ମହିଳା କଂଗ୍ରେସ ନେତ୍ରୀ ସୁଜାତା ନାଏକଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା, ଯୁବ ଛାତ୍ର ମହିଳା ନେତୃବୃନ୍ଦ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଖୋଜା ପଡ଼ିଲାଣି କାଠଚୁଲା, ଅସ୍ତରଙ୍ଗରୁ ଗ୍ୟାସ୍ ଉଭାନ

# ୧୨ଶହରୁ ୧୫ଶହ ଟଙ୍କାରେ ସିଲିଣ୍ଡର ବିକ୍ରି



ଅସ୍ତରଙ୍ଗ, (ପିପିଏସ୍): ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧର ତାଣ୍ଡବଲୀଳା ଏବେ ଓଡିଶାର ରୋଷେଇ ଶାଳକୁ ଧୀରେ ଧୀରେ ଶୀତଳ କରିବାରେ ଲାଗିଛି। ଯୁଦ୍ଧର ପ୍ରଭାବ କେବଳ ପେଟ୍ରୋଲ କିମ୍ବା ଡିଜେଲରେ ସୀମିତ ନୁହେଁ ବରଂ ଏହାସାଧାରଣ ଖାଉଟିର ଅତି ଜରୁରୀ ରନ୍ଧନ ଗ୍ୟାସ ଉପରେ ଏକ ବଡ଼ ଧରଣର ଆଘାତରେ ଦେଇଛି। ସରକାରୀ କଟକଣା ଓ ବଜାରରେ ଗ୍ୟାସର ଅଭାବ ଏବେ ଗୃହିଣୀଙ୍କ ଠାରୁ ଆରମ୍ଭ କରି କ୍ଷୁଦ୍ର ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିଦ ହଜାଇ ଦେଇଛି। ସରକାରଙ୍କ ପକ୍ଷରୁ ଜାରୀ କରାଯାଇଥିବା ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ ଜଣେ ଖାଉଟି ଏବେ ୨୫ଦିନରେ ମାତ୍ର ଗୋଟିଏ ସିଲିଣ୍ଡର ବୁକିଂ କରିପାରିବେ। ଏହି ଖବର ପ୍ରଚାରିତ ହେବା ପରେ ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି ହେଲାଣି। ଆଗକୁ ସଙ୍କଟ ଆହୁରି ଗଭୀର ହେବା ଆଶଙ୍କାରେ ଲୋକେ ଗୋଟିଏ ପରିବର୍ତ୍ତେ ଦୁଇଟି ଲେଖାଏଁ ଗ୍ୟାସ୍ ସିଲିଣ୍ଡର ମହଜୁଦ କରିବାକୁ ଧାଡି ଲଗାଇଛନ୍ତି।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ଚୋରା ଗ୍ୟାସ ବ୍ୟବସାୟୀଙ୍କ ଦୋକାନ ରେ ଗ୍ରାହକଙ୍କ ଲମ୍ବା ଲାଇନି ଦେଖିବାକୁ ମିଳୁଛି। ଯାହାକି କଳା ବଜାରୀ ରେ କିଣୁଛନ୍ତି। ବଜାରରେ ଏହି ଅସ୍ଥିରତା ଧାଡି ଲଗାଇଛନ୍ତି। ଏହି ଅସ୍ଥିରତା ସୁଯୋଗ ନେଇ କଳା ବଜାରୀ ମାନେ ଅଧିକ ସକ୍ରିୟ ହୋଇପଡିଛନ୍ତି।

ଅସ୍ତରଙ୍ଗ ବ୍ଲକ ଅଂଚଳର ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ଆଳସାହି, ନଈଗୁଆଁ, ପୋଟଳ ଛକ, କଣମଣ, ତାଳଦା, ସରିପୁର ଛକ ଅଂଚଳରେ ଅଭାବୀ ବିକ୍ରିର ଫାଇଦା ଉଠାଇ ବ୍ଲାକ ମାର୍କେଟରେ ଗୋଟିଏ ସିଲିଣ୍ଡର ପାଇଁ ୧୨ଶହରୁ ୧୫ଶହ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି। ଗରିବ ଓ ମଧ୍ୟବିତ୍ତ ପରିବାର ପାଇଁ ଏତେ ଅଧିକ ଦରରେ ଗ୍ୟାସ କିଣିବା ଏବେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଏହି ସଙ୍କଟର ସବୁଠାରୁ ବଡ଼ ଶିକାର ହୋଇଛନ୍ତି ରାସ୍ତାର କଡ଼ର ଜଳଖିଆ ଦୋକାନ, ଚା' ଦୋକାନ ଓ ଛୋଟ ହୋଟେଲ ମାଲିକ। ଗ୍ୟାସ ସହଜରେ ମିଳୁନଥିବାରୁ ଅନେକ ଦୋକାନୀ ବ୍ୟବସାୟୀ ବନ୍ଦ କରିବା ସ୍ଥିତିକୁ ଆସିଗଲେଣି। ସେମାନଙ୍କ କହିବା କଥା ଯଦି ଜାଳେଣି ମିଳିବ ନାହିଁ, ତେବେ ପରିବାର ପୋଷିବୁ କେମିତି ? ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଜାଳେଣି କାଠ, କୋଇଲା ଏବଂ ଗୋବର ଘଷି ବ୍ୟବହାର ଉପରେ ଥିବା ପୂର୍ବ ପ୍ରତିବନ୍ଧକକୁ ହଟାଇ ଦେଇଛନ୍ତି। କିନ୍ତୁ ବାସ୍ତବତା ହେଉଛି ଗତ କିଛି ବର୍ଷ ଧରି ଗ୍ୟାସ ଉପରେ ନିର୍ଭରଶୀଳତା ଯୋଗୁଁ ଗାଁ ଗହଳିରେ ଗୋ ପାଳନ କମିଯାଇଛି। ଫଳରେ ଗୋବର ଘଷି କିମ୍ବା ଶୁଖିଲା କାଠ ଏବେ ସହଜଲଭ୍ୟ ନୁହେଁ। ଏହା ଶହ ବଡ଼ ମିଷ୍ଟାନ ଭଣ୍ଡାର ଗୁଡିକ ଅଧିକ ଦାମ୍‌ରେ କାଠ କିଣି ମିଷ୍ଟାନ ସାମଗ୍ରୀ ବିକ୍ରି କରୁଛନ୍ତି। ଅନ୍ତର୍ଜାତୀୟ ଯୁଦ୍ଧର ପ୍ରଭାବ ଜଣେ ସାଧାରଣ ଭାରତୀୟଙ୍କ ଥାଳିକୁ ପ୍ରଭାବିତ କରିଛି। ଯଦି ଶୀଘ୍ର ଗ୍ୟାସ ଯୋଗାଣ ସ୍ୱାଭାବିକ ନ ହୁଏ ଏକ ବଡ଼ ଧରଣର ଜନଅସନ୍ତୋଷ ସୃଷ୍ଟି କରିବାର ଆଶଙ୍କା ରହିଛି।

# ଏଲ୍‌ପିଜି, ପେଟ୍ରୋଲ ଓ ଡିଜେଲ ବିତରକଙ୍କ ସହିତ ଜିଲ୍ଲାପାଳଙ୍କ ଜରୁରୀ ବୈଠକ

ଭବାନୀପାଟଣା: ଓଡ଼ିଶା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲ୍ ଠାରେ ଜିଲ୍ଲାପାଳ କଳାହାଣ୍ଡି, ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ଏଲପିଜି, ପେଟ୍ରୋଲ ଓ ଡିଜେଲ ବିତରକମାନଙ୍କ ସହ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକରେ ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲର ନିରବଚ୍ଛିନ୍ନ ଯୋଗାଣ ଓ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଦାମ ରେ ବିକ୍ରୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ତୈଳ ଯୋଗାଣକାରୀ ସଂସ୍ଥାର ବିତରକ ଓ ଅଧିକାରୀ ମାନଙ୍କ ସହ ଯୋଗାଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ବୈଠକରେ ଜିଲ୍ଲାପାଳ ସମସ୍ତ ବିତରକ ମାନଙ୍କୁ ତାଗୀଦ କରିବା ସହିତ କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କୁ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଆଇନ -୧୯୫୫ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ, ଅଜୟ କୁମାର ମଲ୍ଲିକ ବୈଠକରେ ପ୍ରକାଶ କରିଥିଲେ ଯେ, ସାଧାରଣ ଜନତା ଏଥି ସମ୍ବନ୍ଧୀୟ କୌଣସି ଅଭିଯୋଗକୁ ଜିଲ୍ଲା କଂଟ୍ରୋଲ ରୁମ୍ ମୋବାଇଲ ନମ୍ବର ୯୪୩୮୨୦୦୦୪୫ ରେ ଯୋଗାଯୋଗ କରି ଅଭିଯୋଗ ଦାଖଲ କରିପାରିବେ । ଜିଲାରେ ଏଲପିଜି, ପେଟ୍ରୋଲ ଓ ଡିଜେଲ ତଦାରଖ ନିମନ୍ତେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଏକ କମିଟି ଏବଂ ତହସିଲଦାରଙ୍କ ଅଧ୍ୟକ୍ଷତାରେ ବ୍ଲକ ସ୍ତରୀୟ କମିଟି ଗଠନ କରାଯାଇଛି । ବ୍ଲକ ସ୍ତରୀୟ ଯୋଗାଣ ନିରୀକ୍ଷକମାନେ ଏ ସମ୍ବନ୍ଧରେ ସଜାଗ ରହିବା ସହିତ ନିଜର ଦାୟିତ୍ୱକୁ ଅଧିକ ଯତ୍ନବାନ୍ ହୋଇ ତୁଲାଇବା ପାଇଁ ଜିଲ୍ଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଥିଲେ ।

# ପୋଖରୀ ପୁନରୁଦ୍ଧାର ନାଁରେ ହରିଲୁଟ

**● ମେସିନ୍‌ରେ ହେଉଛି କାମ**
**● ତଦନ୍ତ ପାଇଁ ଦାବି**

ମାଲକାନଗିର: ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ନାଲାଗୁଣ୍ଡି ପଂଚାୟତ ଅନ୍ତର୍ଗତ ଇଦିକୋଣ୍ଡା ଗ୍ରାମରେ ହୋଇଥିବା ପୋଖରୀ ପୁନରୁଦ୍ଧାର କାମରେ ଅନିୟମିତତା ଅଭିଯୋଗ ହୋଇଛି । ସୂଚନା ମୁତାବକ, ଇଦିକୋଣ୍ଡା ଗ୍ରାମରେ ମନରେଗା ଯୋଜନାରେ ନିର୍ମିତ କୋଡ଼୍ ନମ୍ବର ୧୦୫୫୪୩୮୨ ରେ ୨୦୨୨-୨୩ ଆର୍ଥିକ ବର୍ଷରେ ପୋଖରୀ କାମ ହୋଇଥିଲା । ଏହା ୯ ଲକ୍ଷ ୫୨୦୦୦ ଟଙ୍କା ର କାମ ଥିବା ବେଳେ ସେତେବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ କାମ ସଂପୂର୍ଣ୍ଣ ନହୋଇ ୪ ଲକ୍ଷ ୭୨୧୭୧ ଟଙ୍କା ମଜୁରୀ ପ୍ରଦାନ କରାଯାଇଥିଲା । ବର୍ତମାନ ୪ ବର୍ଷ ତଳର ଏହି ପୁରୁଣା କାମରେ ପୁନରୁଦ୍ଧାର ଦର୍ଶାଇ ମେସିନ ଲଗାଇ ପ୍ରକଳ୍ପକୁ ଚଟାପଟ ସାରି ଦେଇ ବଳକା ଅର୍ଥ ଲୁଟ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି । ପୋଖରୀ ପୁନରୁଦ୍ଧାର କାମରେ ମେସିନ ବ୍ୟବହାର କରି ବର୍ତ୍ତମାନ ସ୍ଥାନୀୟ ଜବକାର୍ଡଧାରୀଙ୍କ ଆକାଉଣ୍ଟକୁ ଅସାଧୁ ଉପାୟରେ ଟଙ୍କା ପଠାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିବା ପ୍ରୟାସ ଚାଲିଥିବା ସ୍ଥାନୀୟ କିଛି ଲୋକ ନିଜ ନାମ ଗୋପନ ରଖି କହିଛନ୍ତି । ଏହି ଦୁର୍ନୀତିର ପେର୍ଦ୍ଦ ଖୋଲିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଟିମ୍ ଗଠନ କରି ନିରପେକ୍ଷ ତଦନ୍ତ କଲେ ଲକ୍ଷାଧିକ ଟଙ୍କାର କେଳେଙ୍କାରୀ ସାମ୍ନାକୁ ଆସିବ ବୋଲି ଅଂଚଳବାସୀ ଓ ବୁଦ୍ଧିଜୀବୀ କହିଛନ୍ତି । ଏନେଇ ସମ୍ପୃକ୍ତ ପଂଚାୟତର ନିର୍ବାହୀ ଅଧିକାରୀ ଡି.ଏନ. ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି ।

# ଦୁର୍ନୀତି ନିରାକରଣରେ ସୂଚନା ଅଧିକାର ଆଇନ ୨୦୦୫ର ଭୂମିକା ଉପରେ ବକ୍ତୃତା ପ୍ରତିଯୋଗିତା



ରାୟଗଡ,(ପିପିଏସ୍) : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ରାୟଗଡ ପକ୍ଷରୁ ଜିଲାସ୍ତରୀୟ ସୂଚନା ଅଧିକାର ଆଇନ ୨୦୦୫ ଉପରେ ସଚେତନ?ତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଛି ଓ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ପ୍ରଶିକ୍ଷଣ କର୍ମଶାଳାରେ କୈଳାଶ ସ୍ୱାଇଁ ସହକାରୀ ଜିଲ୍ଲାପାଳ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ମନୋରଞ୍ଜନ ଦାଶ, ଅଧ୍ୟାପକ ରାୟଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରମୁଖ ବିଚାରକ ରୂପେ ଯୋଗ ଦେଇଥିଲେ । ଜିଲ୍ଲାସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଓ ସହକାରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ ବକ୍ତୃତା ପ୍ରତିଯୋଗିତାର ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୂଚନା ଅଧିକାର ଆଇନକୁ ସ୍ୱଚ୍ଛ ଶାସନର ଦର୍ପଣ ଭାବେ ଗ୍ରହଣ କରିବା ଓ ସମାଜ ପ୍ରତି ଦାୟିତ୍ୱବୋଧ ରହିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦିଆଯାଇଥିଲା । ଉକ୍ତ ମହାବିଦ୍ୟାଳୟ ସ୍ତରୀୟ ଇଂରାଜୀ ଏବଂ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଯଥାକ୍ରମେ ୧୫୦୦, ୧୦୦୦, ୫୦୦ ଆର୍ଥିକରାଶି ଦ୍ୱାରା ପୁରସ୍କୃତ କରାଯାଇଥିଲା । ଉକ୍ତ ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ରାଜେଶ୍ୱରୀ ଭାଟ୍ଟରୟ, ପ୍ରଜ୍ଞା ପ୍ରଶାଦିନୀ ପଟ୍ଟନାୟକ, ମୋଶେଷ ରଞ୍ଜନ ଦିଗଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ସୁରଜ କନ୍ଧପାଣି, ରଚନା ନିଶାଳ, ଶୁଭେନ୍ଦୁ କୁମାର ପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉକ୍ତ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା ଦୁର୍ନୀତି ନିରାକରଣରେ ସୂଚନା ଅଧିକାର ଆଇନ ୨୦୦୫ ର ଆବଶ୍ୟକତା । ଉକ୍ତ କାର୍ଯ୍ୟକ୍ରମରେ ଶିବ ପ୍ରସାଦ ମିଶ୍ର, ସାମାଜିକ କର୍ମୀ, ଜଳନ୍ଧର ପୁଷିକା, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ,ବରିଷ୍ଠ ନାଗରିକ, ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଅଧକ୍ଷ-ଅଧକ୍ଷା ଯୋଗ ଦେଇ ଥିଲେ ।

# ତିନି ବାଇକ୍ ଚୋର ଗିରଫ

ଜୟପୁର : ଲିଖିତ ଅଭିଯୋଗ ର ୨୪ ଘଣ୍ଟା ଭିତରେ ତିନି ଚୋରି ବାଇକ ଜବତ ସହ ୩ ଜଣଙ୍କୁ ଗିରଫକ୍ରାଯାଇଛି । ବୋରିଗୁମ୍ମା ଅଞ୍ଚଳର କୃଷ୍ଣ ଚନ୍ଦ୍ର ବେହରା ଗତ କାଲି ନିଜ ବାଇକ ଚୋରି ହୋଇଥିବା ନେଇ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରି ତିନି ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ । ତିନି ଦୁର୍ବୃତ୍ତ ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳର ବୋଲି ଜଣାପଡିଛି । ସେମାନଙ୍କ ଠାରୁ ତିନି ଗୋଟି ବାଇକ ଜବତ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏଏସଆଇ ଦ୍ରୋଣାଚାର୍ଯ୍ୟ ବାଘ ସୂଚନା ଦେଇଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ନୂଆ ବସ୍‌ଷ୍ଟାଣ୍ଡ ପରିଦର୍ଶନ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼କ୍ଟର ନୃପାରାଜ ସାହୁ ପୂର୍ବାହ୍ନ ୧୧ଟା ସମୟରେ ଅସ୍ଥାୟୀ ବସଷ୍ଟାଣ୍ଡ ଅଚାନକ ପରିଦର୍ଶନ କରିଥିଲେ । ପିଏଚ୍‌ଡି ଦେଇଥିବା ପାଣି ଟାଙ୍କିଟି ଦୁଇ ଦିନ ଧରି ଉଭାନ ହୋଇଯିବା ପରେ ଜନସାଧାରଣ ଓ ଯାତ୍ରୀଙ୍କ ପିଇବା ପାଣି ଅସୁବିଧା କଥା ଜିଲ୍ଲାପାଳଙ୍କ ନଜରକୁ ଆସିଥିଲା । ବସଷ୍ଟାଣ୍ଡ ପରିଦର୍ଶନ ସମୟରେ ଲୋକଙ୍କ ରହଣି ସ୍ଥାନ ନଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖି ଜିଲ୍ଲାପାଳ ଶୀଘ୍ର ଏକ ରହଣି ସ୍ଥାନ ତିଆରି ପାଇଁ ପୌର ନିର୍ବାହୀ ଅଧିକାରୀ, ସୋନପୁରଙ୍କୁ ଆଦେଶ ଦେଇଥିଲେ । ପୁରୁଷ ଓ ମହିଳା ଶୌଚାଳୟ ତିଆରି ହୋଇ ସାରିଥିଲେ ମଧ କାର୍ଯ୍ୟକ୍ଷମ ହୋଇ ନଥିବାରୁ ଶୀଘ୍ର ଲୋକଙ୍କ ବ୍ୟବହାରରେ କିପରି ଆସିବ ସେ ନେଇ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଥଣ୍ଡା ପାଣିର ସୁବିଧା କିପରି ଶୀଘ୍ର ହୋଇପାରିବ ସେ ନେଇ ସୋନପୁର ଘରୋଇ ବସ ମାଲିକ ସଂଘ ସଭାପତି ଦୀପକ କୁମାର ମହାପାତ୍ର ଓ ସମ୍ପାଦକ ସୁଦର୍ଶନ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ । ବସଷ୍ଟାଣ୍ଡରେ ଥିବା ଉଠା ଦୋକାନୀ କେବଳ ୫ ଫୁଟ ଜାଗା ରଖି ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବାକି ଜାଗା ଖାଲି କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୌର ପରିଷଦ ପକ୍ଷରୁ ଦିଆଯାଇଥିବା ଅଚଳ ପାଣି ଟେପ୍ କୁ ଦେଖି ଆହୁରି ବିରକ୍ତି ପ୍ରକାଶ କରିଥିଲେ ଓ ବିକାଶ କାର୍ଯ୍ୟରେ ସାଧାରଣ ଲୋକଙ୍କ ମୌଳିକ ସୁବିଧା ବା ଅଧିକାରରେ ସେ ଯିଏ ବି ବ୍ୟାଘାତ ଦୃଷ୍ଟି କରିବ ସେ ଜିଲ୍ଲା ପ୍ରଶାସନ, ସରକାର ଓ ଲୋକଙ୍କ ଶତ୍ରୁ ବୋଲି ଧରାଯିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ଜିଲ୍ଲାପାଳ ।

# ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଗ୍ଲୁକୋମା ସପ୍ତାହ ପାଳିତ



ଦେବଗଡ଼ : କଳାମାଟି ସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ କଳା ମୋତିଆ ବିନ୍ଦୁ ବା ଗ୍ଲୁକୋମା ସପ୍ତାହ ପାଳିତ ହୋଇ ଯାଇଛି । ଅଧ୍ୟାପକ ମନୋରଞ୍ଜନ ବାରିକ୍ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଅମୃତ ପ୍ରୀତମ ଶତପଥି ଗ୍ଲୁକୋମାର କାରଣ, ନିରାକରଣ ଓ ତ୍ୱରିତ ଚକିତ୍ସା ବିଷୟରେ ଆଲୋକପାତ କରିଥିଲେ । ଗ୍ଲୁକୋମା ଶୀର୍ଷକ ବିଷୟକୁ ନେଇ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ କ୍ୱିଜ୍ ପ୍ରତିଯୋଗିତା ହୋଇଥିଲା । ଏଥିରେ ଏକାଦଶ ଶ୍ରେଣୀର ଜସ୍ମିତା ବେହେରା ପ୍ରଥମ, ସନ୍ଦୀପା ପ୍ରଧାନ ଦ୍ୱିତୀୟ ଓ ଅଙ୍କିତା ସାହୁ ତୃତୀୟ ହୋଇ ଅତିଥି ମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ଶେଷରେ ଶ୍ରୀ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ଶହୀଦ ମାଟିରେ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ ବିଡିଓ

ଜୟପୁର: ସହିଦ୍ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ତେନ୍ତୁଳିଗୁମ୍ମା ପଂଚାୟତକୁ ଅଣଦେଖା କରାଯାଉଥିବା ସହ ଉନ୍ନୟନମୂଳକ କାର୍ଯ୍ୟରେ ଅବହେଳାକୁ ନେଇ ବାରମ୍ବାର ଅଭିଯୋଗ କରି ଆସୁଥିଲେ ପଂଚାୟତବାସୀ । ଶେଷରେ ଆଜି ବୈପାରୀଗୁଡା ବିଡ଼ିଓ ସୁବ୍ରତ ସାହୁ ଲୋକଙ୍କ ପାଖରେ ପହଂଚି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଆଜି ବି ଅବହେଳିତ ତେନ୍ତୁଳିଗୁମ୍ମା ପଂଚାୟତର ମାଟିଗୁଡା, ମାଙ୍କଡପାଣି, କଂଟା ବାଉଁଶଗୁଡ଼ା, ମାଛାଗୁଡା ଏବଂ ଭେଜନିଗୁଡା । କେବଳ ମାଟିଗୁଡାକୁ ଛାଡିଦେଲେ ବଳକା ସମସ୍ତ ଗାଁକୁ ଆଜିବି ରାସ୍ତା, ଆଲୁଅ, ବିଜୁଳି ଭଳି ମୌଳିକ ସୁବିଧା ନାହିଁ । ମୁଖ୍ୟତଃ ମାଲକାନଗିରି ଜିଲ୍ଲାର ସାରଙ୍ଗପାଲି ସହ ମାଟିଗୁଡା ଗାଁ କୁ ରାସ୍ତା ସଂଯୋଗ ହେଲେ ଲୋକଙ୍କ ଅଧିକାଂଶ ସମସ୍ୟା ସମାଧାନ ହେବ ବୋଲି ଗାଁ ଲୋକେ କହିଥିଲେ । ଏନେଇ ଉଭୟ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ଗାଁ ଲୋକଙ୍କୁ ପ୍ରତିଶୃତି ଦେଇଛନ୍ତି ବିଡ଼ିଓ । ସେହିପରି ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ସହ ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତାଘାଟ ପ୍ରମୁଖ ବୁଲି ତଦାରଖ କରିଥିଲେ । ଅତିଶୀଘ୍ର ପଂଚାୟତରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଏବଂ ଗମନାଗମନର ସୁବିଧା କରାଯିବା ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହାଛଡ଼ା ପଂଚାୟତରେ ବହୁ ବୃଦ୍ଧ ବୃଦ୍ଧା ଭତା ପାଇବାରୁ ବଂଚିତ ରହିଥିବାରୁ ସେମାନଙ୍କୁ ଭତା ପ୍ରଦାନ କରାଯିବା ସହ କିଛି ଅସହାୟ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗୃହ ଯୋଜନାରେ ସାମିଲ କରାଯିବ ବୋଲି କହିଥିଲେ । ଏହି ଗସ୍ତ ସମୟରେ ସହକାରୀ ଯନ୍ତ୍ରୀ କ୍ଷୀରୋଦ ଚନ୍ଦ୍ର ବେହେରା, ଡବ୍ଲୁଇଓ ଚନ୍ଦ୍ର ପୂଜାରୀ, ପୂର୍ବତନ ସରପଂଚ ବୁଦ୍ରା ନାୟକଙ୍କ ସହ ପିଇଓ ଗତିକୃଷ୍ଣ ପାଙ୍ଗି, ଜିଆରଏସ ଜଗନ୍ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୟନଗର ଛକକୁ ବାଜପେୟୀ ଛକ ନାମରେ ନାମିତ ଦାବି

ଜୟପୁର: ଜୟପୁର ଲକ୍ଷ୍ମୀଇନ୍ଦିରା ପଣ୍ଡା ଛକ ଠାରୁ ଜୟନଗର ଯିବା ରାସ୍ତାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପାପେୟୀଙ୍କ ନାମରେ ନାମିତ କରିବାକୁ ବିଜେପି ପକ୍ଷରୁ ଦାବି କକରାଯାଇଛି । ଆଜି ବିଜେପି ନେତାଙ୍କ ନେତୃତ୍ୱରେ ଜୟନଗର ମୁଖ୍ୟ ଛକକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ନାମିତ କରାଯାଉ ବୋଲି ବିଜେପି ନେତା ମାନେ ଉପଜିଲ୍ଲାପାଳଙ୍କୁ କେଉଟି ଦାବି କରିଛନ୍ତି । ବିକାଶ ପୁରୁଷ ଅଟଳପୁରୁଷଙ୍କ ନାମରେ ନାମିତ ହୋଇଛି । ଜୟପୁର ସହରରେ ନେତାଜୀ, ଗାନ୍ଧୀ, ଶାସ୍ତ୍ରୀ, ଶର୍ଦ୍ଧାର ବଲ୍ଲଭଭାଇ ପଟେଲ ଭଳି ସମସ୍ତ ବୀର ପୁରୁଷଙ୍କ ନାମରେ ନାମିତ କରାଯାଇଥିଲେ ହେଁ ଅଟଳ ବିହାରୀଙ୍କ ନାମରେ କୌଣସି ରାସ୍ତାକୁ ନାମିତ କରାଯାଇ ନାହିଁ । ସ୍ୱର୍ଗତ ଅଟଳଜୀ ଗ୍ରାମାଂଚଳରୁ ସହରାଂଚଳ ପର୍ଯ୍ୟନ୍ତ ସମସ୍ତ ରାସ୍ତା ଘାଟ ନିର୍ମାଣ ନିମନ୍ତେ ଅନେକ ଯୋଜନା କରି ପ୍ରତ୍ୟେକ କୋଣ ଅନୁକୋଣକୁ ରାସ୍ତା ସହଯୋଗ କରିଥିଲେ ।

## ଓପିଜିସି ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ଝାରସୁଗୁଡା: ଓଡ଼ିଶା ପାଓ୍ୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଜିସି) ପକ୍ଷରୁ ସିଏସଆର ଅଧୀନରେ ଲଖନପୁର ବ୍ଲକ ତେଲେନପାଲି ପଂଚାୟତରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । କେୟାର ନେତ୍ରାମ ଏଲଏଲପି ସହଯୋଗରେ ଅନୁଷ୍ଠିତ ଶିବିରକୁ ଓପିଜିସିର ନିର୍ଦ୍ଦେଶକ (ଅପରେସନ୍) ଅଞ୍ଜନ ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସିନିୟର ଭିପି (ଅପରେସନ୍) ସୁକାନ୍ତ ମହାପାତ୍ର, ଇବଥର୍ମାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକରି ଡା. ସଙ୍ଗୀତା ପଣ୍ଡା, ପରାମର୍ଶଦାତା ସିଏସଆର ପ୍ରଫୁଲ୍ଲ ଧଳ, ତେଲେନପାଲି ସରପଂଚ ଆକାଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସିଏସଆରର ବରିଷ୍ଠ ପରିଚାଳକ ହିମାଂଶୁ ଭୂଷଣ ବେହେରା, ଓପିଜିସି ସିଏସଆର ଦଳର ସଦସ୍ୟ ତାପସ ପଣ୍ଡା, ଅମର ସିଂହ ଶିବିର ସଂଯୋଜନା କରିଥିଲେ । କେୟାର ନେତ୍ରାମର ଡାକ୍ତରୀ ଦଳ ମୋତିଆବିନ୍ଦୁ, ଦୃଷ୍ଟି ସମସ୍ୟା, ଅନ୍ୟାନ୍ୟ ଚକ୍ଷୁ ସମ୍ବନ୍ଧୀୟ ପରୀକ୍ଷା କରିଥିଲେ । ଶିବିରରେ ତେଲେନପାଲି ପଂଚାୟତ ସହିତ ଅନ୍ୟ ପଂଚାୟତର ୩୯୪ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ୨୨ ଜଣ ମୋତିଆବିନ୍ଦୁରେ ପୀଡିତ ଥିବା ଜଣାପଡ଼ିବାରୁ ଝାରସୁଗୁଡ଼ାର ମହାନଦୀ ନେତ୍ର ଚିକିତ୍ସାଳୟରେ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସ୍ଥାନାନ୍ତର କରାଯାଇଥିବା ପ୍ରକାଶ । ୩୦୧ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା । ଓପିଜିସିର ପକ୍ଷରୁ ଚଳିତ ମାସ ୧୩, ୧୫ ଏବଂ ୧୭ ତାରିଖରେ ଦଳଗାଁ, ତିଲିଆ ଏବଂ ରେମଣ୍ଡା ପଂଚାୟତ କାର୍ଯ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି ।

# ଜିଲ୍ଲାସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା: ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଝାରସୁଗୁଡ଼ା ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ସଦସ୍ୟା ଅଂଶଗ୍ରହଣ କରି ଆର୍ଥିକ ପରିଚାଳନା ସମ୍ପର୍କରେ ଜାଣିଥିଲେ । "କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସୁମନା ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଓ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଓ.ଏଲ.ଏମ. ର ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ପୁଷ୍ପଶ୍ରୀ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବନଶୀଳତା ଓ ଆର୍ଥିକ ସାକ୍ଷରତାର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସାମ୍ପ୍ରତିକ ସମୟରେ ବୃଦ୍ଧି ପାଉଥିବା ସାଇବର ଠକେଇ ସମ୍ପର୍କରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାରକ ହରିଶ ସଜ୍ଜନାପୁ ଉପସ୍ଥିତ ମହିଳାମାନଙ୍କୁ ସତର୍କ କରାଇଥିଲେ । ସେହିପରି ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଶିରପାଣି ନାୟକ ଚିଟ୍ ଫଣ୍ଡର କୁପରିଣାମ ବିଷୟରେ ଆଲୋକପାତ କରିବା ସହ ଭାରତ ସରକାରଙ୍କ ବିଭିନ୍ନ ବୀମା ଓ ପେନସନ ଯୋଜନାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ ।" ଝାରସୁଗୁଡ଼ା ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ପ୍ରତାପଚନ୍ଦ୍ର ଭୋଇ ସରକାରଙ୍କ ସ୍ୱଳ୍ପ ସଂଚୟ ଯୋଜନା ଓ ଡାକ ଜୀବନ ବୀମା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିବା ବେଳେ, ଆଇପିପିବି ଅଧିକାରୀ ସୁମିତ ପ୍ରମାଣିକ, ବ୍ୟାଙ୍କ୍ ଏବଂ ବିଭିନ୍ନ ବୀମା ଯୋଜନା ବିଷୟରେ ଅବଗତ କରାଇଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସୁମନା ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମରସିଂ ଗ୍ରାମ ପଂଚାୟତର ଭୁର୍କାଧୋଡ଼ା ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନ ଟିଏ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୃହପାଳିତ ପଶୁପକ୍ଷୀମାନଙ୍କଙ୍କ ପାଇଁ ପ୍ରାଣୀ ସମ୍ପଦ ବିଭାଗ ତରଫରୁ 'ପ୍ରାଣୀ ପାଇଁ ଦିନଟିଏ' ନାମରେ ଗୋଟିଏ ଚିକିତ୍ସା ଶିବିର ମଧ୍ୟ ଆୟୋଜିତ ହୋଇଥିଲା ।

# ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି

ରାୟଗଡା(ପିପିଏସ୍) : ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଓ ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ରାୟଗଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ଜିଲ୍ଲା ମୁଖ୍ୟ କୋର୍ଟ ସମେତ ଗୁଣୁପୁର, ବିଷମକଟକ, କାଶିପୁର, ପଦ୍ମପୁର ଓ ମୁନିଗୁଡା ଅଦାଲତ ପରିସରରେ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟନାରାୟଣ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ସାଲିସଯୋଗ୍ୟ ଫୌଜଦାରୀ ଓ ଦେଓ୍ୱାନୀ ମାମଲା, ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ଆଦି ବିଚାରଧିନ ମାମଲାର ଆପୋସ ବୁଝାବଣା ମାଧ୍ୟମରେ ସମାଧାନ କରାଯାଇ ପାରିବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି । କେବଳ ବିଚାରଧୀନ ମାମଲା ନୁହେଁ, ପ୍ରାକ ମୋକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ସାଲିସ ଯୋଗ୍ୟ ଫୌଜଦାରୀ ଓ ଦେଓ୍ୱାନୀ ମାମଲା ଆଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଦାୟିତ୍ୱରେ ଥିବା ସସ୍ମିତା ମିଶ୍ର କହିଛନ୍ତି । ଏହି ଲୋକ ଅଦାଲତରେ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ । ତେଣୁ ଇଚ୍ଛୁକ ପକ୍ଷ ଏହାର ସୁଯୋଗ ନେବାକୁ ସେ ପରାମର୍ଶ ଦେଇଛନ୍ତି ।

# ଜନଗଣନାର ପ୍ରଥମପର୍ଯ୍ୟାୟ କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର

ନୂଆପଡା: ନୂଆପଡା ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହ ଗଣନା ଓ ଗୃହ ତାଲିକା ସମ୍ବନ୍ଧୀୟ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପ୍ରଶିକ୍ଷଣ ସ୍ଥାନୀୟ ସଦଭାବନା ସଭା ଗୃହରେ ସମାପ୍ତ ହୋଇଛି । ଏହି ପ୍ରଶିକ୍ଷଣ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ, ନୁଆପଡା ମଧୁସୂଦନ ଦାଶଙ୍କ ଆଦେଶାନୁସାରେ ୦୯, ୧୦ ଓ ୧୨ ମାର୍ଚ୍ଚ ତିନିଦିନ ଧରି ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ସୁବାଷ ଚନ୍ଦ୍ର ରଇତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ବିଜୟ କୁମାର ଛତ୍ରିଆ, ସହକାରୀ ଜିଲ୍ଲାପାଳ ତଥା ଉପ-ଜିଲ୍ଲା ଜନଗଣନା ଅଧିକାରୀ ଏହି ପ୍ରଶିକ୍ଷଣକୁ ପରିଚାଳନା କରିଥିଲେ । କୁମାରୀ ପ୍ରୟାସୀ ପ୍ରଧାନ, ଡେପୁଟି ଜିଲ୍ଲାପାଳ ଏବଂ ଶେଖ ନସିମ, ଡେପୁଟି ଜିଲ୍ଲାପାଳ ମୁଖ୍ୟ ପ୍ରଶିକ୍ଷିକା/ପ୍ରଶିକ୍ଷିକ ଭାବେ ୨୬ ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଆଜି ଶେଷ ଦିବସରେ ପ୍ରାୟୋଗିକ ଭାବେ ସେମାନଙ୍କୁ କ୍ଷେତ୍ର ପରିଦର୍ଶନ କରାଇ ଲେଆଉଟ୍ ମ୍ୟାପ ଓ ପ୍ରଶ୍ନାବଳୀ ଉପରେ ଅଭ୍ୟାସ କରାଯାଇଥିଲା । ଉକ୍ତ କ୍ଷେତ୍ର ପରିଦର୍ଶନରେ ସମସ୍ତ ତହସିଲଦାର ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ କ୍ଷେତ୍ର ପ୍ରଶିକ୍ଷକଙ୍କୁ ଧନ୍ୟବାଦ ଜଣାଇ ଶୁଭେଚ୍ଛା ପ୍ରଦାନ କରିଥିଲେ ଏବଂ ପ୍ରଶିକ୍ଷଣ ସମାପନ ପ୍ରମାଣପତ୍ର ବଣ୍ଟନ କରିଥିଲେ । ଉକ୍ତ ତିନି ଦିନରେ ଜନଗଣନା ନିର୍ଦ୍ଦେଶାଳୟ, ଓଡିଶାରୁ ମୁତୟନ ହୋଇଥିବା ଅଧିକାରୀ ସୁଧାଂଶୁ ପାଠକ ଉପସ୍ଥିତ ରହି ବୈଷୟିକ ସମସ୍ୟାର ସମାଧାନ କରିଥିଲେ ।

# ଅବକାରୀ ଚଢ଼ଉ ୩ଶହ ଲିଟର ମଦ ଜବତ

**୨ ଗିରଫ**

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଯୋଡ଼ା ଅବକାରୀ ବିଭାଗର ଚଢଉବେଳେ ଘଟଣାସ୍ଥଳରୁ ବିପୁଳ ପରିମାଣର ମହୁଲି ସହ ଗାଡ଼ି ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି । କେନ୍ଦୁଝର ଜିଲ୍ଲା ଯୋଡ଼ାଥାନା ଅନ୍ତର୍ଗତ ବାଂଶପାଣି ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉବେଳେ ଏକ କାର୍‌ରୁ ୩ଶହ ଲିଟର ମହୁଲି ଜବତ କରିବା ସହ ଜଣେ ମହିଳା ଏବଂ ଜଣେ ପୁରୁଷକୁ ଗିରଫ କରିଛି ଅବକାରୀ ବିଭାଗ । ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ଜୁରୁଡି ଅଂଚଳର ଅଜିତ ହେମ୍ବ୍ରମ(୨୦) ଏବଂ ଜଣେ ମହିଳା ଜ୍ୟୋସ୍ନା ସାହୁ (୩୮) ହୋଇଥିବା ନେଇ ସୂଚନା । ବେଆଇନ୍ ମଦ ବ୍ୟବସାୟୀ ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗରର ବେଆଇନ ମଦ ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ ଚାଲୁଥିବା ବେଳେ ମଙ୍ଗଳବାର ଦିନ ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ନିକଟରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏସ.ଆଇ ଶୁଭମ ବିଶ୍ୱାଳ ,ଏ.ଏସ.ଆଇ ପ୍ରଶାନ୍ତ ପରିଡା ଏବଂ ସହକର୍ମୀଙ୍କ ଏକ ମିଳିତ ଟିମ ଚଢାଉ କରି ଗାଡି ନମ୍ବର ଓ.ଆର.୦୨-ଏ-ଏସ-୫୫୬୦ ରେ ମହୁଲି ମଦ ଚାଲାଣ ବେଳେ ତାକୁ ଧରିଥିଲେ । ଏହି ଚଢ଼ାଉ ରେ ଉକ୍ତ ଗାଡିରୁ ପାଖାପାଖି ତିନିଶହ ଲିଟର ମହୁଲି ଜବତ କରିବା ସହ ଗାଡିକୁ ମଧ୍ୟ ଜବତକରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ବଡ଼ବିଲ କୋର୍ଟଚାଲାଣ କରାଯାଇଥିବା ନେଇ ଯୋଡ଼ା ଅବକାରୀ ଅଧିକାରୀଙ୍କ ପକ୍ଷରୁ ସୂଚନା ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପାର୍କିଂଜୋନ୍ ଓ ସ୍ପିଡ୍ ବ୍ରେକର ଦାବି



**ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ କୁଳପତି ଓ କୁଳସଚିବଙ୍କୁ ଦାବିପତ୍ର**



ବଲାଙ୍ଗିର,(ପିପିଏସ୍) : ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ (ଏନ୍‌ଏସ୍‌ୟୁଆଇ) ସଭାପତି ଚିନ୍ମୟ ବେହେରାଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ ତରଫରୁ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର କୁଳପତି ଓ କୁଳସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଛାତ୍ର ଛାତ୍ରୀମାନଙ୍କ ସୁବିଧା ଓ ସୁରକ୍ଷା କୁ ଦୃଷ୍ଟିରେ ରଖି ଜିଲ୍ଲା ଛାତ୍ର କଂଗରେସ ପକ୍ଷରୁ ନୂତନ ଏକାଡେମିକ ବିଲଡିଂ ସମ୍ମୁଖରେ ଏକ ସୁବ୍ୟବସ୍ଥିତ ପାର୍କିଂ ଜୋନ ସୃଷ୍ଟି କରିବା ସହିତ ବିଶ୍ୱ ବିଦ୍ୟାଳୟ ରାସ୍ତାରେ ସ୍ପୀଡ ବ୍ରେକର ଓ ସ୍ପୀଡ ସିଗନାଲ ସ୍ଥାପନ କରିବାକୁ ଦାବି କରାଯାଇଛି । ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବେହେରାଙ୍କ କହିବା ଅନୁଯାୟୀ, ବିଶ୍ୱ ବିଦ୍ୟାଳୟ ମାର୍ଗରେ ଯାନବାହନ ର ଗତି ଅଧିକ ଥିବାରୁ ଛାତ୍ର ଛାତ୍ରୀମାନେ ଅନେକ ସମୟରେ ଅସୁରକ୍ଷିତ ଅନୁଭବ କରୁଛନ୍ତି । ଏହା ସହିତ ନୂତନ ଏକାଡେମିକ ବିଲଡିଂ ପାଖରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଛାତ୍ର ଛାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ପରେ କୁଳପତି ଓ କୁଳ ସଚିବ ମହୋଦୟ ଛାତ୍ର ପ୍ରତିନିଧିମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ଯଥାଶିଘ୍ର ଏହି ସମସ୍ତ ଦାବିଗୁଡିକ ପୂରଣ କରାଯିବ ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ
(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର
ତା ୧୪।୦୩।୨୦୨୬ ■ ଶନିବାର

## ସପ୍ତାହାନ୍ତ ବିଚାର

# ନୀତିଶଙ୍କ ପରେ ବିହାରର ରାଜନୀତି

ଯେତେବେଳେ ସମଗ୍ର ଦେଶ ହୋଲି ଉତ୍ସବ ପାଳନରେ ବ୍ୟସ୍ତ ଥିଲା, ସେତେବେଳେ ମିଡ଼ିଆରେ ରାଜ୍ୟସଭା ସଦସ୍ୟତା ପାଇଁ ଘୋଷଣା କରି ପୁତ୍ର ନିଶାନ୍ତଙ୍କ ରାଜନୈତିକ ଭବିଷ୍ୟତ ଚର୍ଚ୍ଚାର ପ୍ରସଙ୍ଗ ଚାଲିଥିଲା, କିନ୍ତୁ ହୋଲି ଉତ୍ସବ ମଉଳିଲାବେଳକୁ ସ୍ପଷ୍ଟ ହୋଇଯାଇଥିଲା ଯେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଦୁଇ ଦଶନ୍ଧିରୁ ଅଧିକ କାଳ ଧରି ଚାଲିଥିବା ଶାସନର ବିରାମ ହେବାକୁ ଯାଉଛି । କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ପାଟନାଠାରେ ରାଜ୍ୟସଭା ପଦବୀ ଲାଗି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏବେ ସଫା ଜଣାଯାଉଛି ଯେ ଏତେ ମହତ୍ତ୍ୱପୂର୍ଣ୍ଣ ରାଜ୍ୟରେ, ଶାସନ ପରିବର୍ତ୍ତନର ପଟକଥା ରାତାରାତି ଲେଖାଯାଇ ନାହିଁ । ସମ୍ଭବତଃ ଏ ପଟକଥା ଗତବର୍ଷ ନଭେମ୍ବରରେ ବିଧାନସଭା ନିର୍ବାଚନ ସମୟରେ ଲେଖା ହୋଇଥିଲା । ଏହା ଯେ ଜନତାଦଳ (ୟୁ)ର ୮୫ ଆସନ ତୁଳନାରେ ଭାଜପାର ୮୯ ଆସନ ଜିତିବା ଯୋଗୁଁ ହୋଇଛି ବୋଲି ଭାବିବା ମଧ୍ୟ ଠିକ୍ ନୁହେଁ । ଭାଜପାର ଆସନ ତ ୨୦୨୦ ମସିହାରେ ଜେଡି(ୟୁ)ଠାରୁ ଅଧିକ ଥିଲା, ତଥାପି ସେ ଦଳ ନୀତିଶ କୁମାରଙ୍କୁ ହିଁ ମୁଖ୍ୟମନ୍ତ୍ରୀ କରିଥିଲା, କାରଣ ସେତେବେଳେ ତାଙ୍କ ପାଖରେ ଆରଜେଡି ସହ ମିଶି ସରକାର ଗଢ଼ିବାର ବିକଳ୍ପ ଥିଲା । ଭାଜପା ସହ ଉତ୍ତେଜନା ବଢ଼ିବାରୁ ନୀତିଶ କୁମାର ସେ ବିକଳ୍ପ ଗ୍ରହଣ କଲେ । କିନ୍ତୁ ବିରୋଧୀ ପକ୍ଷର ସଂଯୋଜକ ତାଙ୍କୁ କରାନଯିବାରୁ ୨୦୨୪ର ପ୍ରାରମ୍ଭରେ ଆରଜେଡି ସହ ସମ୍ବନ୍ଧ ବିଚ୍ଛେଦ କରିଦେଇଥିଲେ ।

୨୦୨୫ ବିଧାନସଭା ନିର୍ବାଚନରେ ଜେଡି(ୟୁ)ର ଆସନର ୪୩ରୁ ବୃଦ୍ଧି ପାଇ ୮୫ ହୋଇଗଲା । କିନ୍ତୁ ଆରଜେଡି ଓ କଂଗ୍ରେସ ସାଂଘାତିକ ଭାବେ ପରାଜିତ ହୋଇଯିବା ପରେ ନୀତିଶଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା । ସହଯୋଗୀ ଚିରାଗ ପାଶୱାନଙ୍କ ଲୋକଜନଶକ୍ତି ପାର୍ଟି, ଜୀତନରାମ ମାଁଝୀଙ୍କ ଏଚଏଏସ୍ ଓ ଉପେନ୍ଦ୍ର କୁଶୱାହାଙ୍କ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ମୋର୍ଚ୍ଚାକୁ ମିଳିଥିବା ଆସନ ଜରିଆରେ ଭାଜପା ବିରୋଧୀ ପକ୍ଷରେ ସାମାନ୍ୟ ଭଙ୍ଗାଭଙ୍ଗୀ କରିବା ଜରିଆରେ ଗତ ଏକବର୍ଷରେ ହିଁ ବିହାରରେ ନିଜର ପ୍ରଥମ ମୁଖ୍ୟମନ୍ତ୍ରୀଙ୍କୁ ଗାଦୀରେ ବସାଇପାରେ, କିନ୍ତୁ ନୀତିଶ କୁମାରଙ୍କୁ ସମ୍ମାନଜନକ ବିଦାୟ ଦେବା କଥା କହିଲା । ସମ୍ଭବତଃ ସେଇ ଯୋଜନା ଅନୁସାରେ ନୀତିଶ ରାଜ୍ୟସଭାକୁ ଯାଉଛନ୍ତି । ସମ୍ଭବତଃ ରାଜ୍ୟସଭା ସଦସ୍ୟ ଭାବେ ନୀତିଶ କୁମାରଙ୍କୁ କେନ୍ଦ୍ର ସରକାରରେ କୌଣସି ମହତ୍ତ୍ୱପୂର୍ଣ୍ଣ ମନ୍ତ୍ରାଳୟ ଦିଆଯାଇପାରେ । ଜେଡି(ୟୁ) ଦ୍ୱାରା ହରିବଂଶଙ୍କୁ ତୃତୀୟଥର ପାଇଁ ରାଜ୍ୟସଭା ନପଠାଇବା ଫଳରେ ସେଠି ସେ ଉପାଧ୍ୟକ୍ଷ ପଦବୀଟି ମଧ୍ୟ ଖାଲିପଡ଼ିବ । କିନ୍ତୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚର୍ଚ୍ଚା କାରଣରୁ କୁହାଯାଉଛି ନୀତିଶ କୁମାରଙ୍କ ସେ ପଦବୀ ଗ୍ରହଣ କରିପାରନ୍ତି । ଯାହା ବି ହେଉ, ବିହାରରେ ପ୍ରଥମ ଭାଜପା ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ ଗ୍ରହଣ ଏବେ ସ୍ପଷ୍ଟ ହୋଇଯାଇଛି ।

ରାଜ୍ୟସଭା ନିର୍ବାଚନ ମାର୍ଚ୍ଚ ୧୬ରେ ହେବ । ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହେବା ପରେ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ, କିନ୍ତୁ ଭାଜପାରେ ନୂଆ ମୁଖ୍ୟମନ୍ତ୍ରୀ କିଏ ହେବ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ନୀତିଶ ସରକାରରେ ଭାଜପା କୋଟାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ସମେତ ଆଉ କେତେକଙ୍କ ନାମ ଚର୍ଚ୍ଚା ହେଉଛି । ଅତୀତର ଅଭିଜ୍ଞତାରୁ ଜଣାଯାଉଛି ଯେ ପଦବୀର ଦୌଡ଼ରେ ସାମିଲ ଦର୍ଶାଯାଉଥିବା ବ୍ୟକ୍ତିଙ୍କ ନାମ ବିଜେତାଙ୍କ ପୋଡିୟମ ଯାଏ ପହଞ୍ଚେ ନାହିଁ । ଦେବେନ୍ଦ୍ର ଫଡନାଭିସ ଜଣେ ବ୍ୟତିକ୍ରମ । ଜାତିଗତ ରାଜନୀତି ଦ୍ୱାରା ପ୍ରଭାବିତ ବିହାରରେ ନିଜର ପ୍ରଥମ ମୁଖ୍ୟମନ୍ତ୍ରୀଙ୍କ ଚୟନ ଭାଜପା ଲାଗି ଏତେ ସହଜ ନୁହେଁ, କିନ୍ତୁ ନିଜସ୍ୱ ଶୈଳୀରେ ଏପ୍ରକାର ଆହ୍ୱାନ ସବୁରୁ ଭାଜପା ଅତିକ୍ରମ କରିବାରେ ସଫଳତା ହାସଲ କରିଛି । ତେଣୁ ଭାଜପା ନିଜର ପରମ୍ପରାଗତ ସମର୍ଥକ ବର୍ଗଙ୍କ ମଧ୍ୟରୁ କାହା କାନ୍ଧରେ ଦାୟିତ୍ୱ ସମର୍ପି ଦେଉଛି । ନୂଆ ସରକାରରେ ଉପମୁଖ୍ୟମନ୍ତ୍ରୀ ଭାବେ ନୀତିଶକୁମାରଙ୍କ ପୁତ୍ର ନିଶାନ୍ତଙ୍କୁ ଦାୟିତ୍ୱ ଦିଆଯାଇପାରେ । ତେଣୁ ଲାଲୁଙ୍କ ପରିବାରବାଦକୁ ବଡ଼ ପ୍ରସଙ୍ଗ କରିଥିବା ନୀତିଶକୁମାରଙ୍କୁ ଏହା କିପରି ନ୍ୟାୟସଙ୍ଗତ ଲାଗୁଛି, ତାହା ଦେଖିବାକୁ ପଡ଼ିବ । ଅବଶ୍ୟ ନିଶାନ୍ତଙ୍କ ସହିତ ଆଉ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ପଦରେ ବସାଇ ସାମାଜିକ ସମୀକରଣ ସାଧିବାରେ ସୁବିଧା ଭାଜପା କରିପାରେ, ଯଦିଓ ୧୯ ବିଧାୟକ ଥିବା ଚିରାଗ ପାଶୱାନ ମଧ୍ୟ ସେ ପଦ ପାଇବା ଲାଗି ଏଯାଏ ଅଡ଼ି ନାହାନ୍ତି । ଯଦି ଲୋକଜନଶକ୍ତି ପାର୍ଟିର ଭୋଟ ମିଳିବ ନାହିଁ, ତେବେ ଉପେନ୍ଦ୍ର କୁଶୱାହାଙ୍କର ରାଜ୍ୟସଭା ଲାଗି ନିର୍ବାଚିତ ହେବା କଷ୍ଟକର ହୋଇଯିବ ।

ଭାଜପା ଲାଗି ବିହାରରୁ ପ୍ରଥମ ମୁଖ୍ୟମନ୍ତ୍ରୀ ବାଛିବା ଅଧିକ କଷ୍ଟକର ହେବ ନା ତା'ପରର ରାଜନୀତି ? ଜେଡି(ୟୁ) ଆସନ ସଂଖ୍ୟା ଏଥର ନିର୍ବାଚନରେ ଏତେ ବୃଦ୍ଧି ପାଇଯିବା ବିହାରର ରାଜନୀତିକ ସମୀକରଣକୁ ବହୁମାତ୍ରାରେ ଫେଣ୍ଟିଦେଇଛି । ନୀତିଶ କୁମାରଙ୍କ ପ୍ରଭାବଶାଳୀ ନେତୃତ୍ୱକୁ ଜେଡି(ୟୁ) ଏହାର ଶ୍ରେୟ ଦେବାକୁ ଚାହୁଁଥିବା ବେଳେ ତାଙ୍କରି ନେତୃତ୍ୱରେ ତାଙ୍କ ଦଳ ୨୦୨୦ରେ ମାତ୍ର ୪୩ଟି ଆସନରେ ସୀମିତ ହୋଇଯାଇଥିଲା । ସେବେଠାରୁ ତାଙ୍କ ଛବି 'ସୁଶାସନ ବାବୁ', 'ସ୍ୱଚ୍ଛ ଚେହେରା' ଭାବେ ପ୍ରକଟିତ ହୋଇଆସିଛି । କିନ୍ତୁ ଏବେ ସଂସଦର ଦୁଇଟି ସଦନର ସଦସ୍ୟ ହେବା ଲାଗି ନିଜର 'ପୁରୁଣା ଇଚ୍ଛା' ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା, ଏକ ବଡ଼ ପ୍ରଶ୍ନ ହୋଇ ଛିଡ଼ା ହୋଇଛି । ବିହାରରେ ତାଙ୍କ ପ୍ରତି ସମର୍ଥନ କରି ଆସିଥିବା ବିଶାଳ ଜନତା ଯିଏ କି ଗତ ଅଢ଼େଇ-ତିନିଦଶନ୍ଧି ଧରି ରହିଆସିଥିଲେ, ସେମାନେ ଆଗାମୀ ନିର୍ବାଚନରେ କୁଆଡ଼େ ଯିବେ ? ପାଟନାରେ ମୁଖ୍ୟମନ୍ତ୍ରୀ ବାସଭବନ ଓ ଜେଡି(ୟୁ) କାର୍ଯ୍ୟାଳୟରେ ଯେପ୍ରକାର ପରିବେଶ ଦେଖାଗଲା ତଥା ଭାଜପାର ନିକଟତର ହୋଇଥିବା ସେ ଦଳ ନେତା ଲଲନ ସିଂହ, ବିଜୟ ଚୌଧୁରୀ ଓ ସଞ୍ଜୟ ଝାଙ୍କ ବିରୋଧରେ ସ୍ଲୋଗାନ ଦିଆଗଲା, ତାହା ସେ ଦଳରେ ଥିବା ଅସନ୍ତୋଷକୁ ପ୍ରକଟିତ କରିଛି । ଏଇ ନେତାମାନେ ଭାଜପା ସହିତ ମିଶି 'ଅସୁସ୍ଥ' ନୀତିଶଙ୍କୁ 'ହାଇଜେକ' କରିନେଇଥିବା ତେଜସ୍ୱୀ ଯାଦବଙ୍କ ଅଭିଯୋଗକୁ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି କହିଥିଲେ ମଧ୍ୟ ଜେଡି(ୟୁ) ଭିତରେ ମୁଖର ପ୍ରତିକ୍ରିୟା ଦଳର ଜନାଧାରର ଭବିଷ୍ୟତ ପ୍ରତି ପ୍ରଶ୍ନ ସୃଷ୍ଟି କରିଛି । ବିହାରରେ ନିଜର ପ୍ରଥମ ମୁଖ୍ୟମନ୍ତ୍ରୀ ବସାଇବାକୁ ଯାଉଥିବା ଭାଜପା ଆଦୌ ଚାହିଁବ ନାହିଁ ୨୦୩୦ରେ ତାହାର ସରକାର ପାଇଁ ଆଶାବାଡ଼ିର ଆବଶ୍ୟକତା ପଡୁ । ଏହା ସମ୍ଭବପର ହୋଇପାରିବ ଯେବେ ଜେଡି(ୟୁ)ର ଜନାଧାରର ବଡ଼ ଭାଗ ଭାଜପା ସହିତ ସାମିଲ ହୋଇଯିବ । ଯଦି ଜେଡି(ୟୁ)ର ଜନାଧାରର ବଡ଼ଭାଗ 'ସାମାଜିକ ନ୍ୟାୟ' ନାମରେ ଆରଜେଡି ଆଡ଼କୁ ଢଳିଯାଏ, ତେବେ ତାହାକୁ ମିଳିଥିବା ସଂଜୀବନୀ ଭାଜପାକୁ ନିର୍ବାଚନ ମଇଦାନରେ ଚାଲେଞ୍ଜକୁ ଆହୁରି ବଢ଼ାଇଦେବ ।□□

# ମୁକ୍ତ ଅର୍ଥନୀତି ଆଶୀର୍ବାଦ ନା ଅଭିଶାପ



**ମାୟାଧର ନାୟକ**

ମୁକ୍ତ ଅର୍ଥନୀତି ପୂର୍ବରୁ ପ୍ରାକୃତିକ ଅର୍ଥନୀତି, ସ୍ୱାଭାବିକ ଅର୍ଥନୀତି, ଗ୍ରାମୀଣ ଅର୍ଥନୀତି ଥିଲା । ସଂସ୍କୃତିକୁ କେନ୍ଦ୍ରକରି ପାରମ୍ପରିକ ଅର୍ଥନୀତିର ଏକ ସାମାଜିକ ଆୟତନ ଥିଲା । ଧୀରେଧୀରେ ପୁଞ୍ଜିବାଦୀ ଅର୍ଥନୀତି – ସାମ୍ରାଜ୍ୟବାଦୀ ଅର୍ଥନୀତି ପ୍ରଚଳନ ହେଲା । ନବ୍ୟ ପୁଞ୍ଜିବାଦୀ ଅର୍ଥନୀତି ବ୍ୟବସ୍ଥା ନଷ୍ଟ କଲା ସଂସ୍କୃତିକୁ, ତା'ପରେ ମଣିଷକୁ । ପ୍ରଥମେ ପୁଞ୍ଜିବାଦୀ ଅର୍ଥନୀତି କିଛିଟା ପ୍ରଗତିଶୀଳ ଚରିତ୍ରସଂପନ୍ନ ଥିଲା ପରେପରେ ତାହା ପ୍ରତିକ୍ରିୟାଶୀଳ ବ୍ୟବସ୍ଥାରେ ପରିଣତ ହେଲା ।

ଭାରତବର୍ଷରେ ଗଣରାଜ୍ୟ ପୂର୍ବରୁ ବୈଦିକ ବ୍ୟବସ୍ଥା ପ୍ରଚଳନ, ବୈଦିକ ଅର୍ଥନୀତିର ମୂଳସୂତ୍ର 'ବସୁଧୈବ କୁଟୁମ୍ବକଂ' ଥିଲା । ସେଇ ବସୁନ୍ଧରା ପରିବର୍ତ୍ତେ ପୁଞ୍ଜିବାଦୀ ବ୍ୟବସ୍ଥାରେ ବଜାର ଭିତିକ ଅର୍ଥନୀତି ପ୍ରଚଳନ ହେଲା । ଦାସ ପ୍ରଥାର ଦୌରାତ୍ମ୍ୟ ବଜାରଭିତିକ ପୁଞ୍ଜିବାଦର ଅବଦାନ । ପୁଞ୍ଜିବାଦୀ, ସାମ୍ରାଜ୍ୟବାଦୀ ଯୁଗରେ ମାଲିକଶ୍ରେଣୀ ହିଁ ଅର୍ଥନୀତିକୁ ନିୟନ୍ତ୍ରଣ କଲେ, ଆମ ଦେଶରେ ୨୦୦ବର୍ଷ ଧରି ସାମ୍ରାଜ୍ୟବାଦୀ ତାଙ୍କ ସ୍ୱାର୍ଥରେ ଅର୍ଥନୀତିକୁ ପରିଚାଳନା କରି ଆସୁଥିଲେ । ଦେଶ ସ୍ୱାଧୀନ ହେବାପରେ ଅର୍ଥନୀତି ସଂପୂର୍ଣ୍ଣ ଦୁର୍ବଳ ହୋଇପଡିଥିଲା । ସେତେବେଳେ ସମଗ୍ର ବିଶ୍ୱ ମୁଖ୍ୟତଃ ୨ଟି ଶିବିରରେ ବିଭକ୍ତ ଥିଲା । ଗୋଟିଏ ପଟେ ଆମେରିକା ନେତୃତ୍ୱରେ ସାମ୍ରାଜ୍ୟବାଦୀ, ପୁଞ୍ଜିବାଦୀ ଶିବିର ଅନ୍ୟପଟେ ସୋଭିଏତ ୟୁନିୟନ ନେତୃତ୍ୱରେ ସମାଜବାଦୀ ଶିବିର । ଦୁଇ ଶିବିର ମଧ୍ୟରେ ରାଜନୀତି, ଅର୍ଥନୀତି, ସମାଜନୀତି ଓ ସଂସ୍କୃତି ପରସ୍ପରବିରୋଧୀ । ଏହି ଦୁଇ ସୁପରପାୱାର ବ୍ୟତୀତ ପୃଥିବୀର ପରାଧୀନ, ଅନୁନ୍ନତ, ପଛୁଆ ପୁଞ୍ଜିବାଦୀ ରାଷ୍ଟ୍ରଗୁଡିକ ୩ୟ ବିଶ୍ୱରେ ଅର୍ନ୍ତଭୁକ୍ତ ଥିଲେ । ଏହି ୩ୟ ବିଶ୍ୱର ରାଷ୍ଟ୍ରଗୁଡିକ ବଂଚିବାର ତାଗିଦରେ କେତେବେଳେ ସାମ୍ରାଜ୍ୟବାଦୀ ପୁଞ୍ଜିବାଦୀ ଶିବିର ପଛରେ ଓ କେତେବେଳେ ସମାଜବାଦୀ ଶିବିର ପଛରେ ଗୋଡାଉଥିଲେ । ଆମ ଭାରତବର୍ଷ ସେତେବେଳେ ସେହି ୩ୟ ବିଶ୍ୱର ଅନ୍ତର୍ଭୁକ୍ତ ଥିଲା ।

୧୯୮୯ ମସିହାରେ ସମାଜବାଦୀ ଶିବିରର ପତନ ପରେ ସାମ୍ରାଜ୍ୟବାଦୀ ପୁଞ୍ଜିବାଦୀ ଶିବିର ବିଶ୍ୱ ଅର୍ଥନୀତିକୁ ଆପଣାର ନିୟନ୍ତ୍ରଣରେ ରଖିବାକୁ ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ, ବିଶ୍ୱବାଣିଜ୍ୟ ସଂଗଠନ, ବିଶ୍ୱସ୍ୱାସ୍ଥ୍ୟ ସଂଗଠନ, ଜାତିସଂଘକୁ କରାୟତ କରିଚାଲିଛନ୍ତି । ସାମ୍ରାଜ୍ୟବାଦୀମାନଙ୍କ ଉତ୍ପାଦନ ପାଇଁ ବଜାର ବ୍ୟବସ୍ଥା କରିବା ଓ ସେମାନଙ୍କ ଶିଳ୍ପପାଇଁ କଂଚାମାଲ ଅନୁନ୍ନତ ବିକାଶଶୀଳ ଦେଶମାନଙ୍କରୁ ଆମଦାନି କରିବା ଓ ଆନ୍ତର୍ଜାତୀୟ ସ୍ତରରେ ଦୁର୍ବଳ ରାଷ୍ଟ୍ରମାନଙ୍କୁ ଆନ୍ତର୍ଜାତୀୟ ଚୁକ୍ତି ଜରିଆରେ ଶୋଷଣ କରିବା ହିଁ ଅସଲ ଉଦ୍ଦେଶ୍ୟ । ବିଶ୍ୱବାଣିଜ୍ୟ ବ୍ୟବସାୟକୁ ନିଜ ନିୟନ୍ତ୍ରଣରେ ରଖିବାକୁ ବାଣିଜ୍ୟବହିଃଶୁଳ୍କ ସଂପର୍କିତ ସାଧାରଣ ରାଜିନାମା ବା 'ଗ୍ୟାଟ' ରାଜିନାମାରେ ସ୍ୱାକ୍ଷର କରାଇ ନେଇଛନ୍ତି । ଭାରତବର୍ଷର ପର୍ଯ୍ୟାପ୍ତ କଂଚାମାଲ ଓ ଶସ୍ତାଶ୍ରମକୁ ଶୋଷଣ କରିବାପାଇଁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଜନବିରୋଧୀ ନୂତନ ଅର୍ଥନୀତି, ଶିକ୍ଷାନୀତି ପ୍ରସ୍ଥାନନୀତି ପ୍ରବର୍ତନ କରିଛନ୍ତି । ମୁକ୍ତ ଅର୍ଥନୀତି ନାଁରେ ଘରୋଇକରଣ, ଉଦାରୀକରଣ ଓ ଜଗତୀକରଣ ପ୍ରଚଳନ ହେବା ଫଳରେ ବହୁତ ଧନଶାଳୀ, ଶକ୍ତିଶାଳୀରାଷ୍ଟ୍ରମାନେ ଦୁର୍ବଳ ଦେଶମାନଙ୍କୁ ନିଜର ଚରାଭୂଇଁରେ ପରିଣତ କରୁଛନ୍ତି ।

ଆମ ଦେଶରେ ବହୁଦିନଯାଏ ସମାଜବାଦୀ ଢାଂଚାର ଅର୍ଥନୀତି, କେତେବେଳେ ମିଶ୍ର ଅର୍ଥନୀତି ପ୍ରବର୍ତନ ଫଳରେ ସମସ୍ତ ଅର୍ଥନୀତି ବିଫଳ ହେବା ଫଳରେ ଜାତୀୟ ବଜାର ସଂକଟରେ ଜର୍ଜରିତ ହୋଇ ଭାରତୀୟ ପୁଞ୍ଜିପତିଶ୍ରେଣୀ ବିଶ୍ୱ ପୁଞ୍ଜିବାଦୀ ବ୍ୟବସ୍ଥାର କନିଷ୍ଠ ଅଂଶୀଦାର ଭାବରେ ବିଶ୍ୱବଜାରରେ ଟିକେ ଜାଗା ଖୋଜି ପାଇବାକୁ ବ୍ୟାକୁଳ । ଦେଶର କୋଟିକୋଟି ଲୋକଙ୍କ ଶବକୁଢ ଉପରେ ସେମାନଙ୍କର ଯଦି କିଛି ଲାଭ ହୋଇଯାଏ, ସେଥିରେ ସୁଦ୍ଧା ସେମାନେ ସନ୍ତୁଷ୍ଟ । ଯେକୌଣସି ମତେ ପୁଞ୍ଜିପତିମାନେ ନିଜ ସଂକଟର ବୋଝକୁ ଜନଗଣଙ୍କ ଉପରେ ଲଦିଦେବାକୁ ଚାହୁଁଛନ୍ତି । କିନ୍ତୁ ବାସ୍ତବକ୍ଷେତ୍ରରେ ମୁକ୍ତ ଅର୍ଥନୀତି ପ୍ରଚଳନ ଆଢୁଆଳରେ ସଂକଟ ଜର୍ଜରିତ ପୁଞ୍ଜିବାଦୀ ଅର୍ଥନୀତିକୁ ବଂଚାଇବାକୁ ଯାଇ ନୂତନ ଶିକ୍ଷାନୀତି ପ୍ରଚଳନ କରି ଶ୍ରମପ୍ରଧାନ ଶିକ୍ଷ ପରିବର୍ତେ ପୁଞ୍ଜିପ୍ରଧାନ ଶିକ୍ଷ ପ୍ରତିଷ୍ଠାର ଧାରାକୁ ସଂହତ କରୁଛନ୍ତି । ଲାଭର ଲୋଭରେ ଆଧୁନିକୀକରଣ ନାଁରେ କୋଟିକୋଟି ଶ୍ରମିକଙ୍କୁ ଅକାର୍ଯ୍ୟକାରୀ କରିପକାଉଛନ୍ତି । ବେକାରୀ ସମସ୍ୟା, ମୁଦ୍ରାସ୍ଫୀତି, ପ୍ରତିନିୟତ କ୍ରମ ବର୍ଦ୍ଧମାନ ଆକାଶଛୁଆଁ ଦରବୃଦ୍ଧି ସହିତ ଲକ୍ଷଲକ୍ଷ କଳକାରଖାନା ବନ୍ଦ କିମ୍ବା ରୁଗ୍ଣ ହୋଇପଡିଛି । ଫଳରେ କୋଟିକୋଟି ଜନସାଧାରଣଙ୍କ ଦୈନିକ ମୁଣ୍ଡପିଛା ଆୟ ସହିତ ବହୁଳାଂଶ ଅର୍ଦ୍ଧାହାର ଅନାହାରରେ ଜୀବନଯାପନ କରୁଛନ୍ତି । ୨୦୦୮ରୁ ଆରମ୍ଭ ହୋଇଥିବା ବିଶ୍ୱବ୍ୟାପୀ ଅର୍ଥନୈତିକ ମାନ୍ଦାବସ୍ଥା ଏବେବି ଅସ୍ଥିର ରହିଛି । ଏହି ଅର୍ଥନୈତିକ ମାନ୍ଦାବସ୍ଥାର ମଖମଲି ମୁଖା ତଳେ ଲୁଚି ରହିଛି ସେହି ଲୁଟେରା ଆତଙ୍କବାଦୀ ସାମ୍ରାଜ୍ୟବାଦୀ ଶକ୍ତି ସମୂହର ଅସଲ ଅଭିସନ୍ଧି । ଅଥର୍ବ ଅର୍ଥନୀତିର ଅଜଗରୀ ଜିହ୍ୱାଚାଳନା ନେପଥ୍ୟରେ ହିମଶୀତଳ ଆତଙ୍କବାଦ । ଏବେ ଅର୍ଥାଘାତରେ ଆରମ୍ଭ ହୋଇସାରିଛି ଏକ ପ୍ରକାର ନୂତନ କଳ କୌଶଳପୂର୍ଣ୍ଣ ଆତଙ୍କବାଦ ।

ଏବେ କିନ୍ତୁ ରାଜନୀତିକୁ ପୋଷା ମନାଇ ଆହୁରି ପାଶବୀୟ ପରିବେଶ ସୃଷ୍ଟି କରିଛି ଏକ ଧୂର୍ତ୍ତ ଧୂସର ଅର୍ଥନୀତି । କଳାଟଙ୍କାକୁ କଳାପତାକା ଦେଖାଇବା ବଦଳରେ ଏ ଅମାନୁଷିକ ଅର୍ଥନୀତିର ଭବ୍ୟସ୍ୱାଗତ ଆରମ୍ଭ ହୋଇସାରିଛି ରାଜନୀତି କ୍ଷେତ୍ରରେ । ଏବେ ଶିଳ୍ପ ସମୃଦ୍ଧି ନାମରେ କୃଷିକ୍ଷେତ୍ର, ବନପର୍ବତ ଉପରେ ଏ ଆସୁରିକ ଅର୍ଥନୀତିର ଆଖି । ସଂପ୍ରତି ଦେଶର ଚତୁର୍ଦ୍ଦିଗ ମୁକୁଳା । ବିଦେଶୀ ପୁଞ୍ଜିପତିମାନେ ଦେଶୀ ପୁଞ୍ଜିପତିଙ୍କ ସହ ମିଶି ଦେଶର ଜମି, ଜଳ, ଜଙ୍ଗଲକୁ ନିଜ ଅକ୍ତିଆରକୁ ନେଇ ଯାଉଛନ୍ତି । ଆମ ଦେଶର କଂଚାମାଲକୁ ଆଉ ବିଦେଶକୁ ବୋହିନନେଇ ଏଇ ମାଟି ପାଣି ପବନରେ ସବୁ ସୁବିଧାନେଇ ଉତ୍ପାଦନ କରି ବିଶ୍ୱ ବଜାର ଦଖଲ କରିବାରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି, ଯାହାଫଳରେ ମୁକ୍ତ ଅର୍ଥନୀତି ଦେଶପାଇଁ ଆଶୀର୍ବାଦ ବଦଳରେ ଅଭିଶାପରେ ପରିଣତ ହୋଇଛି । ମୁକ୍ତ ଅର୍ଥନୀତି - ଫୁଙ୍ଗୁଳା ପୁଞ୍ଜିବାଦର ହୁଗୁଳା ଶାସନକୁ ସାରାସଂସାରରେ କାଏମ୍ ରଖିବାପାଇଁ ଗୋଟାଏ ଫାଇଦାସର୍ବସ୍ୱ କାଇଦାର କାଳରଡି । ଏହା ପ୍ରତ୍ୟେକ ଦେଶର ମାନଚିତ୍ରକୁ ନିଜ କଳାଟଙ୍କାର କ୍ୟାପିଟାଲ୍‌ରେ ବଦଳାଇଦେବାକୁ ଚାହେଁ । ନିଅଂଟିଆ ଦେଶଗୁଡି ପତଙ୍ଗ ପରି ଏହି ମୁକ୍ତ ଅର୍ଥନୀତିର ଅଗ୍ନିଆବର୍ତ୍ତ ମଧ୍ୟକୁ ଲମ୍ଫ ଦେବାକୁ ରାଜି । ପାରମ୍ପରିକ ସାମାଜିକତା ଓ ସାଂସ୍କୃତିକ ଐତିହ୍ୟ ସହିତ ଆଂଚଳିକ ଅନନ୍ୟତାକୁ ମୂଳପୋଛ କରିଦେବାର ଏକ ପ୍ରକ୍ରିୟା ଏହି ମୁକ୍ତ ଅର୍ଥନୀତିର ପ୍ରସାର ସହିତ ଅବଶ୍ୟମ୍ଭାବୀ । ଯାହା ଗ୍ରୀସ୍ ଠାରୁ ଆରମ୍ଭ କରି ଶ୍ରୀଲଙ୍କା ଅବସ୍ଥା ଭୟଙ୍କର ହୋଇପଡିଛି । ଆମର ତଥାକଥିତ ଅର୍ଥନୀତିବିଦ୍, ସମାଜତତ୍ତ୍ୱଜ୍ଞ, ବିଶେଷଜ୍ଞ, ବିଶାରଦ ଓ ବୁଦ୍ଧିଜୀବୀବର୍ଗ ମୁକ୍ତ ଅର୍ଥନୀତିର ପ୍ରକ୍ରିୟା-ପ୍ରଭାବ ସମ୍ବନ୍ଧରେ ସଜାଗ ରହିବା ଜରୁରୀ । ପ୍ରଥମେ ଦରକାର ଅର୍ଥନୈତିକ ଚରିତ୍ର ପରିବର୍ତନ । ଏହି ଅର୍ଥନୈତିକ ଚରିତ୍ରର ପ୍ରଧାନ ସ୍ୱଧର୍ମ ହେବା କଥା – ଆଗ ମୁନାଫା ନୁହେଁ, ମେସିନ୍ ନୁହେଁ, ଆଗେ ମଣିଷ । ଶିଳ୍ପସମୃଦ୍ଧି ଆଳରେ ମାଟିପାଣିପବନକୁ ବିଷାକ୍ତ କରି ପ୍ରକୃତ ଓ ପରିବେଶକୁ ପ୍ରଦୂଷଣରେ ପ୍ରପୀଡିତ କରି ମଣିଷଜାତିର ଭବିତବ୍ୟକୁ ବିକୃତ ଓ ବ୍ୟାଧିତ କରିଦେବାର ପୁଞ୍ଜିବାଦୀ ପ୍ରବୃତିକୁ ତୁରନ୍ତ ରଦ୍ଦ କରିବାର ପଥ ଓ ଶପଥ ଆଜିର ଆହ୍ୱାନ ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଯୁବ ଚେତନା, ସୋସିଆଲ ମିଡ଼ିଆ ଓ ୟୁଟ୍ୟୁବ

**ସତ୍ୟ ମହାପାତ୍ର**

ଆମ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ସାରା ବିଶ୍ୱରେ ଇନଷ୍ଟାଗ୍ରାମ, ଫେସବୁକ, ୟୁଟ୍ୟୁବରେ ପୃଥିବୀର ଅନ୍ୟ ଦେଶର ଶାସନ ମୁଖ୍ୟଙ୍କ ସ୍ତରକୁ ଦେଖିଲେ ସର୍ବାଧିକ ଅନୁଗାମୀ ମୋଦିଜୀଙ୍କର ରହିଛନ୍ତି । ଭାରତକୁ ବିଶ୍ୱଗୁରୁ କୁହାଯାଏ ଏବଂ ବିଶ୍ୱର ସର୍ବାଧିକ ଲୋକପ୍ରିୟ ଓ ଅନ୍ୟତମ ଶକ୍ତିଶାଳୀ ନେତା ଭାବେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ସମସ୍ତେ ଜାଣନ୍ତି । ଯଦିଓ ପୃଥିବୀରେ ଏହି ଶ୍ରେଣୀରେ ସବୁଠୁ ଶୀର୍ଷରେ ରହିଛନ୍ତି ପର୍ତ୍ତୁଗାଲର ତାରକା ଖଚିତ ଫୁଟବଲ ଖେଳାଳୀ ରୋନାଲ୍ଡୋ । ଖେଳ କ୍ଷେତ୍ରକୁ ଦେଖିଲେ ଭାରତରେ ବିରାଟ କୋହିଲିଙ୍କର ସତୁରୀ କୋଟିରୁ ଅଧିକ ଫଲୋଅର୍ସ ସୋସିଆଲ ମିଡ଼ିଆରେ ରହିଛନ୍ତି । ସୋସିଆଲ ମିଡ଼ିଆ ବର୍ତ୍ତମାନ ସମୟରେ ଆମ ଜୀବନ ସହିତ ଏପରି ମିଶିଗଲାଣି ଯେ ଏହା ଉଭୟ ଭଲ ଓ ଭେଲ ଦିଗ ପରି କାର୍ଯ୍ୟ କରୁଛି । ଏହା ଅସ୍ୱୀକାର କରି ହେବନାହିଁ ଯେ ସୋସିଆଲ ମିଡ଼ିଆ ଆମକୁ ଅନେକ କିଛି ଦେଇଛି । ଶିକ୍ଷା ଠାରୁ ସ୍ୱାସ୍ଥ୍ୟ, ବ୍ୟବସାୟ ଠାରୁ ଯୋଗାଯୋଗ, କୃଷି ଠାରୁ ଆଇନ, ମହାକାଶ ବିଜ୍ଞାନ ଠାରୁ କ୍ରୀଡ଼ା, ସବୁକ୍ଷେତ୍ରରେ ଏହି ସୋସିଆଲ ମିଡ଼ିଆ ବା ସାମାଜିକ ଗଣମାଧ୍ୟମ ଆମର ସାମାଜିକ, ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ସହିତ ଏକ ପ୍ରକାର ମିଶିଗଲାଣି । ସେହିପରି ୟୁଟ୍ୟୁବ ବର୍ତ୍ତମାନ ସମୟରେ ଏପରି ଏକ ଅତ୍ୟାବର୍ଯ୍ୟ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଯାହା ସମ୍ବାଦ, ଶିକ୍ଷା, ମନୋରଞ୍ଜନ, ସଂଗୀତ ସବୁକିଛି ଆମକୁ ଦେଇପାରୁଛି । ସେହିପରି ହ୍ୱାଟସ ଆପ୍ ଏକ ମେସେଜିଂ ପ୍ଲାଟଫର୍ମ ଯାହାଦ୍ୱାରା ଭିଡ଼ିଓ କଲ, ଗ୍ରୁପ ସଂଯୋଗ, ଚାର୍ଟ ଓ ଭଏସ କଲ ଦ୍ୱାରା ଯୁବପିଢ଼ି ନୂତନ ନେଟୱାର୍କିଂ ଦୁନିଆରେ ପାଦ ଦେବା ସହ ବିଶ୍ୱର ଏକ ଅଖ୍ୟାତ ଗ୍ରାମର ଅଜଣା ଯେ କେହି ବି ଜଣେ ଏହି ୟୁଟ୍ୟୁବ ଦ୍ୱାରା କେବଳ ନିଜର ଅନୁଗାମୀ ବଢ଼ାଉ ନାହାଁନ୍ତି ବରଂ ଲକ୍ଷ ଲକ୍ଷ ଟଙ୍କା ହାତପାହାନ୍ତାରେ ଘରେ ବସି ରୋଜଗାର କରୁଛନ୍ତି । କିଛି ଦିନ ତଳେ ବର୍ଷ ଆନ



ସାମ୍ବାଦିକ ରବିସ୍ କୁମାର 'ଏନଡିଟିଭି' ଛାଡ଼ିବା ପରେ ନିଜ ୟୁଟ୍ୟୁବ ଚ୍ୟାନେଲ ଖୋଲି ବର୍ଷକୁ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି । ସାମାଜିକ ଗଣମାଧ୍ୟମ କ୍ଷେତ୍ର ବିଶେଷକରି ସୋସିଆଲ ମିଡ଼ିଆର ନାଁ କମାଇଥିବା ଇନଫ୍ଲୁଏନସର ମାନଙ୍କ ଆଲୋଚନା କଲେ ଭାରତର ମିଷ୍ଟର ବିଷ୍ଟ ହେଉଛନ୍ତି ସବୁଠାରୁ ପ୍ରଭାବଶାଳୀ ଇନଫ୍ଲୁଏନସର । ତାଙ୍କ ୟୁଟ୍ୟୁବର ସବସ୍କ୍ରାଇବର ସଂଖ୍ୟା ୪୧୫ ନିୟୁତ ହୋଇଥିବା ବେଳେ ସେ ବର୍ତ୍ତମାନ ୮୩୫୦ କୋଟି ସମ୍ପତ୍ତିର ମାଲିକ । ତାଙ୍କ ପଛରେ ହରିୟାନାର ରୋଷ୍ଟିଂ ଭିଡ଼ିଓ କରୁଥିବା କ୍ୟାରି ମିନାଟି ମଧ୍ୟ ବେଶ ଲୋକପ୍ରିୟ । ସେହିପରି ଗୁଜୁରାଟର ଭୁବନ ବାମ, ଦିଲ୍ଲୀ ନିବାସୀ ଟ୍ରିଗର୍ଡ଼ ଇନସାନ୍, ଦିଲ୍ଲୀର କଣ୍ଟେଣ୍ଟ କ୍ରିଏଟର ଆଶିଷ ଚଞ୍ଚଲାନୀ, କନ୍ନଡ ସୋସିଆଲ ମିଡ଼ିଆ ଇନଫ୍ଲୁଏନସର ଜନ୍ନତ ଜୁବେର, ବ୍ଲଗର ଭାବେ ହରିୟାନାର ଜନ୍ମିତ ଜର୍ମାନରେ ରହୁଥିବା ଧ୍ରୁବ ରାଠି, ଟେକ୍ନିକାଲ ଗୁରୁଜୀ ନାଁରେ ଲୋକପ୍ରିୟ ଗୌରବ ଚୌଧୁରୀ, ଭାରତୀୟ ଫେସନ ଇନଫ୍ଲୁଏନସର ନାନ୍ସି ତ୍ୟାଗୀ, ମଜାଳିଆ ଭିଡ଼ିଓ କରୁଥିବା କୁଶା କପିଲା, ଲୋକପ୍ରିୟ ୟୁଟ୍ୟୁବର ପ୍ରାଜକ୍ତା କୋଲି ପ୍ରମୁଖ । ତେବେ ବଡ଼କଥା ହେଉଛି ଏହି ୟୁଟ୍ୟୁବ ଘରେ ବସି ଅନେକ ରୋଜଗାର ଦେଉଛି ଅନେକଙ୍କୁ । କରୋନା ସମୟରେ ଆମ ଓଡ଼ିଶାର ସମ୍ବଲପୁରର ଜନୈକ ଦାଦନ ଫେରନ୍ତା ଇଷାକ୍ ମୁଣ୍ଡାଙ୍କ ପଖାଳ କଂସା ଓ ଘରୋଇ ବ୍ୟଞ୍ଜନ ୟୁଟ୍ୟୁବରେ ଢ଼େର ଚର୍ଚ୍ଚା ସୃଷ୍ଟି କରିବା ସହ ସେ କେବଳ ଲକ୍ଷାଧିକ ଟଙ୍କା ପାଇନଥିଲେ ବରଂ ଖୋଦ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଥିଲେ । ଓଡ଼ିଆ ସମତେ ଅନେକ ଆଞ୍ଚଳିକ ଭାଷାରେ ୟୁଟ୍ୟୁବ ଚ୍ୟାନେଲ ବର୍ତ୍ତମାନ ସମୟରେ ଭର୍ତ୍ତି ହୋଇଛି । ସୋସିଆଲ ମିଡ଼ିଆ ଯେତିକି ଭଲ ସେତିକ ଖରାପ ମଧ୍ୟ । ଅନେକ କୁହନ୍ତି ବିଦ୍ୟାର୍ଥୀମାନେ ସୋସିଆଲ ମିଡ଼ିଆ ଉପରେ ମାତ୍ରାଧିକ ନିର୍ଭରଶୀଳତା ରଖୁଥିବାରୁ ସେମାନଙ୍କର ବୌଦ୍ଧିକତା, ମୌଳିକତା ହ୍ରାସ ପାଉଛି । ଏହା ନିଃସଙ୍ଗତା ସୃଷ୍ଟି କରିବା ସହ କେତେକ କ୍ଷେତ୍ରରେ ଟ୍ରୋଲିଂ ଭୟରେ କୌଣସି ଦଙ୍ଗା ହଙ୍ଗାମା ପରିସ୍ଥିତି ସହ ଅନେକ ଜୀବନ ହାରି ଥାଆନ୍ତି । ପିଲାମାନଙ୍କ କ୍ଷେତ୍ରରେ ଅତ୍ୟଧିକ ସୋସିଆଲ ମିଡ଼ିଆର ବ୍ୟବହାର ସେମାନଙ୍କର ଆତ୍ମୀୟ ସ୍ୱଜନଙ୍କ ମେଳର ସମ୍ପର୍କକୁ ନଷ୍ଟ କରିଦେଇଥାଏ । କେତେକ କ୍ଷେତ୍ରରେ ଅଜଣା ଲିଙ୍କର ବ୍ଲାକମେଲିଂ ଶିକାର ହୋଇ କେବଳ ପିଲାମାନେ ନୁହଁନ୍ତି ବୟସ୍କ ମାନେ ମଧ୍ୟ କୁପଥଗାମୀ ହେବାର ନଜିର ରହିଛି । ଭିଡ଼ିଓ ଗେମିଂ ଦ୍ୱାରା ଅନେକ ଛାତ୍ର ଆତ୍ମହତ୍ୟା କରିବା ସହ ବେଳେ ବେଳେ ନିଜ ବାପା-ମାଆଙ୍କ କଥାକୁ ସେମାନେ ବୁଝିବାକୁ ଉଚିତ ମନେ କରିନଥାନ୍ତି । ନିଜକୁ ବିଜ୍ଞାପିତ କରିବାର ଉପଯୁକ୍ତ ସାଧନ ଏହି ସୋସିଆଲ ମିଡ଼ିଆ ହୋଇଥିବାରୁ ଆତ୍ମ ବିଜ୍ଞାପିତ କରିବାର ପ୍ରବଳ ଉତ୍ସାହ ଜଣଙ୍କର ସୃଜନ ମୌଳିକତାକୁ ଧ୍ୱଂସ କରିଥାଏ । ସରକାରଙ୍କ ତରଫରୁ କିଛି ନୀତି ନିୟମ ରହୁଛି ତେବେ ଏସବୁ ଭିତରେ ସୋସିଆଲ ମିଡ଼ିଆ ଜଣଙ୍କର ଜ୍ଞାନ ଉନ୍ନତିର ମହାନ ଅସ୍ତ୍ର ତ ନିଶ୍ଚୟ ତେବେ ଭାରତର ବୃହତ୍ କ୍ରୀୟାଶୀଳ ମାନବ ସମ୍ବଳ ଏହି ଡିଜିଟାଲ ନଦୀର ସ୍ରୋତରେ ନ ଭାସି ଏହାର ସୁଯୋଗକୁ ଉପଯୋଗ କଲେ ଏହା ଯୁବ ବର୍ଗଙ୍କ ପାଇଁ ନିର୍ଭରଯୋଗ୍ୟ ବନ୍ଧୁ ପାଲଟି ପାରିବ ।

ସିଡ଼ିଏ, କଟକ
ମୋ:୯୬୫୮୧୦୫୫୩୨

# ମାନପତ୍ର ଯେବେ ହୁଏ ମନିପତ୍ର

**ଧ୍ରୁବ ଚରଣ ଘିବେଲା**

ଚାକିରିଆ ରୋଜଗାରିଆ । ଚାକିରୀ ଅଛି ମାନେ ରୋଜଗାର ରହିଛି । ଚାକିରୀ ପୁଣି ହୋଇପାରେ ସରକାରୀ ବା ବେସରକାରୀ । ଚାକିରୀ ଗୋଟେ ପେଟ ପୋଷା ବେଉଷା । ତେବେ ଚାକିରୀ ଚାକିରିଆଙ୍କୁ ଯୋଗାଇ ଥାଏ ଗୋଟେ ଗୋଟେ ସେବା କ୍ଷେତ୍ର । ଚାକିରୀ ସହିତ ସବୁବେଳେ ସେବା କ୍ଷେତ୍ର ଯୋଡ଼ି ହୋଇରହିଥାଏ । ସବୁଠି ସବୁ ବିଭାଗର ଚାକିରିଆଙ୍କୁ ସେବା ଦେବାକୁ ପଡ଼ିଥାଏ । ଯେମିତି ଶିକ୍ଷା ସେବା, କୃଷି ସେବା, ସ୍ୱାସ୍ଥ୍ୟ ସେବା ଇତ୍ୟାଦି ଇତ୍ୟାଦି । ସେବାରେ ଉତ୍କର୍ଷତା ପାଇଁ ସବୁ ବିଭାଗୀୟ କିଛି କର୍ମଚାରୀ / ଅଧିକାରୀଙ୍କୁ ପୁରସ୍କାର ଦେବାର ବ୍ୟବସ୍ଥା ସଂଯୋଜିତ ମଧ୍ୟ ରହିଛି । ସରକାରୀ କର୍ମଚାରୀଙ୍କ ପାଇଁ ବ୍ୟବସ୍ଥିତ ଥାଏ ପୁରସ୍କାର ବ୍ୟବସ୍ଥା । ସେଥିପାଇଁ ଚୟନ ପ୍ରକ୍ରିୟା ବି ଥାଏ ବିଭିନ୍ନ ବିଭାଗୀୟ ପୁରସ୍କାର ପାଇଁ ଓ ସାଧାରଣତଃ ପୁରସ୍କାର ବାବଦରେ ମାନପତ୍ର, ଉପଢୌକଣ ଆକାରେ ସାଲ ଚାଦର ଆଦି, ତା' ସହିତ ସୁଦୃଶ୍ୟ । ଚାକିରୀ ସେବା ବ୍ୟତୀତ କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଆଦି ସେବା କ୍ଷେତ୍ରର କବି । କଳାକାରଙ୍କୁ ମଧ୍ୟ ପୁରସ୍କାର ମିଳିଥାଏ । ଦିଆଯାଇଥାଏ ଓ ସରକାରୀ ଭାବେ ନତୁବା ବିଭିନ୍ନ ଅନୁଷ୍ଠାନ ତରଫରୁ ।

ସାଧାରଣତଃ ପୁରସ୍କାର ଗୋଟେ ସ୍ୱୀକୃତି ପ୍ରଦାନ କରିଥାଏ ପୁରସ୍କୃତ ବ୍ୟକ୍ତିଙ୍କୁ । ପୁରସ୍କାର ଯୋଗୁଁ ବ୍ୟକ୍ତି ଅପରିଚିତରୁ ପରିଚିତ ହୁଅନ୍ତି ଓ ସାଧାରଣରୁ ଅସାଧାରଣ ପାଲଟନ୍ତି । ପୁରସ୍କାର ନେଇ ଏହା ମଧ୍ୟ କୁହାଯାଏ ପୁରସ୍କାର ବ୍ୟକ୍ତିକୁ ନୁହେଁ । ବ୍ୟକ୍ତିର କୃତି ଓ କୀର୍ତ୍ତିକୁ ଦିଆଯାଏ । ସାହିତ୍ୟ ପୁରସ୍କାର ବହିକୁ ମିଳେ । କୃତି ନ ଥାଇ ଯଦି ପୁରସ୍କାର ମିଳୁଛି / ଦିଆଯାଉଛି, ସେଇଠି 'ଢୋଲ ଭିତରେ ମୂଷା' ବିଚାର କରାଯାଉଛି କେମିତି ? ପ୍ରିୟାପ୍ରୀତି ଅନୁଚିତ । ତଥାପି ପ୍ରିୟାପ୍ରୀତି ନୀତି ଅନେକ ସମୟରେ ପୁରସ୍କାରକୁ ନେଇ କୌଣସି ନା କୌଣସି କାଠଗଡ଼ାରେ ଠିଆ କରାଇଥାଏ । କିଏ ବୁଲା ବେପାରୀ ସାଜନ୍ତି ଆଉ କିଏ ଯେ ପୁରସ୍କାର ଦୋକାନ ଖୋଲି ବସିଥାନ୍ତି । ସେଇ ପୁରସ୍କାର ବେପାରୀ ଛକି ରହିଥାନ୍ତି ପୁରସ୍କାର ବିକଳିଆ ଗରାଖକୁ । ସାରା ରାଜ୍ୟରେ କିଛି ସଂସ୍ଥା ରହିଛନ୍ତି ଯେଉଁମାନେ ପୁରସ୍କାର ବିକୁଥିବାର ଶୁଣାଯାଏ । ନ ହେଲେ ଲେଖୁ ନ ଥିବା ଲୋକ, ଦୁଇ ଚାରିଟା ଲେଖା ଲେଖିଥିବା ଲେଖକ, କାଁ ଭାଁ କେଉଁଠି କେଉଁ ଅନାମଧେୟ ପତ୍ରିକାରେ ଲେଖିଥିବା ଲେଖକ ପୁରସ୍କାର କେଉଁଠୁ ପାଇଲେ ସେ ନେଇ ଚର୍ଚ୍ଚା ହୁଏ ଏଠି ସେଠି ସେ ବାବୁ ପୁରସ୍କାର ପାଇଲେ କେମିତି ? ପୁରସ୍କାର ବିବାଦ ନୂଆ କଥା ନୁହେଁ ଓ ଏ କଥା ଅନେକ ସମୟରେ ଉଠେ ସେ ଭଳିଆ ଘଟଣା ଘଟିଲେ । ଏବେ ସ୍ଥଳବିଶେଷରେ କେଉଁଠି କେଉଁଠି ସାହିତ୍ୟକୁ ନେଇ ବେପାର କରାଗଲାଣି । ଲେଖା ଛପାଇବାଠୁ ଆରମ୍ଭ କରି ମଞ୍ଚ ମଣିଷ ମାନେ ବିଭିନ୍ନ ଅତିଥି ଉଦଘାଟକ, ବିଶେଷ ଅତିଥି, ବିଶିଷ୍ଟ ଅତିଥି, ସମ୍ମାନିତ ଅତିଥି, ମୁଖ୍ୟ ଅତିଥି ସାଜିବା ଆଉ ପୁରସ୍କାର ପାଇଁ ଦିଆନିଆ ଚାଲିଲାଣି । ଆଜି ବି ଏମିତି ସାହିତ୍ୟ ଅନୁଷ୍ଠାନ କାମ କରୁଛନ୍ତି, ଯେଉଁମାନେ ଅତିଥିଙ୍କୁ ବାଟ ଖର୍ଚ୍ଚ ଦେଇ ନିମନ୍ତ୍ରଣ କରନ୍ତି । ପୁରସ୍କୃତ ପ୍ରତିଭାଙ୍କୁ ଲଜ ଭଡ଼ା ଦେଇ ରଖନ୍ତି ଓ ସୁନ୍ଦର ଆତିଥ୍ୟତା ପ୍ରଦାନ କରନ୍ତି । ଅନ୍ୟପକ୍ଷେ ଯେ ପୁରସ୍କାର ବିକାଯାଏ କେଉଁଠି ।

କଥା ହେଉଛି, ଏମିତି ପୁରସ୍କାର କିଣାବିକା ଯୋଗୁଁ କେଉଁଠୁ ବିନା ଧରାକରାରେ କିଏ ପାଇଥିବା ପୁରସ୍କାର ବି ଅନ୍ୟମାନଙ୍କ ସନ୍ଦେହ ଘେର ଭିତରକୁ ଆସିଯାଇଥାଏ । କବି ଲେଖକ ସ୍ୱାଭିମାନୀ ନ ହୋଇ ଯଦି ପୁରସ୍କାର ପାଇଁ କେଉଁଠି ହାତ ପତେଇବେ, କେଉଁଠୁ କିଣିବେ, ଏହାକୁ କଣ ବା କୁହାଯିବ ? ଯିଏ ପୁରସ୍କାର କିଣେ, ସିଏ କି ସ୍ୱାଭିମାନୀ ? କି ସ୍ୱାଭିମାନ ଥାଏ ତାଙ୍କଠି ? ଅସତ ଲେଖକର ସ୍ୱାଭିମାନ ନ ଥାଏ । ଯିଏ ସ୍ୱାଭିମାନୀ ସିଏ କେବେ ପୁରସ୍କାର କିଣିବନି । କିଣା ପୁରସ୍କାର କେବେ ବି ମାନଯୁକ୍ତ ନ ଥାଏ ? କିଣା ପୁରସ୍କାର ସବୁବେଳେ ମାନରହିତ ଥାଏ ଓ ମନି ବା ଟଙ୍କା ଦେଇ ପାଇଥିବା ପତ୍ର ହେଉଛି ମନିପତ୍ର । ପୁଣି ମନି ଦେଇ କିଣାଯାଉଥିବା ମାନପତ୍ରକୁ କୁହାଯାଇ ପାରେ ମନିପତ୍ର ! ହାଏ ହାଏରେ ପୁରସ୍କାର, ହାଏ ହାଏରେ ମନିପତ୍ର । ସେସବୁ ଲାଗିଲାଣି ଦିନକୁ ଦିନ ଅତି ବିଚିତ୍ର !

ବଉଦରାଜ, ଜି. ବୌଦ୍ଧ
ମୋ:୯୪୩୭୪୭୮୪୬୬

# ସରକାରୀ ମିଟରରୁ ବେଆଇନ ଭଡ଼ା ଆଦାୟ

## ପ୍ରାପ୍ତପତ୍ର

ରାଜ୍ୟରେ ଟାଟା ପାୱାର ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରି ଚାଲିଛି । ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ପାଇଁ ଘରେ ଘରେ ନୋଟିସ ଦିଆଯାଇଛି । ଜୋର ଜବରଦସ୍ତ ସ୍ମାର୍ଟ ମିଟର ବସାଯାଉଛି । ସରକାରୀ ମିଟରରୁ ତିନି ଶହ କୋଟି ଟଙ୍କା ବେଆଇନ ଭାବେ ଟାଟା ପାୱାର ଆଦାୟ କରିଛି । ସୂଚନାଥାଉକି ୨୦୨୦ ମସିହାରୁ ସୌଭାଗ୍ୟ ଓ ଆଇପିଡ଼ିଏସ ଯୋଜନାରେ ଚାରୋଟି ଯାକ ବିଦ୍ୟୁତ ବିତରଣ କମ୍ପାନୀ ବେଆଇନ ଭାବେ ଆଦାୟ କରିଚାଲିଛନ୍ତି । ସୂଚନାଥାଉକି ରାଜ୍ୟରେ ମୋଟାମୋଟି ବିଦ୍ୟୁତ ଉପଭୋକ୍ତାଙ୍କ ସଂଖ୍ୟା ୯୮ ଲକ୍ଷ । ଏମାନଙ୍କ ଭିତରୁ ଦୁଇ କିଲୋ ୱାଟରୁ କମ ବିଜୁଳି ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ସଂଖ୍ୟା ପ୍ରାୟ ୮୦ଲକ୍ଷ । ଏକ କିଲୋୱାଟରୁ କମ ବ୍ୟବହାରକାରୀ ଉପଭୋକ୍ତାଙ୍କ ସଂଖ୍ୟା ପ୍ରାୟ ୪୫ ଲକ୍ଷ । ଏକ କିଲୋରୁ ଦୁଇ କିଲୋୱାଟ ବିଜୁଳି ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୩୪ ଲକ୍ଷ । ରାଜ୍ୟରେ ମାତ୍ର ୨% ବିଜୁଳି କୃଷି କାର୍ଯ୍ୟରେ ଉପଯୋଗ ହେଉଛି । ନିକଟରେ ଟିପିସିଓଡ଼ିଏଲ ଯେଉଁ ତଥ୍ୟ ପ୍ରଦାନ କରିଛି ସେଥିରେ ସ୍ୱୀକାର କରିଛି ଯେ, ଏପ୍ରିଲ ୨୦୨୪ ଠାରୁ ସେମାନେ ଆଉ ମିଟର ରେଣ୍ଟ ଆଦାୟ କରି ନାହାନ୍ତି । ମାର୍ଚ୍ଚ ୨୦୨୪ ସୁଦ୍ଧା ୧୮ କୋଟି ୬୮ ଲକ୍ଷ ଟଙ୍କା ଆଦାୟ କରିଛନ୍ତି । ଆଇପିଡିଏସ ମିଟରରୁ ଗ୍ରାହକଙ୍କ ଠାରୁ ୧୧କୋଟି ୫୫ ଲକ୍ଷ, ସୌଭାଗ୍ୟ ଯୋଜନାର ୭କୋଟି ୧୩ ଲକ୍ଷ ଟଙ୍କା ମିଟର ରେଣ୍ଟ ବାବଦରେ ଆଦାୟ କରିଛନ୍ତି । ଦିନ ଦୟାଲ ଯୋଜନା, ରାଜୀବ ଜ୍ୟୋତି, ବିଜୁ ଜ୍ୟୋତି ଭଳି ଆହୁରି ଅନେକ ସରକାରୀ ଯୋଜନାରେ ଡିସ୍କମ କମ୍ପାନୀ ପାଖାପାଖି ୩ଶହ କୋଟି ଟଙ୍କା ସାଧାରଣ ଲୋକଙ୍କ ଠାରୁ ହରିଲୁଟ କରିଛି । କିନ୍ତୁ ଟାଟା ପାୱାର ଠକେଇ ପାଇଁ କିଛି କାର୍ଯ୍ୟାନୁଷ୍ଠାନ ନାହିଁ । ଏଥିପାଇ ଶକ୍ତି ବିଭାଗ କଣ କରୁଛି ? ତାଙ୍କ ବିରୁଦ୍ଧରେ କାହିଁକି ଏତଲା ଦେଇନି ? ଇଂରାଜୀରେ କାହିଁକି ବିଲ ଛପାଯାଉନାହିଁ ? ସେପଟେ ସମୀକ୍ଷା ନକରି ରାଜ୍ୟ ସରକାର ୭୩୫ କୋଟି ଟଙ୍କା ଟାଟା ପାୱାରକୁ ଦେବା ପାଇଁ ନିଷ୍ପତି ନେଇଛନ୍ତି । ସାଧାରଣ ଲୋକଙ୍କ ଟିକସ ପଇସାରେ ମିଟର ଲଗାଇ ଟାଟା ପାୱାର ମନଇଚ୍ଛା ଶୋଷଣ କରି ଚାଲିବେ । ଏହା ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ରେ ଇଲେକଟ୍ରିସିଟି ରାଇଟସ ଅଫ କଞ୍ଜୁମର୍ସ ରୁଲ ୨୦୨୦ର ସମ୍ପୂର୍ଣ୍ଣ ବିରୁଦ୍ଧାଚାରଣ କରୁଛି । ମିଟର ଟେଷ୍ଟିଙ୍ଗ ପାଇଁ ଏକ ତୃତୀୟ ପକ୍ଷ ବା ସ୍ୱତନ୍ତ୍ର ସଂସ୍ଥା ଓଇଆରସିଙ୍କ ତତ୍ତ୍ୱାବଧାନରେ ବିଦ୍ୟୁତ କାର୍ଯ୍ୟ କରିବ । ମିଟର ନିର୍ମାଣକାରୀ କମ୍ପାନୀ ଗୁଡ଼ିକର ନାମ ଏବଂ ଉପଲବ୍ଧ ସ୍ଥାନ ଏବଂ ମିଟରର ପରୀକ୍ଷଣ କେନ୍ଦ୍ରର ସମସ୍ତ ତଥ୍ୟ ଗ୍ରାହକଙ୍କୁ ଜଣାଇବା ବାଧ୍ୟତାମୂଳକ । ମିଟର ପରୀକ୍ଷିତ ଓ ସିଲଡ ହୋଇଥିବା ଦରକାର । ସରକାରଙ୍କ ନିଷ୍କ୍ରିୟତାରେ ଟାଟା କମ୍ପାନୀ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ବସାଇ ବେଆଇନ ଭାବେ ଗ୍ରାହକ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି । ୬୦ଲକ୍ଷ ଉପଭୋକ୍ତାଙ୍କ ନିକଟରେ ସ୍ମାର୍ଟ ମୋବାଇଲ ନାହିଁ । ଇଣ୍ଟରନେଟ ନାହିଁ କି ଟେଲିଫୋନ ସୁବିଧା ନାହିଁ । ସେମାନେ ଏହି ସ୍ମାର୍ଟ ମିଟରର ସଠିକ ବ୍ୟବହାର ଓ ପରିଚାଳନା କିପରି କରିପାରିବେ । ଏପରି ସ୍ଥଳେ ସେମାନଙ୍କ ପାଇଁ ସ୍ମାର୍ଟ ମିଟର ବସାଇବାର କୌଣସି ପ୍ରାସଙ୍ଗିକତା ନାହିଁ । ଓଇଆରସି ତୁରନ୍ତ ଧାରା ୫ର ଉପଧାରା ୧ ଅନୁଯାୟୀ ବିତରଣ କମ୍ପାନୀ ଓ ସରକାରଙ୍କ ନିୟମର କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଅନ୍ତୁ ।

ଶ୍ୟାମସୁନ୍ଦର ସାମଲ
ବିଡ଼ାନାସୀ , କଟକ



## ଖରାଦିନ ମିତ

ଚିତ୍ତରଞ୍ଜନ ମହାନ୍ତି



ଖରାଦିନ ମିତ ତୁହି
ସମ୍ପର୍କ ସେମିତି ନାହିଁ
ଠିକଣା ଯାଇଛି ହଜି
ଦୁଃଖ ! ପଛ କଥା ଭାବି ।
ଥିଲା ତୋହର ଆଦର
କୁଡିଆରୁ ରାଜଉଆସ
ଦପ୍ତରରୁ ରାଜଦରବାର
ସବୁଠାରେ ଖୋଜା ଆଗ ।
ମନେ ପଡେ ପିଲାଦିନ
ଶେଯ ପାଶେ ରାତି ଦିନ
ବିଞ୍ଚଣା ବୋଉ ହାତେ
ବିଛଣାରେ ନିଦ ଆସେ ।
ତାଳ ପତ୍ର ,ବୀଣା ବେର
ଗଢା ତା'ର କଳେବର
ବାସନାରେ ଆନମନା
ଧରୁଥିଲୁ ଆମେ ବିଛଣା ।
ବିଜ୍ଞାନର ଯାଦୁକରୀ
ଯାଦୁଘରେ ହେଲୁ କଏଦି
କାଲି ଜାଣିବେ ତୋ 'କୀର୍ତ୍ତି
ବିଞ୍ଚଣାର କରାମତି ।
ତଥାପି ମଣିଷ ଭୁଲିନାହିଁ
ବିଞ୍ଚଣା ଥିଲା ତା' ସାଥି
ନଥିଲେ ବିଦ୍ୟୁତ ଶକ୍ତି
ତାତିରୁ ପାଏ ଆଶ୍ୱସ୍ତି ।
ପରିବର୍ତ୍ତନ ଦୁନିଆ ରୀତି
ମାଗୁଣୀର ଶଗଡ ପରି
ବିଞ୍ଚଣା ଯାଇଛି ହଜି
ଆଜି ସ୍ମୃତି କାଲି ନାହିଁ ।

ତଗିରା ,ରାଣୀତାଲ- ୭୫୬୧୧୧
ଭଦ୍ରକ
ମୋ-୯୪୩୮୬୭୦୧୫୦

## ଅଭିଶପ୍ତ ଆମ୍ବ

ସୁଧାଂଶୁ ଶେଖର ଦ୍ୱିବେଦୀ

ବାବା ଗୋରଖନାଥ ଜଣେ ଅନନ୍ୟ ସନ୍ଥ ଥିଲେ। ସେ ଯେଉଁଠି ବସିଯାଉଥିଲେ ତାହା ତାଙ୍କପାଇଁ ବାସସ୍ଥଳୀ ହେଇ ଯାଉଥିଲା।ସେ ଯେଉଁ ନଦୀ ଜଳ ପିଉଥିଲେ ତାହା ତାଙ୍କପାଇଁ ଅମୃତ ହେଉଥିଲା।ସେ ଯେଉଁଠିକୁ ଯାଆନ୍ତି ତାହା ତାଙ୍କପାଇଁ ତୀର୍ଥ ହେଇଯାଉଥିଲା।ସେ ଯାହା କୁହନ୍ତି କି ପରାମର୍ଶ ଦିଅନ୍ତି ମନକୁ ମୁଗ୍ଧ କରି ଦେଉଥିଲା।



ଥରେ ସେ ଆସାମର ଘନ ଜଙ୍ଗଲ ମଧ୍ୟରେ ନିଜ ଶିଷ୍ୟଙ୍କ ସହିତ ଯାଉଥାନ୍ତି। ଉଚ୍ଚ-ନୀଚ ପାହାଡ଼, କଣ୍ଟା ଝଟା ରାସ୍ତା ଅତିକ୍ରମ କରି ଗୋଟେ ଆମ୍ବ ବଗିଚାରେ ଆଶ୍ରୟ ନେଲେ।ଚାରିଆଡେ ଆମ୍ବ ଗଛ।ଗଛ ଉପରେ କିଚିରି ମିଚିରି ଭାଷାରେ ପକ୍ଷୀମାନେ କଳରବ କରୁଥାନ୍ତି। ଲାଲ-ହଳଦୀ ରଙ୍ଗର ପାଚିଲା ଆମ୍ବ ଦେଖି କାହା ପାଟିରୁ ଲାଳ ଗଡିବନି !ଶିଷ୍ୟମାନେ ରାସ୍ତା ଚାଲି ଥକି ପଡ଼ିଥାନ୍ତି।ସେମାନେ ଆମ୍ବ ଖାଇବେ ବୋଲି ଗୁରୁଙ୍କ ନିକଟରେ ଇଚ୍ଛା ପ୍ରକଟ କଲେ। ଗୁରୁ କହିଲେ- ତୁମେମାନେ ପ୍ରଥମେ ବଗିଚା ମାଲିକଠାରୁ ଅନୁମତି ନେଇଆସ ତାପରେ ଆମ୍ବ ଖାଇବ।

କେତେକ ଶିଷ୍ୟ ବଗିଚା ମାଲିକଙ୍କ ନିକଟରେ ପହଞ୍ଚି ଆମ୍ବ ଖାଇବେ ବୋଲି ଅନୁମତି ମାଗିଲେ।ମାଲିକ ବଡ଼ ଅହଙ୍କାରୀ ସ୍ୱଭାବର ଥାଏ।ମାଛି ପରି ମୁହଁକୁ ଭଣଭଣ କରି କହିଲା-ଯାଅ-ପଳାଅ ଏଠାରୁ।ଆମ୍ବ-ଫାମ୍ବ କିଛି ଖାଇ ପାରିବନି। ଏବେ ଆମ୍ବ ସବୁ କଞ୍ଚା ହେଇଛି। ଯଦି ସେଥିରେ କିଛି ପାଚିଲା ଆମ୍ବ ଥିବ ସେସବୁରେ ପୋକ ଲାଗିଛି।

ଶିଷ୍ୟମାନେ ନିରାଶହୋଇ ଫେରିଆସି ଗୁରୁଙ୍କୁ ସବୁ ଜଣାଇଲେ । ଗୁରୁ ଆଖି ବନ୍ଦ କରି କିଛି ସମୟ ଧ୍ୟାନରେ ବସିବାପରେ କହିଲେ-ଠିକ୍ ଅଛି,ଯଦି ବଗିଚା ମାଲିକ କହୁଛି ଆମ୍ବରେ ପୋକ ଲାଗିଛି ତାହେଲେ ତାହାହିଁ ହେବ। ଏହା କହି ସେ ଶିଷ୍ୟଙ୍କୁ ସାଥୀରେ ଧରି ଅନ୍ୟତ୍ର ଆଗକୁ ବଢିଲେ।

କିଛିଦିନ ପରେ ବଗିଚା ମାଲିକର ଆମ୍ବ ଖାଇବାଲାଗି ମନ ହେଲା।ଗଛରୁ ଆମ୍ବ ତୋଳି ଆଣିବାପାଇଁ ଚାକରକୁ ପଠାଇଲା।ଚାକର ଆମ୍ବ ବଗିଚାକୁ ଯାଇ ଦେଖେତ ସବୁ ପାଚିଲା ଆମ୍ବରେ ପୋକ ଲାଗିଛି।ନିଜେ ମାଲିକ ବଗିଚାକୁ ଯାଇ ଦୁଇ ତିନୋଟି ଆମ୍ବ କାଟି ଦେଖେ ତ ପୋକ ସାଲୁବାଲୁ ହେଉଛନ୍ତି।ତାହା ଦେଖି ସେ ଛାନିଆରେ ଗୁରୁ ଗୋରଖନାଥଙ୍କୁ ଖୋଜିବାପାଇଁ ଚାକରକୁ ପଠାଇଲା।ପରନ୍ତୁ ସବୁ ନିରାଶ।ଦୂର-ଦୂରାନ୍ତଯାଏ ଗୁରୁଙ୍କର କୌଣସି ଠା-ଠିକଣା ମିଳିଲା ନାହିଁ। ମାଲିକ ବିବ୍ରତ ହୋଇ ଆସନ୍ତା ବର୍ଷକୁ ଆପେକ୍ଷା କଲା।

ନୂଆବର୍ଷ ଆସିଲା।ଆମ୍ବ ଗଛରେ ପ୍ରଚୁର ଆମ୍ବ ବଉଳିଲା। କିନ୍ତୁ ଆମ୍ବ ବଗିଚାର ସ୍ଥିତି ବଦଳିଲା ନାହିଁ।ସେଦିନ ଓ ଆଜିର ଦିନ।ଏବେବି ଆସାମର ଉକ୍ତ ଆମ୍ବ ବଗିଚା ଗୁରୁ ଗୋରଖନାଥଙ୍କ ଅଭିଶାପରୁ ମୁକ୍ତି ପାଇନାହିଁ।ଫେବୃଆରୀ-ମାର୍ଚ୍ଚ ମାସରେ ଆମ୍ବ ବଉଳର ବାସ୍ନା ଆଖପାଖ ବାତାବରଣକୁ ମହାକାଇ ଦିଏ।ଲୋକମାନେ ଭାବନ୍ତି ଏବର୍ଷ ଭଲ ଆମ୍ବ ଫଳିବ।ହେଲେ ତାହା ସମ୍ଭବ ହୁଏନାହିଁ।ଉକ୍ତ ବଗିଚାର ଆମ୍ବ ପ୍ରତିବର୍ଷ ପୋକ ଲାଗିଯାଏ।( ଆସାମ ଲୋକକଥା)

ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨

## ପଖାଳ ଦେହକୁ ହିତ.....

ରାମଚନ୍ଦ୍ର ବେହେରା



ପାଟିକୁ ଲାଗେ ସୁଆଦ
ଶାଗ ବଡିଚୁରା ମାଛଭଜା ସାଥେ
ମନକୁ କରଇ ବୋଧ।
କିଛି ନମିଳିଲେ ପିଆଜ ଲଂକାରେ
ହୋଇଥାଏ ମନ ତୋଷ
ସଜ ପଖାଳରେ କଷି ଆମ୍ବ ନସି
ଭରିଦିଏ ନୂଆ ବାସ।
ପଖାଳରେ ଅଛି ଔଷଧୀୟ ଗୁଣ
ଦେହକୁ ନଲାଗେ ଖରା
ଅଂଶୁଘାତ ଡର ମନରୁ ଦୂରାଏ
ଯେ ପିଏ ତୋରାଣୀ ପରା।
ରୋଗ ପ୍ରତିରୋଧ ଶକତି ବଢାଏ
ଆମରି ପ୍ରିୟ ପଖାଳ
ପଖାଳ ଦିବସ ଆସୁଅଛି ମିତ
ପାଳିବେ ରାଇଜେ ଜନେ
ଆମ ପ୍ରିୟ ଖାଦ୍ୟ ପଖାଳ ଭାତକୁ
ଖାଇବେ ହରଷ ମନେ।
ପଖାଳରେ ଅଛି ବହୁ ଜୈବସାର
ଜଳୀୟଅଂଶ ବହୁତ
ଖୁସିରେ ତାହାକୁ ନିଇତି ଖାଇଲେ
କରିଥାଏ ଦେହ ହିତ।
ପଖାଳରେ ଦହି ଅଦା ଲଂକା ଛେଚା
ରକ୍ତଚାପ ବାତ ସାମାନ୍ୟ କରି ସେ
ଦେହକୁ ରଖେ ଚଂଚଳ।
ଆମ ରାଇଜର ଗୌରବ ପଖାଳ
ଦେହ ପାଇଁ ସିଏ ହିତ
ହର୍ଷ ଉଲ୍ଲାସରେ ଆସରେ ସଭିଏଁ
ପଖାଳ ଖାଇବା ମିତ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ବଣିଆ ଓ ସାଧୁ

ନଗେନ୍ଦ୍ର ନାଥ ପଟ୍ଟନାୟକ

ଜଙ୍ଗଲ ଧାରକୁ ଲାଗି ଗୋଟିଏ ଗାଆଁ ଥିଲା । ସେଇ ଗାଆଁରେ ଜଣେ ବଣିଆ ରହୁଥିଲେ । ବଣିଆ ଥିଲେ ଈଶ୍ୱର ବିଶ୍ୱାସୀ । ଧର୍ମପରାୟଣ ଲୋକ ହିସାବରେ ସେ ବେଶ୍ ଜଣାଶୁଣା । ଥରକର କଥା , ଦିନେ ସେ କ'ଣ ଭାବିଲେ କେଜାଣି ଜଙ୍ଗଲ ଆଡେ ମୁହାଁଇଲେ । ଜଙ୍ଗଲ ମଝିରେ ଜଣେ ସାଧୁ ଆଶ୍ରମ ବନେଇ ରହିଥାନ୍ତି । ବଣିଆ ସେଠାରେ ପହଁଞ୍ଚିଲେ ସାଧୁଙ୍କଠୁ ଦୀକ୍ଷା ନେବାପାଇଁ । ଦଣ୍ଡେ ନୀରବ ରହିଲା ପରେ ସାଧୁ ଜଣକ ବେଶ୍ ଶାନ୍ତ ଓ ସ୍ଥିର ମନରେ ତାଙ୍କୁ କହିଲେ: ଆଗ ଥରକୁ ଭେଟହେଲେ ମୁଁ ତୁମକୁ ଦୀକ୍ଷା ଦେବି। ସେତେ ବେଳଯାଏ ତୁମକୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ । ଏ ଭିତରେ ଅନେକ ଦିନଯାଏ ସେ ସାଧୁଙ୍କ ନିକଟକୁ ଆସନ୍ତି ଓ ବରାବର ସାଧୁଙ୍କଠୁ ଦୀକ୍ଷା ନେବାକୁ ଆଗ୍ରହ କରନ୍ତି । ସାଧୁ କିନ୍ତୁ ରୋକ୍ ଠୋକ୍ ମନା କରିଦିଅନ୍ତି ।

ଏମିତି କିଛିବର୍ଷ ବିତିଗଲା ପରେ ବଣିଆ ନିକଟକୁ ଫେରି ଆସିଲେ ସାଧୁ । ସାଧୁ ନିଜ ଭିକ୍ଷାପାତ୍ରଟିରେ କିଛିମାଟି, କେଶ ,ମୂତ୍ର ଆଉ ମଳ ରଖିଦେଲେ ଆଉ ଭିକ୍ଷା ମାଗିବା ପାଇଁ ବାହାରି ଆସିଲେ । ସାଙ୍ଗରେ ତାଙ୍କର ସେଇ ଭିକ୍ଷା ପାତ୍ରଟି । ଏଆଡେ ବଣିଆ ସାଧୁଙ୍କୁ ଦେବାପାଇଁ ସୁଆଦିଆ ମିଠେଇ ,ଖିରି ହାଲୁଆ ହେରିକା ଆଣିଥିଲେ । ସେ ଜିଭ ରୁଚିଲା ଭଳି ସୁଆଦିଆ ରନ୍ଧା ଖାଦ୍ୟ ବନେଇଥିଲେ । କାହିଁକିନା,ସାଧୁ ଏଥରକ ଦୀକ୍ଷା ଦେବେ ବୋଲି ତାଙ୍କର ମନେ ହେଉଥିଲା । ସାଧୁ ବନିଆଙ୍କୁ ଉଦ୍ଦେଶ୍ୟ କରି କହିଲେ : ସବୁକିଛି ମୋ ପାତ୍ର ଟିରେ ଅଜାଡିଦିଅ। ସେଇଠୁ ସାଧୁ ବଣିଆକୁ କହିଲେ : ସ୍ୱାମୀଜୀ ! ମୁଁ ଏଗୁଡ଼ିକୁ ଏଇ ଅସନା ଗନ୍ଧିଆ ପାତ୍ରରେ କେମିତି ରଖିବି ଯେ ? ଦୟାକରି ଏଇ ପାତ୍ର ଟିକୁ ଘଷି ମାଜି ସଫାକରି ମୋ ପାଖକୁ ନେଇ ଆସନ୍ତୁ । ମୁଁ ସବୁତକ ଜିନିଷ ଏଥିରେ ରେଖିଦେବି । ତହୁଁ ସାଧୁ ଉତ୍ତର ଫେରେଇଲେ - ଏଇ ପାତ୍ରରିର ଯେତେବେଳେ ଏଭଳି ଅବସ୍ଥା ତୁମ ହୃଦୟ ଭିତରେ ଯେଉଁ କାମ ବାସନା ,କ୍ରୋଧ ଅହଙ୍କାର ଲୋଭ ହେରିକା ଅନେକ ମଇଳା ରେ ପରିପୂର୍ଣ୍ଣ ହୋଇଛି ,ସେଥିରେ ମୁଁ କିପରି ଈଶ୍ୱରଙ୍କୁ ସ୍ଥାପିତ କରିପାରିବି । ତୁମ ମନ ଟି ଯେତେବେଳେ ଏଇ ପାତ୍ରଟି ଭଳି ଏମିତି ଗନ୍ଧ ପୂତମୟ ମୁଁ ତୁମକୁ ଦୀକ୍ଷା କେମିତି ଦେଇ ପାରନ୍ତି ।



ବଣିଆକୁ ଖୁବ୍ ରାଗ ମାଡ଼ିଲା । ସେ ଲାଜ ସରମରେ ଜଡ ସଡ ହୋଇ ସେଠୁ ଆଖି ପିଛୁଳାକେ ପଳେଇଗଲେ । ଦାନ ଓ ନିଃସ୍ୱାଥ ପରସେବା ବଳରେ ସେ ନିଜକୁ ଶୁଦ୍ଧପୂତ, ସ୍ୱଚ୍ଛ ଓ ନିର୍ମଳ କରିଦେଲେ । ଆଉ କିଛିକାଳ ବିତିଗଲା ପରେ ସେ ସାଧୁଙ୍କ ନିକଟରୁ ଦୀକ୍ଷାଲାଭ କରିଥିଲେ । ସାଧୁ ତାଙ୍କୁ ବୁଝାଇ କହିଲେ :ଦେଖ, ଆଗେ ତୁମ ମନକୁ ସ୍ୱଚ୍ଛ , ବିମଳ ଓ ନିର୍ମଳ କରିବା ଉଚିତ୍ । ଉପଦେଶ ସମ୍ପର୍କରେ ଏତେ ଭାବୁଛ କିଆଁ ? ଆଗ ନିଜକୁ ସ୍ୱଚ୍ଛ ପବିତ୍ର କରି, ନୈତିକ ଗୁଣ ବ୍ରହ୍ମଚର୍ଯ୍ୟ ହେରିକା ଲାଭକର । ତୁମକୁ ଦୀକ୍ଷା ଆପେ ଆପେ ପ୍ରାପ୍ତ ହୋଇଯିବ ।

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର
ଓସ୍କାର ସିଟି ,ଲେନ ନଂ ୯,ପ୍ଲଟ ନଂ ୪୫୬
ଲକ୍ଷ୍ମୀ ସାଗର କେନାଲ ରୋଡ ,ଭୁବନେଶ୍ୱର
ମୋ – ୯୪୩୮୩୩୨୧୩୮

## ଯେତେ ଜଗତ ଶିଶୁ

ଦଶରଥ ମାଝୀ

ମାଆ କୋଳରେ ଦିଶେ ସୁନ୍ଦର
ତାର କୋମଳ ଦେହେ
ସେ ଫୁଲ କଢି ସଭିଙ୍କଠାରେ
ଆମ ମନକୁ ମୋହେ ( ୧ )
ଦେବତା ତୁଲ୍ୟ ଆଜିର ଶିଶୁ
ଛନ୍ଦମନ୍ଦଟି ନାହିଁ
ସରଳ ମନ କଥା ଭାଷାରେ
ସଭିଙ୍କୁ ଥାଏ ଚାହିଁ ( ୨ )
ହିଂସା କପଟ ଦୂରେ ରଖିବା
ଧରଣୀ ମାଆ କୋଳେ
ଦେଶମାତୃକା ସେବା କରିବ
ଗଢିଲେ ତାକୁ ଭଲେ (୩)
ସ୍ନେହଶ୍ରଦ୍ଧାରେ ପାଳିବା ତାକୁ
ଦେବାନି କିଛି ବାଧା
ଶିଶୁ ପାଇଁତ ସୁନା ଦୁନିଆ
ହସୁ ଉଠୁରେ ସଦା (୪)
ଭଲ ଭାବରେ ପାଠ ପଢିବ
ଯେତେ ଜଗତ ଶିଶୁ
ବୁଦ୍ଧିଜ୍ଞାନର ବିକାଶ ହୋଇ
ଫୁଲଟି ପରି ବାସୁ (୫)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ :୮୨୪୯୨୧୨୪୭୨

## ପାନିଆ ମୋ ନାମ

ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ



ପାନିଆ ମୋ ନାମ ଭାଇ
ପାନିଆ ମୋ ନାମ,
ଚୁଟିକୁ ସୁନ୍ଦର ସଦା
ରଖିବା ମୋ କାମ।
ଛୋଟ ବଡ଼ ଆକାର ମୋ
ଦେହ ନାନା ରଙ୍ଗ,
ପିଲା ବୁଢା ପୁଅ ଝିଅ
ସଭିଏଁ ମୋ ସାଙ୍ଗ।
ଦେଖେ ନାହିଁ ଉଚ୍ଚ ନିଚ
ଗରିବ କି ଧନୀ,
ସଭିଙ୍କର ହିତେ ଆସେ
କରେ ନାହିଁ ହାନି।
ସକାଳ ହୋଇଲେ ନିତି
ଆଗ ମୁହିଁ ଲୋଡ଼ା,
ଖୁସି ଲାଗେ ଗୋଟେ ଦିନ
ହୁଏ ନାହିଁ ଛଡ଼ା।
ମୋର ଲାଗି ମୁଣ୍ଡ ଦିଶେ
ସୁନ୍ଦର ଯେ ଭାରି,
ତେଣୁ ମୁହିଁ ଅଟେ ପରା
ବଡ଼ ଦରକାରୀ।

ସମ୍ପାଦକ:ଝୁମୁରୀ ପାରା ଶିଶୁ ସାହିତ୍ୟ
ସଂସଦ ଓ ଆଦର୍ଶ ପାଠାଗାର
ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ଫୋନ-୭୯୦୪୩୯୨୬୮୬

ଶିଶୁ କବିତା

## ଗଛ ଆମର ମିତ

ସୁଜିତ କୁମାର ମିଶ୍ର



ଗଛ ଆମର ମିତ ସବୁରି
ହିତ ସାଧନ କରି,
ଆମ ଜୀବନ ଚଲାପଥେ ସେ
ଆଶା ଭରସା ତରୀ ।

ଅଛି ବୋଲି ତ ଗଛ ସଂସାରେ
ଆକାଶୁ ବର୍ଷା ଝରେ,
ମାଟି ହୁଅଇ ଶସ୍ୟ ଶ୍ୟାମଳା
ଭିଜିଭିଜିକା ଧୀରେ ।

ଗଛ ନିଅଇ ଅଙ୍ଗାରକାମ୍ଳ
ଅମ୍ଳଜାନ ଛାଡି,
ତା ପାଇଁ ଆମ ଜୀବନ ରଥ
ଚାଲଇ ଗଡିଗଡି ।

ଗଛରୁ ଜାତ ନାନା ଦରବ
ସଂସାରେ ମୂଲ୍ୟବାନ,
ଲାଗେ ସକଳ କାମରେ ସିଏ
ନିଇତି ପ୍ରତିଦିନ ।

ଘର ବସନ ଖାଦ୍ୟ ଦିଏ ସେ
ହୃଦୟ ଖୋଲି ତାର,
ସକାଳୁ ସଞ୍ଜ ଆମରି ପାଇଁ
ଗଛ ଦୁଃଖର ଝର ।

ମିଠାଛାଇ ସେ ବିତରି ଦେଇ
ସବୁରି ପ୍ରାଣ ମୋହେ,
ଆମରି ସୁଖ ଶାନ୍ତି ପାଇଁ ତା
ଜୀବନ ଦିନେ ଯାଏ ।

ଗଛ ଗୋଟିଏ ଲଗାଇ ଦେଇ
ଯତନ ନେବା ଆସ,
ସିଏ ହସିଲେ ଆଗାମୀ କାଲି
ହସିବ ଆମ ଦେଶ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨



# ଉଠା ଜଳସେଚନ ପ୍ରକଳ୍ପ ସମୀକ୍ଷା ବୈଠକ

## ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ନୂଆପଡା: ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଶା ଲିଫ୍ଟ ଇରିଗେସନ କର୍ପୋରେସନ (ଓଏଲଆଇସି) ଅଧୀନରେ ଚାଲୁଥିବା ଉଠା ଜଳସେଚନ କାର୍ଯ୍ୟକ୍ରମ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ୧୦୦୦ଟି ସୋଲାର ଡିପ ବୋରୱେଲ ମଧ୍ୟରୁ ୮୭୬ଟି ସ୍ଥାନରେ ସୋଲାର ପ୍ୟାନେଲ ସ୍ଥାପନ କାର୍ଯ୍ୟ ସମାପ୍ତ ହୋଇଛି ବୋଲି ସୂଚନା ମିଳିଛି। ଅବଶିଷ୍ଟ ୧୨୪ଟି ମଧ୍ୟରୁ ୬୨ଟି ବୋରୱେଲରେ ସୋଲାର ସ୍ଥାପନ କାର୍ଯ୍ୟ ହୋଇସାରିଛି । ସେହିପରି ୧୦୬୪ଟି ପାରମ୍ପରିକ ଡିପ ବୋରୱେଲ ମଧ୍ୟରୁ ୯୫୧ଟି ସଫଳତାର ସହ ଖନନ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଅବଶିଷ୍ଟ କାମ ଚଳିତ ମାସ ଶେଷ ସୁଦ୍ଧା ସମାପ୍ତ କରିବାକୁ ଲକ୍ଷ୍ୟ ରହିଛି । ସିଏଲଆଇପି ପ୍ରକଳ୍ପ ଅଧୀନରେ ୨୭ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ଜାରି ହୋଇ କାମ ଆରମ୍ଭ ହୋଇଛି । ଏଥିରୁ ୨ଟି ପ୍ରକଳ୍ପ ସମାପ୍ତ ହୋଇଥିବା ବେଳେ ୧୨ଟି ପ୍ରକଳ୍ପ ବିଦ୍ୟୁତ ସଂଯୋଗ ଅପେକ୍ଷାରେ ଅଛି ଏବଂ ୧୩ଟି ପ୍ରକଳ୍ପର କାମ ଚାଲିଛି । ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ୬୯ଟି ଉଠା ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର ପାଇଁ ଡିପିଆର ଓଏଲଆଇସି ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରକୁ ପ୍ରେରଣ କରାଯାଇଛି । ଅନୁମୋଦନ ପ୍ରାପ୍ତି ପରେ ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଏହା ସହିତ ଅବଶିଷ୍ଟ ୪୭୬ଟି କ୍ଲଷ୍ଟର ପାରମ୍ପରିକ ଡିପ ବୋରୱେଲ ସ୍ଥାପନ ପାଇଁ ବିଦ୍ୟୁତୀକରଣ ସମ୍ପର୍କିତ ଡିପିଆର ମଧ୍ୟ ଓଏଲଆଇସି ମୁଖ୍ୟ କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଛି ଏବଂ ଟେଣ୍ଡର ପ୍ରକ୍ରିୟା ପାଇଁ ଅପେକ୍ଷା କରାଯାଉଛି । ସେହିପରି ଅବଶିଷ୍ଟ ୩୦୫ଟି ସୋଲାର ଡିପ ବୋରୱେଲ ସ୍ଥାପନ ପାଇଁ ଡିପିଆର ପ୍ରେରଣ କରାଯାଇଥିବା ବେଳେ ଓଏଲଆଇସି ପରିଚାଳନା ନିର୍ଦ୍ଦେଶକଙ୍କ ଅନୁମୋଦନ ଅପେକ୍ଷାରେ ଅଛି । ବୈଠକରେ ଓଏଲଆଇସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ସେଠୀ, ଟିପିଡବ୍ଲୁଓ ଡିଏଲର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଖ୍ୟାତ ଦେବ ପରିଡା, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ବୁଡାଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଉଠା ଜଳସେଚନ ସମ୍ପର୍କିତ ସମସ୍ତ ପ୍ରକଳ୍ପ ଉପଯୁକ୍ତ ଗୁଣବତ୍ତା ସହିତ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଏଲ୍‌ପିଜି ରନ୍ଧନ ଗ୍ୟାସ୍ ଯୋଗାଣ ଏବଂ ବଣ୍ଟନ ତଦାରଖ ପାଇଁ ସମନ୍ୱୟ ବୈଠକ



ଦେବଗଡ଼(ପିପିଏସ୍) : ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଏଲ୍‌ପିଜି ରନ୍ଧନ ଗ୍ୟାସ୍ ଯୋଗାଣ ଆବଶ୍ୟକତା ଉପରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ସାହୁ ଦେବଗଡ଼ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଲୋକମାନେ ଗ୍ୟାସ୍ ସିଲିଣ୍ଡର୍ ରନ୍ଧନ ଉପରେ ଭୟଭୀତ ନ ହେବାପାଇଁ ପରାମର୍ଶ ଦେଇଥିଲେ।ସମସ୍ତ ଗ୍ୟାସ ରନ୍ଧନ ବିତରକ ସହିତ ସୁଚାରୁ ରୂପେ ଲୋକମାନଙ୍କୁ ଯୋଗାଇଦେବା ନିମନ୍ତେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ସରକାରଙ୍କ ନିୟମାବଳି ଅନୁସାରେ ଗ୍ୟାସ୍ ବୁକିଙ୍ଗ କରି ଘରୋଇ ଉପଭକ୍ତା ଗ୍ୟାସ୍ ନେଇପାରିବେ। ଯୋଗାଣରେ କୌଣସି ଅସୁବିଧା ନହେବାପାଇଁ ଗ୍ୟାସ୍ ଏଜେନ୍ସିମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଡାକ୍ତରଖାନା, ଶିକ୍ଷା ପ୍ରତିଷ୍ଠାନ, ଆହାର କେନ୍ଦ୍ର, ଜେଲ୍‌ଖାନାମାନଙ୍କରେ ଗ୍ୟାସ୍ ଯୋଗାଣ ଓ ଗ୍ୟାସ୍ ବିତରଣ ବେଳେ ଗଣ୍ଡଗୋଳ ସମ୍ମୁଖୀନ ନହେବାପାଇଁ ଘରେ ଗ୍ୟାସ୍ ପହଞ୍ଚାଇଦେବା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲା ମନିଟରିଙ୍ଗ୍ ହେଲ୍ପଲାଇନ୍ ନଂ ୯୬୬୮୩୪୬୪୭୮ ଓ ୮୭୬୩୪୯୪୯୩୭ । ବୈଠକରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର,ଉପଜିଲ୍ଲାପାଳ ପରିକ୍ଷିତ ସାହୁ,ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା ,ଡେପୁଟି କଲେକ୍ଟର ଜୁଡ଼ିସିଆଲ କଳିଙ୍ଗ ଆଶିଷ ଶତପଥି,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ ,ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ , ତହସିଲଦାର କର୍ଣ୍ଣ ମଲିକ,କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପରିଷଦ ରତିକାନ୍ତ ଶୁକ୍ଳା,ସମସ୍ତ ଗ୍ୟାସ୍ ଏଜେନ୍ସୀ ,ପେଟ୍ରୋଲ ପମ୍ପ ମାଲିକ ଓ ବିଭିନ୍ନ ବିଭାଗର ବିତରକମାନେ ଉପସ୍ଥିତ ଥିଲେ।

# ଆଦି କର୍ମଯୋଗୀ ଅଭିଯାନର ସଫଳ କାର୍ଯ୍ୟାନ୍ୱୟନ ଉପରେ ତାଲିମ

କେନ୍ଦୁଝର: ଆଦିବାସୀ କଲ୍ୟାଣ ଏବଂ ବିକାଶ ପଦକ୍ଷେପରେ ନିୟୋଜିତ ଆଗଧାଡ଼ିର କର୍ମଚାରୀ ଏବଂ ଅଧିକାରୀଙ୍କ କ୍ଷମତାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ କେନ୍ଦୁଝର ଜିଲ୍ଲାରେ ଆଦି କର୍ମଯୋଗୀ ଅଭିଯାନର ସଫଳ କାର୍ଯ୍ୟାନ୍ୱୟନ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ କେନ୍ଦୁଝର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର ପରିଚାଳନା କରିଥିଲାବେଳେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ ଓ ଏସିଏଫ ଅଶୋକ ଦାସଙ୍କ ସମେତ ଅନ୍ୟ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଭାବଶାଳୀ ସେବା ପ୍ରଦାନ ଏବଂ ଅଂଶଗ୍ରହଣମୂଳକ ଶାସନ ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଏହି ଅଭିଯାନକୁ କେନ୍ଦୁଝରରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ତାଲିମ ସମୟରେ, ତାଲିମଦାତାମାନେ ଅଭିଯାନର ଉଦ୍ଦେଶ୍ୟ, ପ୍ରସାର ପାଇଁ ରଣନୀତି ଏବଂ କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ସର୍ବୋତ୍ତମ ଅଭ୍ୟାସ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ କାର୍ଯ୍ୟକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଦକ୍ଷତା ବୃଦ୍ଧି, ସମ୍ପ୍ରଦାୟ ସମ୍ପୃକ୍ତି ଏବଂ ପ୍ରଗତି ତଦାରଖ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲ୍ଲାର ୮୦୭ ଗୋଟି ଜନଜାତି ବହୁଳ ଗ୍ରାମରେ ତୃଣମୂଳ ସ୍ତରରେ କିଭଳି ଲୋକମାନଙ୍କ ଦକ୍ଷତା ବୃଦ୍ଧି, ନେତୃତ୍ୱ ନେବାର ଦକ୍ଷତା, ସହଭାଗିତାରେ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ ଓ ବିଭିନ୍ନ ବିଭାଗ, ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି ବିକାଶ ମୂଳକ କାର୍ଯ୍ୟ କରି ଗ୍ରାମଗୁଡିକୁ ଆଦର୍ଶ ଗ୍ରାମରେ ପରିଗଣିତ କରାଯିବ ସେ ନେଇ ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ, ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆବର୍ଗ ବିଭାଗ ଆନୁକୂଲ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝରଙ୍କ ଦ୍ୱାରା ଏହା ଆୟୋଜିତ ହେଉଛି ।

# ମହାରାଜା ପିଏମ୍‌ଶ୍ରୀ ହାଇସ୍କୁଲର ସହକାରୀ ଶିକ୍ଷକ ନିଲମ୍ବିତ

ସୋନପୁର: ସୋନପୁର ମହାରାଜା ପିଏମଶ୍ରୀ ହାଇସ୍କୁଲର ସହକାରୀ (ପୂର୍ଣ୍ଣ ଭାରପ୍ରାପ୍ତ) ଶିକ୍ଷକ ଆଶିଷ ରଞ୍ଜନ ରଥଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ଶିକ୍ଷାଧିକାରୀ ମିନାରାଣୀ ମଙ୍ଗଳ ନିଲମ୍ବନ କରିଛନ୍ତି । ଏ ଖବରରେ ଜିଲ୍ଲାର ଶିକ୍ଷକ ମହଲରେ କୋକୁଆ ଭୟ ସୃଷ୍ଟି ହୋଇ ଥିବା ଜଣାଯାଇଛି। ପ୍ରକାଶଥାଉ କି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ମହାରାଜା ହାଇସ୍କୁଲକୁ ଅଚାନକ ପରିଦର୍ଶନ କରିଥିବା ସମୟରେ ଶ୍ରୀ ରଥ ଅନୁପସ୍ଥିତ ଥିବା ଦେଖିଥିଲେ । ଦୀର୍ଘ ଗୋଟାଏ ଘଂଟା ଧରି ଜିଲ୍ଲାପାଳ ଡ଼. ସାହୁ ସ୍କୁଲ ରେ ଅପେକ୍ଷା ପରେ ଶ୍ରୀ ରଥ ପହଂଚି ସ୍କୁଲ୍ କମ୍ପ୍ୟୁଟର ଲାଗି ଟଙ୍କା ଆସିଥିବାରୁ ବିଭାଗୀୟ ଉଚ୍ଚ ଅଧିକାରୀ ଙ୍କ ପାଖ କୁ ଯାଇଥିବା ବିଷୟ କହି ଜିଲ୍ଲାପାଳ ଙ୍କୁ ସଫେଇ ଦେଇଥିଲେ । କିନ୍ତୁ ଏହା ସନ୍ତୋଷ ଜନକ ଉତର ନ ଥିବା ରୁ ଓ ଓଡ଼ିଶା ରେ କେବଳ ଗୋଟିଏ ସ୍କୁଲ ସୁବର୍ଣ୍ଣପୁର ଜିଲ୍ଲାର ସର୍ବ ପୁରାତନ ପି ଏମ ଶ୍ରୀ ମହାରାଜା ହାଇସ୍କୁଲ ରେ ଚଳିତ ବର୍ଷ ର ପି ଏମ ଶ୍ରୀ ମେଳା ପାଳନ ନ କରି ରାଜ୍ୟ ଶିକ୍ଷା ବିଭାଗ କମିଶନରଙ୍କ ନିର୍ଦ୍ଦେଶ କୁ ବେଖାତିର କରିଥିବା ଯୋଗୁଁ ଜିଲ୍ଲାପାଳ ଡ଼ .ସାହୁ ଶିକ୍ଷକ ଶ୍ରୀ ରଥ ଙ୍କ ଉପରେ ଖୁବ୍ ବର୍ଷୀ ଥିଲେ । ଏପରିକି ସ୍କୁଲ୍ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ କରୁ ନ ଥିବା ବିଷୟ ମଧ୍ୟ ଜିଲ୍ଲା ପ୍ରଶାସନ ପାଖରେ ଅନେକ ଅଭିଯୋଗ ହୋଇ ଆସୁ ଥିବା ଆଜି ସୂଚନା ମିଳିଛି । ପି ଏମ ଶ୍ରୀ ମହାରାଜା ହାଇସ୍କୁଲର ଉନ୍ନତି କରଣ ଲାଗି ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଉଥିବା ବେଳେ ସେ ଅନୁଦାନ ରୁ ଖର୍ଚ୍ଚ ହେଉଥିବା ସମସ୍ତ କାର୍ଯ୍ୟ ଉପରେ ମଧ୍ୟ ଜିଲ୍ଲା ପ୍ରଶାସନ ସନ୍ତୋଷ ପ୍ରକାଶ କରି ନ ଥିବା ସୂଚନା ମିଳିଛି । ଏପରିକି ସ୍କୁଲ୍ ପରିଚାଳନା କମିଟି ର ପୂର୍ବତନ ସଭାପତି ସ୍କୁଲ୍ କୁ ଆସୁଥିବା ବିଭିନ୍ନ ଅନୁଦାନ ର ହେର ଫେର ଘଟଣା କୁ ନେଇ ପୁର୍ବତନ ଜିଲ୍ଲାପାଳଙ୍କ ପାଖରେ ଅନେକ ଅଭିଯୋଗ ହୋଇଥିବା ଆଜି ବିଭିନ୍ନ ବୁଦ୍ଧିଜୀବି ଓ ଶିକ୍ଷକ ମହଲରେ ଚର୍ଚ୍ଚା ହେଉଛି । ଆହୁରି ମଧ୍ୟ ଆଲୋଚନା ହେଉଛି ଯେ ଏ ଭାରପ୍ରାପ୍ତ ରଥ ସାର୍‌ଙ୍କ ପ୍ରଛଦ ପଟରେ କେଉଁ କ୍ଷମତା ଶାଳୀ ବ୍ୟକ୍ତି ଅଛନ୍ତି ଯେ ଯାହା ବଳରେ କି ଚାକିରୀ ଆରଂଭ ରୁ ଶେଷ ଯାଏ ଏହି ମହାରାଜା ହାଇସ୍କୁଲ କୁ ମହାରାଜା ଭଳି ଭୋଗ କରିବାର ପ୍ରକୃଷ୍ଟ ଜାଗା ବାଛି ନେଇଛନ୍ତି ।

# ୯୨ଟି ଗ୍ୟାସ୍ ସିଲିଣ୍ଡର ଜବତ



ଝାରସୁଗୁଡ଼ା : ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ ଭାରତରେ ଦେଖିବାକୁ ମିଳିଛି । ଏଲପିଜି ଗ୍ୟାସ୍ ବିତରଣରେ ସଙ୍କଟ ପରିସ୍ଥିତି ଲାଗି ରହିଛି । ଗୋଟିଏ ପରେ ଇନ୍ଧନ ଗ୍ୟାସ୍‌କୁ ନେଇ ଦେଶରେ ହାହାକାର ପଡ଼ିଥିବାବେଳେ ଅନ୍ୟପଟେ ଅସାଧୁ ବ୍ୟବସାୟୀମାନେ କଳାବଜାରୀ କରିଦେବା ଆରମ୍ଭ କରିଦେଇଛନ୍ତି । ତେବେ ଏହି ଗ୍ୟାସ୍ କଳାବଜାର ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ ଜାରୀ ରହିଛି । ଝାରସୁଗୁଡ଼ାରେ ୯୨ଟି ଗ୍ୟାସ ସିଲିଣ୍ଡର ଯୋଗାଣ ବିଭାଗ ଜବତ କରିଛି । ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଯୋଗାଣ ବିଭାଗ ଟିମ୍ ବେହେରାମାଲ ଛକରେ ଥିବା ସାହୁ ଗ୍ୟାସ୍ ସର୍ଭିସ୍ ନାମକ ଏକ ଦୋକାନରେ ଚଢ଼ଉ କରିଛି । ଚଢ଼ଉ ବେଳେ ୯୨ଟି ଗ୍ୟାସ ସିଲିଣ୍ଡର ଜବତ ହୋଇଛି । ଯେଉଁଥିରେ ଘରୋଇ ଏବଂ ବାଣିଜ୍ୟିକ ଗ୍ୟାସ୍ ଟାଙ୍କି ରହିଛି । ସେଥିମଧ୍ୟରୁ ୨୮ଟି ଟାଙ୍କିରେ ଗ୍ୟାସ୍ ଭର୍ତ୍ତି ରହିଛି । ଯୋଗାଣ ବିଭାସ ସମସ୍ତ ଗ୍ୟାସ ସିଲିଣ୍ଡରୁ ନିଜ ହେପାଜତକୁ ନେଇଛି ।

# ବାଇକ୍‌ଆରୋହୀଙ୍କୁ ଚାପିଦେଲା ହାଇୱା

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଞ୍ଚଳରେ ମୋଟରସାଇକେଲ ଆରୋହୀଙ୍କ ହାଇୱା ଧକ୍କାରେ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ରରେ ଦିନକୁ ଦିନ ବୃଦ୍ଧି ପାଉଛି ସଡ଼କ ଦୁର୍ଘଟଣା। କେନ୍ଦୁଝର ଜିଲ୍ଲା ଯୋଡାଥାନା ଅନ୍ତର୍ଗତ ଯୋଡାଠାରୁ ବାମେବାରୀ ଯାଇଥିବା ରାସ୍ତା ବାଂଶପାଣି ଛକ ନିକଟରେ ଓଡ଼ି-୦୯ପି – ୨୮୬୫ ନମ୍ବର୍ ବିଶିଷ୍ଟ ଏକ ହାଇୱା ଟ୍ରକ ଯାଉଥିବାବେଳେ ରାସ୍ତାର ବାମପାର୍ଶ୍ୱରେ ଏକ ବାଇକ୍‌ଆରୋହୀ ଯାଉଥିଲେ। ଟ୍ରକଟି ତାଙ୍କୁ ଧକ୍କା ଦେଇ ଘୋଷାରି ନେଇଯାଇଥିଲା। ଯାହାଫଳରେ ବାଇକ୍ ଆରହୀ ଟ୍ରକ୍ ଚକା ତଳେ ଚାପିହୋଇ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିବା ନେଇ ସୂଚନା । ଖବର ପାଇ ଯୋଡ଼ା ପୋଲିସ ଓ ଅଗ୍ନିଶମ ବାହୀନି ଘଟଣା ସ୍ଥଳରେ ପହଂଚି ପ୍ରାୟ ଏକ ଘଂଟା କସରତ କରି ଟ୍ରକ ତଳୁ ମୃତ ବ୍ୟକ୍ତିକୁ ଉଦ୍ଧାର କରି ଶବ ବ୍ୟବଛେଦ ପାଇଁ ପଠାଇଥିବା ନେଇ ସୂଚନା। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଟ୍ରକ୍ ଚାଳକ ଚମ୍ପଟ ହୋଇଯାଇଛି, ଯୋଡ଼ା ପୋଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରକ୍ କୁ ଜବତ୍ କରି ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି ଯୋଡ଼ା ପୋଲିସ୍।

# ସରକାରୀ ସହାୟତାରୁ ବଞ୍ଚିତ ଭିନ୍ନକ୍ଷମ

ଘଟଗାଁ: କେନ୍ଦୁଝର ଜିଲ୍ଲା ସଦର ଉପଖଣ୍ଡ ଅନ୍ତର୍ଗତ ଘଟଗାଁ ବ୍ଲକର ବଳଭଦ୍ରପୁର ଗ୍ରାମପଂଚାୟତ ନୁଦୁରୁପଡା ଗ୍ରାମରେ ବାସ କରୁଥିବା ଗରିବ ଭିନ୍ନକ୍ଷମ ତ୍ରିଲୋଚନ ବେହେରା ସରକାର ସାହାଯତା ପାଇପାରୁ ନଥିବା ଅଭିଯୋଗ ହୋଇଛି ପ୍ରକାଶ ଯେ ରାଜ୍ୟଓକେନ୍ଦ୍ରସରକାର ଗରିବଅସହାୟ ବିଧବା ବୃଦ୍ଧ ବୃଦ୍ଧା ବିକଳାଙ୍ଗ ଏବଂ ଭିନ୍ନକ୍ଷମ ମାନଙ୍କପାଇଁ ବିଭିନ୍ନ ସହାୟତା ଭତା ପ୍ରଚଳନ କରିଛନ୍ତକିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ପ୍ରଶାସନ ରାଜନୈତିକଙ୍କ ତଦାରଖ ଅବହେଳାରୁ ଭିନ୍ନକ୍ଷମ ବ୍ୟକ୍ତି ତ୍ରିଲୋଚନ ବେହେରା ୨୦୨୩ମସିହାରୁ ଭିନ୍ନକ୍ଷମ ଭତା ପାଇବାପାଇଁ ପଂଚାୟତ ଠାରୁ ବ୍ଲକପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିଆସୁଥିଲେ ମଧ୍ୟ ଭତା ପାଇବାରୁ ବଂଚିତ ହୋଇଥିବା ଉଦବେଗ ପ୍ରକାଶ ପାଇଛିଏଠାରେ ସୂଚନା ଯୋଗ୍ୟଯେ ପରିବାରର ଭରଣ ପୋଷଣ ପାଇଁ ଭିନ୍ନକ୍ଷମ ଶ୍ରୀ ବେହେରାନୁଦୁରୁପଡା ସ୍ଥିତ ମାତାରିଣୀ ମନ୍ଦିର ଛକାନିକଟରେ ବସି ବରାମଜା ବିକ୍ରି କରୁଥିବାବେଳେ ତାଙ୍କ ସ୍ତ୍ରୀ ପର ଘରେ ମୁଲ ଲାଗୁ ଛନ୍ତି ବାପମାର ଏ ଦୟନୀୟ ଅବସ୍ଥା ଦେଖି ଦାଦନ ଖଟିବାକୁ ବାହାରକୁ ଚାଲିଯାଇଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଓ ସରକାର ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଭିନ୍ନକ୍ଷମ ଭତା ତ୍ରିଲୋଚନ ବେହେରାଙ୍କୁ ଯୋଗାଇ ଦେବାକୁ ପଂଚାୟତ ଜନସାଧାରଣ ନିବେଦନ କରିଛନ୍ତି ।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଜୟପୁର: କୋରାପୁଟ ଜିଲା ବୋରିଗୁମ୍ମା ସରସ୍ୱତୀ ଶିଶୁ ମନ୍ଦିରରେ ତ୍ରୟୋତ୍ରିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ପ୍ରଥମେ ଉପସ୍ଥିତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ଭାରତ ମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୀପପ୍ରଜ୍ୱଳନ ପରେ ବନ୍ଦନା ଅନୁଷ୍ଠିତ ହୋଇଥିଲା । ସଭା କାର୍ଯ୍ୟ ଆରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମମତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ କୋଟପାଡ଼ ରୁପୁ ଭତ୍ରା ଯୋଗଦେଇ ନିଜ ଅଭିଭାଷଣରେ ସରସ୍ୱତୀ ଶିଶୁ ମନ୍ଦିରକୁ ମଣିଷ ତିଆରି କାରଖାନା ଭାବେ ଉପସ୍ଥାପନା କରିଥିଲେ । ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ନିଜ ଅଭିଭାଷଣରେ ଇଂରେଜ ମାନେ କିପରି ଇତିହାସକୁ ବିକୃତ ଭାବରେ ଉପସ୍ଥାପନ କରିଥିଲେ ତାହା ଦର୍ଶାଇ ଭାରତର ମହାନ ଇତିହାସ ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବରେ ଡ଼. ପ୍ରଦୀପ କୁମାର ମିଶ୍ର ଯୋଗଦେଇ ଭାରତର ଗୌରବମୟ ଇତିହାସ ଓ ୨୦୨୦ ନୂତନ ଶିକ୍ଷା ନୀତି ଉପରେ ଆଲୋକପାତ କରିଥିଲେ । ଏହା ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ମଂଚସ୍ଥ ଅତିଥି ମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି ବନ୍ଦନା ବିଶ୍ୱାଳ, ସମ୍ପାଦକ ସୂର୍ଯ୍ୟନାରାୟଣ ପଣ୍ଡା ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ଲକ୍‌ସ୍ତରୀୟ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼୍ ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ସର୍ବମୋଟ ୫୯(ଅଣସଠୀ) ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୫୧ (ଏକାବନ) ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୮(ଆଠ) ଗୋଟି ସାମୁହିକ ଦରଖାସ୍ତ ଓ ୦୧(ଏକ) ଗୋଟି ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ସୋନପୁର, ସଂଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଭାରପ୍ରାପ୍ତ ଉପ-ଜିଲ୍ଲାପାଳ, ସୋନପୁର ତଥା ଡେପୁଟି କଲେକ୍ଟର, ସତ୍ୟ ସୁନ୍ଦର ରାଉତଙ୍କ ସମେତ ତହସିଲଦାର, ସୋନପୁର, ଜି. ରଶ୍ମିରେଖା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ,କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ଜିଲ୍ଲା ବ୍ରାହ୍ମଣ ମହାସଭାର ତ୍ରୈମାସିକ ସାଧାରଣ ସଭା



ବଲାଙ୍ଗିର,(ପିପିଏସ୍) : ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭାର ଏକ ସାଧାରଣ ବୈଠକ ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠିଙ୍କ ସଭାପତିତ୍ୱ ରେ ଶ୍ରୀନୃସିଂହ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ ପୂର୍ବ ବୈଠକର ଯେଉଁ ବିବରଣୀ ପଠନ କରିଥିଲେ ତାହା ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା । ଚଳିତମାସର ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିଶୁଳ୍କ ସାମୁହିକ ବ୍ରତ ଉପରେ ସବିସ୍ତୃତ ଆଲୋଚନା ହୋଇ ସହରର ବିଭିନ୍ନ ସମାଜବର୍ଗ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଏହି ପବିତ୍ର କାର୍ଯ୍ୟରେ ସାମିଲ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ବ୍ରତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ କରିବା ପାଇଁ ବିଭିନ୍ନ କମିଟିଗୁଡିକ ଗଠନ କରାଯାଇଥିଲା । ବର୍ତ୍ତାନ ପର୍ଯ୍ୟନ୍ତ ହସ୍ତଗତ ତଥ୍ୟ ଅନୁସାରେ ପ୍ରାୟ ୧୫ ଜଣ ବଟୁଧାରୀଙ୍କର ସାମୁହିକ ବ୍ରତରେ ସାମିଲ ହେବାର ସୂଚନା ମିଳିଛି । ବଲାଙ୍ଗିର ଜିଲ୍ଲା ବୈଦିକ କର୍ମକାଣ୍ଡି ପଣ୍ଡିତ ମହାସଂଘ ସମ୍ପୁର୍ଣ୍ଣ ବ୍ରତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱଇଚ୍ଛାରେ ମତପ୍ରକାଶ କରିଛନ୍ତି। ଏପରି ମହାନ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲ ବ୍ରାହ୍ମଣ ମହାସଭା ତରଫରୁ କୃତଜ୍ଞତା ପ୍ରକାଶ କରାଯାଇଅଛି । ଆସନ୍ତା ପର୍ଶୁରାମ ଜୟନ୍ତି ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରି କିପରି ଏକ ବିରାଟ ସମାବେଶ କରାଯାଇ ଭଗବାନ ଶ୍ରୀ ପର୍ଶୁରାମ ମୂର୍ତ୍ତି ସ୍ଥାପନ ଓ ଉଦ୍‌ଘାଟନ କରାଯିବ, ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ସମ୍ପାଦକ ଙ୍କ ସୂଚନା ମୁତାବକ ଜିଲ୍ଲା ପ୍ରଶାସନ ଓ ବଲାଙ୍ଗିର ପୌର ପରିଷଦ ର ଆକୁଣ୍ଠ ସହଯୋଗ କୁ ମଧ୍ୟ ଭୁୟସୀ ପ୍ରଶଂସା କରାଯାଇଥିଲା । ଉପରୋକ୍ତ ବୈଠକରେ ବହୁ ସଂଖ୍ୟାରେ ସଭ୍ୟ/ ସଭ୍ୟା ଯୋଗଦାନ କରିଥିଲେ।

# ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ

## କୋରାପୁଟ ଜିଲ୍ଲାରେ ସରକାରୀ କାର୍ଯ୍ୟରେ ବାଧା

ଜୟପୁର: ତିନି ଦଫା ଦାବିପୂରଣ ପାଇଁ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ ଚାଲିଛି। ଏହାର ପ୍ରଭାବ ଜିଲ୍ଲ ଓ ବ୍ଲକ ସ୍ତରରେ ଦେଖିବାକୁ ମେଳିଛି । କୋରାପୁଟ ଜିଲାରେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଛି । କଥା ଦେଇ କଥା ରଖୁ ନାହାନ୍ତି ମୋହନ ସରକାର । କ୍ଷମତାକୁ ଆସିବା ଆଗରୁ ଦୃଢ ପ୍ରତିଶୃତି, କ୍ଷମତାରେ ବସିଲା ପରେ ଆଉ ପାଖ ମଡେଇ ଦେଉ ନାହାନ୍ତି, ୨୪ ବର୍ଷର ସରକାରରେ ବିଭିନ୍ନ କାରଣରୁ ୨୯୭ ଜଣ ଛଟେଇ ହୋଇଥିଲେ । କିନ୍ତୁ ୧୮ ମାସର ସରକାର, ଚାରିହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ଅତ୍ୟନ୍ତ ନିଷ୍ଠୁର, ଅନ୍ୟାୟ ଓ ଅବିଚାରିତ ଭାବେ ଛଟେଇ କରି ସେମାନଙ୍କ ଅସହାୟ ପରିବାରକୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଇଛନ୍ତି । ବର୍ଷବର୍ଷ ଧରି ନିଷ୍ପାପର ଭାବେ ସେବା ଯୋଗାଇ ଆସୁଥିଲେ ମଧ୍ୟ ସ୍ଥାୟୀ କରା ଯାଉନି, ବାରମ୍ବାର ଆବେଦନ ନିବେଦନ କଲେ ମଧ୍ୟ ମୁଖ୍ୟମନ୍ତ୍ରୀ ମହାସଂଘକୁ ଶୁଣିବା ପାଇଁ ଦୁଇ ମିନିଟ ସମୟଦେଉନାହାନ୍ତି, ମାତ୍ର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ପ୍ରଶ୍ନରେ ବରେଣ୍ୟ ଲୋକଙ୍କ ମୁଖ୍ୟମନ୍ତ୍ରୀ ଉତର ରଖୁଛନ୍ତି ଯେ, ଆମେ ସରଜମିନ ତଦନ୍ତ କରୁଛୁ କିଛି ଭଲ ନିଷ୍ପତି ନିଆଯିବ କିନ୍ତୁ କେବେ ସେ ନିଷ୍ପତି ନେବେ କିଛି ଜଣାପଡିଲା ନାହିଁ । ରାଜ୍ୟର ସମଗ୍ର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ଓଡିଶାର ନାଗରିକ ଭାବେ ବିଚାର କରୁନାହାନ୍ତି ଓ ଆର୍ଥିକ ମାନସିକ ଚାପପକେଇ ସେମାନକ ସଂସାରକୁ ରସାତଳକୁ ନେଇଯାଉଛନ୍ତି ବୋଲି ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ସରକାରଙ୍କ ଏଭଳି ଜନ ବିରୋଧୀ ଶୋଷଣ ଓ ଅହଂକାର କୁ ବିରୋଧ କରି ନ୍ୟାୟ ପାଇବା ଆଶାରେ ରାଜଧାନୀର ମହାତ୍ମା ଗାନ୍ଧୀ ମାର୍ଗରେ ବିଶାଳ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଛି । ବ୍ଲକ ଠାରୁ ସଚିବାଳୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ସାରା ଓଡିଶାର ହଜାର ହଜାର କର୍ମଚାରୀଙ୍କ ପ୍ରତିବାଦ । ସମାଗତ ବିକ୍ଷୋଭକାରୀ କର୍ମଚାରୀଙ୍କୁ ଆହ୍ୱାନ ଦେଇ ମହାସଂଘର ନେତୃମଣ୍ଡଳୀ କହିଥିଲେ ଯେ, ବିଗତ ସରକାର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ କିଛି କିଛି ଦାବି ପର୍ଯ୍ୟାୟ କ୍ରମେ ପୂରଣ କରିଥିଲେ ଓ ମୁଖ୍ୟ ଦାବି ଗୁଡିକ ସମାଧାନ ପାଇଁ ଏକ ଆଉଟସୋର୍ସିଙ୍ଗ ଆମ୍ବୁଡ୍ସମ୍ୟାନ ର ବ୍ୟବସ୍ଥା କରିଥିଲେ । କିନ୍ତୁ ବିଜେପି ସରକାର ଆସିଲା ପରେ ଦାବି ପୂରଣ ତ ଦୂରର କଥା ପ୍ରତିଦିନ ବ୍ୟାପକ ଛଟେଇ କରାଯାଉଛି ଓ ମାସ ମାସ ଧରି ଦରମା ଦିଆଯାଉନି । ତିନି ଦଫା ଦାବି ପୂରଣ ପାଇଁ ମହାସଂଘ ପକ୍ଷରୁ ଗତବର୍ଷ ମାର୍ଚ୍ଚ ୨୬ , ୨୭ ଓ ୨୮ ତାରିଖ ଆନ୍ଦୋଳନ କରାଯାଇଥିଲା । ଗତବର୍ଷ ଆନ୍ଦୋଳନ ସ୍ଥଳକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଦୁଇଜଣ ବିଧାୟକ ଆସି ମୁଖ୍ୟମନ୍ତ୍ରୀ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଏକ କମିଟି ଆଇନମନ୍ତ୍ରୀଙ୍କ“ ଅଧକ୍ଷତାରେ ଗଠନ କରିଛନ୍ତି ବୋଲି ଘୋଷଣା କଲେ ଓ ୨୮ ତାରିଖରେ ଆଇନ ମନ୍ତ୍ରୀଙ୍କ ସହ ଆଲୋଚନା ମଧ୍ୟ କରେଇଦେଲେ । ଆଇନ ମନ୍ତ୍ରୀ ଏକ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନର ପ୍ରତିଶୃତି ଦେଲେ । କିନ୍ତୁ, ମାସେ ଯାଇ ବର୍ଷେ ହେଲା ମୁଖ୍ୟମନ୍ତ୍ରୀ ସମୟଦେଲେ ନାହିଁ କି ସମସ୍ୟାର ସମାଧାନ ପାଇଁ ସାମାନ୍ୟ ସୌଜନ୍ୟ ପ୍ରକାଶ କଲେ ନାହିଁ । ଅଧିକନ୍ତୁ ବିଭିନ୍ନ ମେଳା ମହୋତ୍ସବରେ ଭାଷଣ ପାଇଁ ସମୟ ପାଉଥିବା ଲୋକଙ୍କ ମୁଖ୍ୟମନ୍ତ୍ରୀ ଅସହାୟ ଶୋଷିତ କର୍ମଚାରୀଙ୍କ ସହ ଆଲୋଚନା ପାଇଁ ୫ ମିନିଟ ସମୟ ଦେଉ ନାହାନ୍ତି ଅଧିକନ୍ତୁ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ନୀଚ ଓ ବିଶ୍ୱାସଯୋଗ୍ୟ ନୁହନ୍ତି ବୋଲି ନିମ୍ନରୁଚିର ମନ୍ତବ୍ୟ ଦେଇଚାଲିଛନ୍ତି । ପୂର୍ବ ସରକାରରେ ଅମଲାରାଜ ଚାଲୁଥିଲା ବୋଲି ଅପପ୍ରଚାର କରୁଥିବା ବିରୋଧୀ ଦଳ ନିଜେ କ୍ଷମତାକୁ ଆସିବା ପରେ ଉଚ୍ଚ ପଦବୀରେ ଥିବା ଅମଲା ମାନଙ୍କ ଚକ୍ରବ୍ୟୁହରେ ଫସିଥିବା ସ୍ପଷ୍ଟ ହୋଇଯାଇଛି । ୨୪ ବର୍ଷ ମଧ୍ୟରେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ଯେଉଁ ଅତ୍ୟାଚାର ଓ ଶୋଷଣ ହୋଇ ନଥିଲା, ତାହା ଏବେ ଭୟଙ୍କର ଭାବେ କରାଯାଉଛି ବୋଲି ନେତୃମଣ୍ଡଳୀ ଅଭିଯୋଗ କରିଥିଲେ । ବହୁ ନିବେଦନ ପରେ ଯେତେବେଳେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ଓ ସେମାନଙ୍କ ନ୍ୟାୟସଙ୍ଗତ ତିନି ଦଫା ଦାବି ପ୍ରତି ସରକାରଙ୍କ ମାନସିକତାର ପରିବର୍ତନ ହେଉନାହିଁ ଏବଂ ଦାବି ପୂରଣ ନ କରି ପ୍ରତିଦିନ ଛଟେଇ, ଦରମା ବନ୍ଦ ଭଳି କୁତ୍ସିତ ବ୍ୟବସ୍ଥା ଜାରି ରହିଛି । ରାଜ୍ୟ ସରକାର ନିଜେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟାର ସମାଧାନ ନିମନ୍ତେ ଆଇନ ମନ୍ତ୍ରୀଙ୍କ ଅଧକ୍ଷତାରେ ଏକ କମିଟି କଥା ଘୋଷଣା କରିଥିଲେ ସୁଦ୍ଧା କାହିଁକି ଉକ୍ତ କମିଟି ସହ ମୁଖ୍ୟମନ୍ତ୍ରୀ ଆଲୋଚନାକରି“ ସମସ୍ୟା ସମାଧାନ କରୁନାହାନ୍ତି ବୋଲି ପ୍ରଶ୍ନ କରିଛି ସଂଘ । ଦୀର୍ଘବର୍ଷର ସଫଳ ସେବା ଓ ଅଭିଜ୍ଞତାକୁ ଆଧାର କରି ସ୍ଥାୟୀ କରିବା, ଛଟେଇ ବନ୍ଦ ସହ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଓ ଡେଲି ୱେଜେସ ଆଉଟସୋର୍ସିଙ୍ଗ ଦୈତ୍ୟ ବ୍ୟବସ୍ଥା ବଦଳରେ ଏକକ ବ୍ୟବସ୍ଥା ଗ୍ରହଣ କରିବା ଓ ସ୍ଥାୟୀ ହେବା“ ପର୍ଯ୍ୟନ୍ତ ଚାକିରି ନିରାପତା ଯୋଗାଇ ଦେବା ଆଦି ତିନି ଦଫା ଦାବି ପୂରଣ ନହେବା ପର୍ଯ୍ୟନ୍ତ ରାଜ ରାସ୍ତାରୁ ଓହରିବୁ ନାହିଁ ବୋଲି ଓଡିଶାର କୋଣ ଅନୁକୋଣରୁ ଆଶିଥିବା ଆନ୍ଦୋଳନକାରୀ ମାନଙ୍କ ତରଫରୁ ଆନ୍ଦୋଳନ ସ୍ଥଳ ଠାରେ ସଂକଳ୍ପ ନେଇଛନ୍ତି । ଏହି ଆନ୍ଦୋଳନର ସଭାରେ କୋରାପୁଟ ଜିଲା ଶାଖାର ସଦସ୍ୟ ମାନେ ସାମିଲ ହୋଇ ଧାରଣା ରେ ବସିଛନ୍ତି । ଫଳରେ କୋରାପୁଟ ଜିଲାରେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଛି ।

# ଭୀମଭୋଇ ସାମର୍ଥ୍ୟ ଶିବିର

ଚମ୍ପୁଆ: ଚମ୍ପୁଆ ଉପଖଣ୍ଡ ଯୋଡ଼ା ବ୍ଲକ ପ୍ରାଙ୍ଗଣରେ ବୁଧବାର ଦିନ ସମସ୍ତ ପଂଚାୟତ ଏବଂ ଯୋଡ଼ା ପୌରପାଳିକା କୁ ନେଇ ଏକ ସ୍ୱତନ୍ତ୍ର ଭିନ୍ନକ୍ଷମ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରର ଉଦ୍ଦେଶ୍ୟ ଥିଲା ଭିନ୍ନକ୍ଷମ, ଦିବ୍ୟାଙ୍ଗ ଓ ଦୃଷ୍ଟିହୀନ ବ୍ୟକ୍ତିମାନଙ୍କୁ ନିଶୁଳ୍କ ଚିକିତ୍ସା, ପରୀକ୍ଷା ଓ ପରାମର୍ଶ ପ୍ରଦାନ କରିବା। ସକାଳୁ ମୋଟ ୧୬୧ ଜଣଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ପରୀକ୍ଷା କରାଇଥିବା ବେଳେ ଶିବିରରେ ୮୩ ଜଣ ନୂତନ ୟୁ.ଡି.ପରିଚୟ ପତ୍ର ପାଇଁ ଚିନ୍‌ହଟ ହୋଇଥିଲେ। ଶିବିରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ପ୍ରଧାନ ଡାକ୍ତରମାନେ, ବିଶେଷଜ୍ଞ ସର୍ଜନ୍, ଫିଜିଓଥେରାପିଷ୍ଟ ଓ ପାରାମେଡିକଲ୍ ଷ୍ଟାଫ୍‌ମାନେ ଅଂଶଗ୍ରହଣ କରିଥିଲେ। ସେମାନେ ଭିନ୍ନକ୍ଷମ ଲୋକଙ୍କୁ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କିତ ସୁବିଧା, ପ୍ରାଥମିକ ଚିକିତ୍ସା, ନିଶୁଳ୍କ ଔଷଧ ବଂଟନ ସହିତ ଆବଶ୍ୟକ ପରୀକ୍ଷା କରିଥିଲେ। ସେଥିପାଇଁ ଶିବିରରେ ଅନେକ ଭିନ୍ନକ୍ଷମମାନଙ୍କୁ କୃତ୍ରିମ ଅଙ୍ଗ, କାନ ସୁଣିବା ଯନ୍ତ୍ର, ହ୍ୱିଲଚେୟାର, ବାକିଙ୍ଗ୍ ଷ୍ଟିକ୍ ଓ ଅନ୍ୟାନ୍ୟ ସାହାୟକ ସାମଗ୍ରୀ ବଂଟନ ପାଇଁ ଚିନ୍‌ହଟ କରି ଆଗାମୀ ୧୫ ତାରିଖ ବ୍ଲକରେ ଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଦିନ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଯୋଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡାନିଷ ବେହେରା କହିଥିଲେ ଯେ “ସମାଜରେ ଦୀବ୍ୟାଙ୍ଗ ଏବଂ ଭିନ୍ନକ୍ଷମ ମାନେ କେବଳ ସହାନୁଭୂତିର ପାତ୍ର ନୁହେଁ, ସେମାନଙ୍କୁ ସମାନ ଅଧିକାର ଓ ସୁଯୋଗ ଦେବାକୁ ଆମ ସମସ୍ତଙ୍କର କର୍ତବ୍ୟ। ଏହି କାର୍ଯ୍ୟକ୍ରମ ରେ ଯୋଡ଼ା ବ୍ଲକ ଅଂଚଳର ସମସ୍ତ ସରପଂଚ, ସମିତି ସଭ୍ୟ, ଯୋଡ଼ା ପୌରପାଳିକା ରଉପନଗରପାଳ, ସମସ୍ତ ୱାର୍ଡ ମେମ୍ବର ସମେତ ବ୍ଲକର ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଜମି ଦେବାକୁ କହି ୨୬ ଲକ୍ଷ ଠକେଇ; ୨ ଗିରଫ

**ଭୁବନେଶ୍ୱର(ପିପିଏସ୍):** ଜମି ଦେବା ଆଳରେ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେବା ଅଭିଯୋଗରେ ନନ୍ଦନକାନନ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ମଧ୍ୟରୁ ଜଣେ ହେଲେ କେନ୍ଦ୍ରାପଡ଼ା ଆଳି ଅଞ୍ଚଳର ରାକେଶ ଧଳ (୩୫)। ଅନ୍ୟ ଜଣେ ହେଲେ କେନ୍ଦ୍ରାପଡ଼ା ରାଜକନିକା ଅଞ୍ଚଳର ସୌମ୍ୟରଞ୍ଜନ ରାଉତ(୨୮)। ରାକେଶ ନନ୍ଦନକାନନ ଥାନା ରଘୁନାଥପୁର ନନ୍ଦନ ଭିଲାରେ ରହୁଥିଲେ। ସୌମ୍ୟରଞ୍ଜନ ନନ୍ଦନକାନନ ଥାନା ରଘୁନାଥପୁର ଅଞ୍ଚଳରେ ଥିବା ସୋମୁ କଟେଜରେ ରହୁଥିଲେ। ପୁଲିସ ସୂଚନା ଅନୁସାରେ ଅଭିଯୋଗକାରୀ ଜନ୍ମେଜୟ ରାଉତଙ୍କ ଅଭିଯୋଗକୁ ଆଧାର କରି ତଦନ୍ତ କରିଥିଲା। ୨୦୨୩ ମସିହାରେ ଜନ୍ମେଜୟ ଏକ ଜମି କିଣିବା ସମ୍ପର୍କରେ ଅଭିଯୁକ୍ତ ରାକେଶଙ୍କ ସହ ଯୋଗାଯୋଗ କରିଥିଲେ। ରାକେଶ ନିଜକୁ ଜମି ବିକ୍ରୟ ବ୍ୟବସ୍ଥା କରିବାରେ ସକ୍ଷମ ବ୍ୟକ୍ତି ଭାବରେ ପରିଚୟ ଦେଇ ଅଭିଯୋଗକାରୀଙ୍କୁ ସମ୍ପତ୍ତି କ୍ରୟ କରିବାକୁ ରାଜି କରାଇଥିଲେ। ଆଲୋଚନା ପରେ ଅଭିଯୋଗକାରୀ ଜମି କିଣିବାକୁ ରାଜି ହୋଇ ପଞ୍ଜୀକରଣ ଏବଂ ଚୁକ୍ତିନାମା ପାଇଁ କିସ୍ତିରେ ଟଙ୍କା ପ୍ରଦାନ କରିଥିଲେ। କାରବାର ସମୟରେ ଜନ୍ମେଜୟ ପ୍ରଥମେ ୨ ଲକ୍ଷ ୩୫ ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ଚୁକ୍ତିନାମା ପାଇଁ ୨୧ ଲକ୍ଷ ଟଙ୍କା ଏବଂ ସୌମ୍ୟରଞ୍ଜନଙ୍କ ଉପସ୍ଥିତିରେ ନଗଦ ୩ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହିପରି ଭାବେ ୨୦୨୩ ଜୁଲାଇ ୩ ତାରିଖ ଓ ୨୦୨୩ ମସିହା ସେପ୍ଟେମ୍ବର ୯ ତାରିଖରେ ମୋଟ ପ୍ରାୟ ୨୬ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ବିକ୍ରୟ ଡିଡ଼ କାର୍ଯ୍ୟକାରୀ କରାଯିବ ଏବଂ ଜମି ତାଙ୍କ ନାମରେ ସବ-ରେଜିଷ୍ଟ୍ରାର ଅଫିସରେ ପଞ୍ଜୀକୃତ କରାଯିବ। କିନ୍ତୁ ଟଙ୍କା ପାଇବା ସତ୍ତ୍ୱେ ଅଭିଯୁକ୍ତମାନେ ପଞ୍ଜୀକରଣ କାର୍ଯ୍ୟକାରୀ କରି ନ ଥିଲେ ଏବଂ ବିଭିନ୍ନ ବାହାନା ଦେଖାଇ ଅଭିଯୋଗକାରୀଙ୍କୁ ଏଡ଼ାଇ ଯାଉଥିଲେ। ପରେ ଅଭିଯୋଗକାରୀ ଜାଣିବାକୁ ପାଇଥିଲେ ଯେ ତାଙ୍କୁ ଠକାମି କରାଯାଇଛି ଏବଂ ଟଙ୍କା ଆତ୍ମସାତ କରାଯାଇଛି। ସେ ସମ୍ପର୍କିତ ପଞ୍ଜୀକରଣ କିମ୍ବା ଟଙ୍କା ଫେରସ୍ତ ଦାବି କରିଥିଲେ ମଧ୍ୟ ଅଭିଯୁକ୍ତମାନେ ଟଙ୍କା ଫେରସ୍ତ କରିନଥିଲେ। ଏନେଇ ଜନ୍ମେଜୟ ଥାନାରେ ଅଭିଯୋଗ କରିଥିଲେ।

# 'ସପ୍ତାହର କାରିଗର' କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଭୁବନେଶ୍ୱର(ପିପିଏସ୍):** ଓଡ଼ିଶା ହସ୍ତଶିଳ୍ପ ପରିଷଦ ପକ୍ଷରୁ ଏକାମ୍ର ହାଟରେ 'ସପ୍ତାହର କାରିଗର' ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିସନର ଗୁହା ପୁନମ ତାପସ କୁମାର, ପରିଷଦର ଅଧ୍ୟକ୍ଷ ଅବସରପ୍ରାପ୍ତ ଆଇଏଏସ୍ ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପ୍ରଥମ ମାସର ଏହି କାର୍ଯ୍ୟକ୍ରମ ଏସ୍‌ଏନ୍‌ଏମ୍ ଗ୍ରୁପ୍ ଅଫ୍ କମ୍ପାନୀଜ୍ ଦ୍ୱାରା ପ୍ରାୟୋଜିତ ହୋଇଛି। ଉତ୍ପାଦନ କ୍ଷେତ୍ରରେ କଞ୍ଚାମାଲ୍, ଡିଜାଇନ୍ ଓ ଉତ୍ପାଦ ବିକାଶ ଏବଂ ବିପଣନ କ୍ଷେତ୍ରରେ ବ୍ରାଣ୍ଡିଂ ତଥା ପ୍ରଚାର ଭଳି ବିଭିନ୍ନ ଦିଗକୁ ଅନ୍ତର୍ଭୁକ୍ତ କରି ହସ୍ତଶିଳ୍ପ-ଭିତ୍ତିକ ବିକାଶ କାର୍ଯ୍ୟକ୍ରମ ହାତକୁ ନେବାକୁ ପରିଷଦ ପ୍ରସ୍ତାବ ଦେଇଛି। ଓଡ଼ିଶା ହସ୍ତଶିଳ୍ପ ପରିଷଦ ଏହାର ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବା ପାଇଁ ସରକାର ଏବଂ ଅନ୍ୟାନ୍ୟ ସଂଗଠନ ସହିତ ମିଳିତ ସହଭାଗିତାରେ କାର୍ଯ୍ୟ କରିବ। କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଲଳିତଗିରିର ପଥର ଖୋଦେଇ କାରୁକାର୍ଯ୍ୟ ପାଇଁ ରାଷ୍ଟ୍ରୀୟ ତଥା ଶିଳ୍ପୀଗୁରୁ ପୁରସ୍କାର ପ୍ରାପ୍ତ କାରିଗର କଳ୍ପତରୁ ମହାରଣା ଅଂଶଗ୍ରହଣ କରିଥିଲେ।

# ଭଞ୍ଜସେନା ପକ୍ଷରୁ ଦାବିପତ୍ର ପ୍ରଦାନ

**ଭୁବନେଶ୍ୱର(ପିପିଏସ୍):** ମୟୂରଭଞ୍ଜ ଜିଲ୍ଲାର ଅଣ-ରାଜନୈତିକ ସାମାଜିକ ସଂଗଠନ ଭଞ୍ଜସେନା ଦୀର୍ଘ ୨୮ ବର୍ଷ ଧରି ଜିଲ୍ଲାର ବିଭିନ୍ନ ସମସ୍ୟା ପାଇଁ ସ୍ୱର ଉଠାଇ ଆସିଛି। ସଂଗଠନ ପକ୍ଷରୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାରଙ୍କ ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କୁ ଏକ ଦାବିପତ୍ର ମାଧ୍ୟମରେ ବେକାରୀ, ପର୍ଯ୍ୟଟନ ବିକାଶ, ଶିମିଳିପାଳର ସୁରକ୍ଷା ଓ ହସ୍ତଶିଳ୍ପ-ବନ୍ୟଜାତ ଦ୍ରବ୍ୟର ବ୍ୟବସାୟୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ଚଳିତ ସଂସଦ ଓ ବିଧାନସଭା ଅଧିବେଶନରେ ଉପସ୍ଥାପନ ପାଇଁ ଅନୁରୋଧ ପୂର୍ବକ ଭୁବନେଶ୍ୱରରେ ଭେଟି ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ ଦର୍ଶାଯାଇଛି ଯେ, ଜିଲ୍ଲାରେ ବେକାରୀ ସମସ୍ୟା ଚରମରେ ପହଞ୍ଚିଛି। ଶିକ୍ଷିତ ଯୁବକ-ଯୁବତୀ ହତାଶ ହୋଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି, ଯାହା ଅନେକ ଅତ୍ୟାଚାର ଓ ମୃତ୍ୟୁର କାରଣ ହେଉଛି। ଜିଲ୍ଲାର ୫୦ ପ୍ରତିଶତରୁ ଅଧିକ ଲୋକ



ଚାଷ, ବନ୍ୟଜାତ ଦ୍ରବ୍ୟ ଓ ହସ୍ତଶିଳ୍ପରେ ନିର୍ଭର କରୁଥିବା ସତ୍ତ୍ୱେ ଉଚିତ ବଜାର ଓ ବ୍ୟବସାୟୀକରଣ ଅଭାବରୁ ଦୁର୍ଦ୍ଦଶାରେ ପଡ଼ିଛନ୍ତି। ତେଣୁ ଜାତୀୟ ଉଦ୍ୟାନ ଶିମିପାଳର ସୁରକ୍ଷା ପାଇଁ ବାଘ ଓ ଅନ୍ୟ ଜୀବଜନ୍ତୁ ଶିକାର, ମୂଲ୍ୟବାନ ବୃକ୍ଷ କଟା, ନିଶାଦ୍ରବ୍ୟ ଚାଷ ଓ ଚୋରା ପଥର ଚାଲାଣ ବନ୍ଦ କରି ଶକ୍ତ ସୁରକ୍ଷା ଯୋଜନା ସହ କେନ୍ଦ୍ରର 'ଦର୍ଶନ-୨' ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି। ସେହିପରି ବନ୍ୟଜାତ ଦ୍ରବ୍ୟର ବ୍ୟବସାୟୀକରଣ ଦ୍ୱାରା ଶାଳପତ୍ର, ବାଉଁଶ, ମହୁଲ, ସବାଇ ଘାସ ଆଦିରୁ କୁଟୀର ଶିଳ୍ପ ପ୍ରୋତ୍ସାହନ, ଟସର ବୟନ, ଡୋକ୍ରା ଶିଳ୍ପ ଓ ଆଦିବାସୀ ପୋଷାକର ବଜାର ବ୍ୟବସ୍ଥା। ଜିଲ୍ଲାବାସୀଙ୍କ ନ୍ୟାୟଯୁକ୍ତ ଦାବି ପୂରଣ ପାଇଁ ଯଥାଶୀଘ୍ର ତତ୍ପରତା ଦାବି କରାଯାଇଛି।

# କିଟ୍‌ରେ ହେବ ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ

**ଭୁବନେଶ୍ୱର(ପିପିଏସ୍):** ଆସନ୍ତା ଏପ୍ରିଲରେ କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ ୬୧ତମ ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ। ଏହି ମେଗା ଇଭେଣ୍ଟ ପାଇଁ ଆଜି ମୁମ୍ବାଇଠାରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଫେମିନା ମିସ୍ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣାପତ୍ର ସାକ୍ଷରିତ ହୋଇଯାଇଛି। ପ୍ରଥମ ଥର ପାଇଁ କୌଣସି ବିଶ୍ୱବିଦ୍ୟାଳୟରେ ଏଭଳି ମେଗା ଇଭେଣ୍ଟ ଆୟୋଜନ କରାଯିବା ସହ ଦେଶର ପୂର୍ବାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର କିଟ୍‌ରେ ଆୟୋଜନ ହେବାକୁ ଯାଉଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ଓ କିଟ୍ ସ୍କୁଲ ଅଫ୍ ଆର୍କିଟେକଚର୍ ମହାନିର୍ଦ୍ଦେଶକ ପ୍ରଫେସର ଏସ୍‌ଏସ୍ ରାୟ ଓ ଟାଇମ୍ ଗ୍ରୁପ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋହିତ ଗୋପ କୁମାର ଏହି ବୁଝାମଣା ପତ୍ରରେ ସାକ୍ଷର କରିଥିଲେ। ମୁମ୍ବାଇର ଟାଇମସ ଅଫ୍ ଇଣ୍ଡିଆ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୫ର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିପାଇଁ ଶ୍ରୀ ସାମନ୍ତ ଟାଇମସ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବିନୀତ ଜୈନ, ସିଇଓ ରୋହିତ ଗୋପକୁମାର ଓ ଫେମିନା ମିସ୍ ଇଣ୍ଡିଆ ଦଳକୁ ଧନ୍ୟବାଦ ଜଣାଇଛନ୍ତି।

# ସୋଆ ଆଇବିସିଏସ୍ ପକ୍ଷରୁ ବିଜିନେସ୍ ମେଳା 'ମାର୍କ-ଆଇଟି'

**ଭୁବନେଶ୍ୱର(ପିପିଏସ୍):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ (ଆଇବିସିଏସ) ପକ୍ଷରୁ ବୁଧବାର କ୍ୟାମ୍ପସ୍ ୨ ପରିସରରେ 'ମାର୍କ-ଆଇଟି: ମ୍ୟାର୍କେଟିଂ ଫେୟାର୍ ୧.୦ -୨୦୨୬' ବିଜିନେସ୍ ମେଳା ଆୟୋଜିତ ହୋଇଯାଇଛି। ସୋଆର ଉପସଭାପତି ଶାଶ୍ୱତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଜିନେସ ମେଳା ଦ୍ୱାରା ଛାତ୍ରଛାତ୍ରୀ ମାର୍କେଟିଂ ଦିଗ ପ୍ରତି ଆକୃଷ୍ଟ ହେବେ ବୋଲି କହିଥିଲେ। ଏହାଦ୍ୱାରା ଛାତ୍ରଛାତ୍ରୀ ମାର୍କେଟିଂର ସମସ୍ତ ଜ୍ଞାନ କୌଶଳ ଆହରଣ କରିପାରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସୋଆ ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଆଇବିସିଏସ୍‌ର ଡିନ୍ ପ୍ରଫେସର ଡ. ଅୟସକାନ୍ତ ମହାନ୍ତି ଓ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଆଇବିସିଏସ୍‌ର ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଜିନେସ୍ ମେଳାରେ ବିଭିନ୍ନ ପ୍ରକାର ଖାଦ୍ୟ, ମେଡିକାଲ, ହସ୍ତତନ୍ତ, ମହିଳା ପ୍ରସାଧାନ ଭଳି ୬୩ଟି ଷ୍ଟଲର୍ ଆୟୋଜନ କରାଯାଇଥିଲା।

# ରାଜଧାନୀରେ ମିଳୁନି ଗ୍ୟାସ ସିଲିଣ୍ଡର, ହନ୍ତସନ୍ତ ଖାଉଟି



**ଭୁବନେଶ୍ୱର(ପିପିଏସ୍):** ରାଜଧାନୀରେ ଗ୍ୟାସ ସିଲିଣ୍ଡର ମିଳୁନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାଣ୍ଡିଶାଳର ଏ ଯନ୍ତ୍ରଣା କେବେ ସୁଧୁରିବ କେହି କିଛି କହିପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଏଲ୍‌ପିଜି ଗ୍ୟାସ ପାଇଁ ଲୋକେ ନାନା ପ୍ରକାରର ହନ୍ତସନ୍ତ ହେଉଛନ୍ତି। ବେପାରୀମାନେ ଚୋରା ସହ ଚଢ଼ା ଦରରେ ଗ୍ରାହକଙ୍କୁ ଏଲ୍‌ପିଜି ଗ୍ୟାସ ବିକ୍ରି କରୁଛନ୍ତି। ଯେଉଁ ସ୍ଥାନରେ ଗ୍ୟାସ କିଛି ମିଳୁଛି ତାହାର ଦର ପକେଟ୍‌କୁ ବହୁତ ବାଧୁଛି। ଏହା ମଧ୍ୟରେ ବାହାରେ ରହୁଥିବା ଯୁବପିଢ଼ି ହୁଅନ୍ତୁ ଅବା ଗୃହିଣୀମାନେ ଅଧିକ ହଇରାଣ ହରକତ ହେଉଛନ୍ତି। ଗୃହିଣୀମାନେ ଏବେ ଦିନକୁ ଗୋଟିଏ ଥର ରୋଷେଇ କରୁଥିବା ବେଳେ ତିନି ଚାରି ପ୍ରକାର ଆଇଟମ୍ ନ କରି ଗୋଟିଏ ଆଇଟମ୍‌ରେ କାମ ସାରି ଦେଉଛନ୍ତି। ଯୁବପିଢ଼ିଙ୍କୁ ବାହାରେ ଖାଇବାକୁ ମିଳୁନାହିଁ। ଆଉ ଯେଉଁ ହୋଟେଲରେ ଖାଦ୍ୟ ମିଳୁଛି ତାହାର ଦର ଆକାଶ ଛୁଆଁ ହୋଇପଡ଼ିଛି। ଯୁଦ୍ଧର ଭୟାବହ ସ୍ଥିତି ହାଣ୍ଡିଶାଳକୁ ବହୁତ୍ ପ୍ରଭାବିତ କରିଛି। ଏଲପିଜି ଗ୍ୟାସ୍ ସଙ୍କଟ ଯୋଗୁଁ ଗୋଟେ ସମୟ ରୋଷେଇ କରି ରଖିବାକୁ ପଡୁଚି। ଯେଉଁ ଗ୍ୟାସ୍‌କୁ ସୁଲଭ ମୂଲ୍ୟ ଓ ସହଜରେ ପାଉଥିଲୁ ତାହା ଏବେ ପକେଟ୍‌କୁ ବାଧିବା ସହ ପାଇବା କଷ୍ଟ ହୋଇଛି। ଏହି ପରିପେକ୍ଷରେ ପରିବାର ଚଳାଇବା ଅତ୍ୟନ୍ତ କଷ୍ଟକର ହୋଇଛି। ଗ୍ୟାସ ସିଲିଣ୍ଡର ସମୟରେ ପହଞ୍ଚି ପାରୁନଥିବାରୁ ସହରର ଅନେକ ଲୋକ ଉଠା ଚୁଲି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଗ୍ୟାସ ସିଲିଣ୍ଡର ପାଇଁ ଲୋକମାନେ ଦୋକାନ ଆଗରେ ଦୀର୍ଘ ଧାଡ଼ିରେ ଠିଆ ହୋଇ ଅପେକ୍ଷା କରୁଛନ୍ତି। ଏହି ପରିସ୍ଥିତିର ସୁଯୋଗ ନେଇ କିଛି ଗ୍ୟାସ ସିଲିଣ୍ଡର ବ୍ୟବସାୟୀ ସିଲିଣ୍ଡରକୁ ଅଧିକ ଦରରେ ବିକ୍ରି କରୁଥିବା ଅଭିଯୋଗ ମଧ୍ୟ ଉଠୁଛି। ବର୍ତ୍ତମାନ ଏଲପିଜି ଗ୍ୟାସ ସଂକଟ ଯୋଗୁଁ କେତେକ ହୋଟେଲରେ ରାନ୍ଧଣା ବନ୍ଦ ହୋଇଯାଇଛି। ଏହି ପରିସ୍ଥିତିରେ ଦିନକୁ ଦିନ ଖାଇବା ନେଇ ଚିନ୍ତା ବଢୁଛି। ଏହାର ପ୍ରଭାବ ମୋ ପାଠପଢ଼ା ଉପରେ ମଧ୍ୟ ପଡୁଛି ବୋଲି ହଷ୍ଟେଲ ଓ ଘର ଭଡ଼ା ନେଇ ରହୁଥିବା କିଛି ଛାତ୍ରଛାତ୍ରୀ କହିଛନ୍ତି। ଗ୍ୟାସ୍ ନ ମିଳିବାରୁ ଅନେକ ଲୋକ କାଠ ଓ କୋଇଲା ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି, ଯାହା ପରିବେଶ ପାଇଁ କ୍ଷତିକାରକ। ଏହା ସହିତ ହୋଟେଲ, ଢାବା ଓ ଛୋଟ ଖାଦ୍ୟ ବ୍ୟବସାୟମାନେ ମଧ୍ୟ ଗଭୀର ପ୍ରଭାବିତ ହେଉଛନ୍ତି। କେତେକ ସ୍ଥାନରେ ଗ୍ୟାସ୍ ଅଭାବକୁ ନେଇ କଳା ବଜାର ବଢୁଥିବା ଅଭିଯୋଗ ମିଳୁଛି, ଯାହାରେ ସାଧାରଣ ଗ୍ରାହକମାନେ ଅଧିକ ଦାମ ଦେଇ ଗ୍ୟାସ୍ କିଣିବାକୁ ପଡୁଛି। ଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଲୋକମାନେ ସରକାରଙ୍କୁ ଦାବି କରୁଛନ୍ତି।

# ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଜାରି

**ଭୁବନେଶ୍ୱର(ପିପିଏସ୍):** ତିନିଦଫା ଦାବି ନେଇ ଗାନ୍ଧୀମାର୍ଗରେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ବିଶାଳ ଆନ୍ଦୋଳନ ଜାରି ରହିଛି। ରାଜ୍ୟର ସମଗ୍ର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ଓଡିଶାର ନାଗରିକ ଭାବେ ବିଚାର କରୁନାହାନ୍ତି ଓ ଆର୍ଥିକ ମାନସିକ ଚାପପକେଇ ସେମାନଙ୍କ ସଂସାରକୁ ରସାତଳକୁ ନେଇଯାଉଛନ୍ତି ବୋଲି ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସରକାରଙ୍କ ଏଭଳି ଜନ ବିରୋଧୀ ଶୋଷଣ ଓ ଅହଂକାରକୁ ବିରୋଧ କରି ନ୍ୟାୟ ପାଇବା ଆଶାରେ ଗାନ୍ଧୀ ମାର୍ଗରେ ବିଶାଳ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଛି। ବୁଧବାର ଏହି ଆନ୍ଦୋଳନ ସଭାରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ନୟାଗଡ଼ର ବିଧାୟକ ଅରୁଣ ସାହୁଙ୍କ ନେତୃତ୍ୱରେ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବୋଲଗଡ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, କଂଗ୍ରେସ ଦଳର ଓଡିଶା ସଭାପତି, ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ରାଜଗାଙ୍ଗପୁର ବିଧାୟକ ଡ. ରାଜେନ ଏକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମଙ୍ଗୋ, ମହାସଂଘର ଅଧକ୍ଷ ପ୍ରଭାତ ମହାନ୍ତି, ମହାନଦୀ ବଞ୍ଚାଅ ସଂଗଠନର ସଭାପତି ସୁଦର୍ଶନ ଦାସ, ପ୍ରସନ୍ନ ବିସ୍ୱୋୟୀ, ଅଭିବାବକ ସଂଘର ଆବାହକ ବାସୁଦେବ ଭଟ, ସାମ୍ବାଦିକ ସତିଶ ମିଶ୍ର, ସଂଘର ଉପଦେଷ୍ଟା ତଥା କର୍ମଚାରୀ ନେତା ବିଜୟ କୁମାର ମଲ୍ଲ, ସଭାପତି, ସଞ୍ଜୟ ପଟ୍ଟନାୟକ, ମହାସଚିବ ହେମନ୍ତ ବସ୍ତିଆ, ଦୁଇ ଉପସଭାପତି ଗୌତମ ମହାରଣ୍ୟ, ପୂର୍ଣ୍ଣ ମିଶ୍ର, ଦୀପକ ପାଣି, ଦିବ୍ୟଲୋଚନ ସ୍ୱାଇଁ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

# ମଞ୍ଚେଶ୍ୱର ରେଳ ଡବା କାରଖାନାରେ ଅଗ୍ନିକାଣ୍ଡ



**ଭୁବନେଶ୍ୱର(ପିପିଏସ୍):** ମଞ୍ଚେଶ୍ୱର ରେଳ ଡବା ମରାମତି କାରଖାନାରେ ଅଗ୍ନିକାଣ୍ଡ ଘଟିଛି। ଗୁରୁବାର ରାତି ପ୍ରାୟ ୮ଟା ସମୟରେ ସ୍କ୍ରାପ ପାଇଁ ଆସିଥିବା ବଗିରେ ଅଚାନକ ନିଆଁ ଲାଗିଥିଲା। ଫଳରେ ବଗିଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ସ୍କ୍ରାପ୍ ବଗି ସମେତ ଏହାର ଆଖପାଖରେ ଥିବା ପ୍ଲାଏ ଏବଂ ଗଦି, ମ୍ୟାଟ୍ ଏବଂ ରେଳ ବଗି ମରାମତିରେ ବ୍ୟବହାର ହେଉଥିବା କୋଟି କୋଟି ଟଙ୍କାର ସାମଗ୍ରୀ ମଧ୍ୟ ଜଳି ଯାଇଥିଲା। ସ୍ଥାନୀୟ ରଙ୍ଗମାଟିଆର ଗ୍ରାମର ଆକାଶ ଧୂଆଁ ହୋଇଗଲା। ଲୋକେ ନିଆଁ ଦେଖି ଘରୁ ବାହାରୁକୁ ବାହାରି ଆସିଥିଲେ। ଖବରପାଇ ମଞ୍ଚେଶ୍ୱର, ଚନ୍ଦ୍ରଶେଖରପୁର ଫାୟାର ଷ୍ଟେସନରୁ ୫ଟି ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। ମିଳିଥିବା ସୂଚନା ମୁତାବକ, ବଗିଟି ସ୍କ୍ରାପ୍ ପାଇଁ କଟାଯାଉଥିଲା। ଯାହାକୁ କିଛି ଶ୍ରମିକ କଟର ଏବଂ ୱେଲ୍ଡର ମେସିନ୍ ଯୋଗେ କାଟୁଥିଲେ। ଯେଉଁଥିରୁ ନିଆଁ ଝୁଲ ବାହାରୁଥିଲା। ରାତି ହେବାରୁ ଶ୍ରମିକମାନେ ଅଧାରୁ କାମ ଛାଡି ଚାଲି ଯାଇଥିଲେ। ଏଠାରେ ପଡ଼ିଥିବା ଅଳିଆରେ ନିଆଁ କୁହୁଳି କୁହୁଳି ବଗିରେ ଲାଗିଯାଇଥିଲା। ନିଆଁ ଅଚାନକ ଜୋର୍‌ରେ ଜଳିବାକୁ ଲାଗିଥିଲା।

# 'ଓଡ଼ିଶା ଲ୍ୟାଣ୍ଡସ୍କେପ୍ ସିମ୍ପୋଜିୟମ୍' କାର୍ଯ୍ୟକ୍ରମ




**ଭୁବନେଶ୍ୱର(ପିପିଏସ୍):** ମଣିଷ-ହାତୀ ସହବସ୍ଥାନ ପ୍ରସଙ୍ଗ ଉପରେ କେନ୍ଦ୍ରକରି 'ଓଡ଼ିଶା ଲ୍ୟାଣ୍ଡସ୍କେପ୍ ସିମ୍ପୋଜିୟମ୍' ଆୟୋଜିତ ହୋଇଯାଇଛି, ଯେଉଁଠାରେ ବିଶେଷଜ୍ଞମାନେ ମଣିଷ ଏବଂ ହାତୀ କିଭଳି ନିରାପଦ ଭାବରେ ସହବସ୍ଥାନ କରିପାରିବେ, ସେଥିପାଇଁ ବ୍ୟବହାରିକ ମାର୍ଗ ପରୀକ୍ଷା କରିବାକୁ ଏକତ୍ରିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମଟି ଢେଙ୍କାନାଳ ବନ ବିଭାଗ ଦ୍ୱାରା ଆୟୋଜିତ ହୋଇଛି ଏବଂ ଜିଏମଆର କମଳାଙ୍ଗ ଏନର୍ଜି ଲିମିଟେଡ୍ ସହାୟତାରେ ସ୍ନେହା ଭଳି କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ସାମିଲ କରି ଏହାକୁ ରୂପାୟନ କରାଯାଇଛି। ଏହି ସିମ୍ପୋଜିୟମ୍‌ରେ ଓଡ଼ିଶାର ବିଭିନ୍ନ ହାତୀ ସଂଘର୍ଷ ପ୍ରବଣ ଅଂଚଳର ବରିଷ୍ଠ ବନ ଅଧିକାରୀ ଏବଂ କ୍ଷେତ୍ର ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଏହି ଅବସରରେ ଢେଙ୍କାନାଳର ବିଭାଗୀୟ ବନ ଅଧିକାରୀ ସୁମିତ କୁମାର କର ଉପସ୍ଥିତ ବ୍ୟକ୍ତିଙ୍କୁ ସମ୍ବୋଧିତ କରି ସଂଘର୍ଷ ହ୍ରାସ କରିବା ପାଇଁ ସକ୍ରିୟ ଓ ବିଜ୍ଞାନ-ପରିଚାଳିତ ପଦ୍ଧତି, ଅନ୍ୟ ବନ ବିଭାଗଗୁଡିକରେ ଏଭଳି ଆଲୋଚନାଚକ୍ରଗୁଡିକ ମାଧ୍ୟମରେ ସ୍ଥାୟୀ ଆଲୋଚନା ଓ ବିତର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶା ଫରେଷ୍ଟ ରେଞ୍ଜର୍ସ କଲେଜର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ବେହେରା, ଢେଙ୍କାନାଳର ବିଭାଗୀୟ ବନ ଅଧିକାରୀ ସୁମିତ କୁମାର କର, ଜିଏମଆର ଏନର୍ଜିର ଇଏଚଏସ ଆଣ୍ଡ ସଷ୍ଟେନାବିଲିଟି ବିଭାଗ ମୁଖ୍ୟ ପ୍ରବୀଣ ଏ, ଏସଏନଇଏଚଏର କାର୍ଯ୍ୟକାରୀ ନିର୍ଦ୍ଦେଶକ ରାମାସାମୀ କ୍ରିଷ୍ଣନ ଏବଂ ବରିଷ୍ଠ ବନ୍ୟପ୍ରାଣୀ ପଶୁ ଚିକିତ୍ସକ ଡକ୍ଟର ଏନ.ଏସ. ମନୋହରନ ଆଦି ଉପସ୍ଥିତ ଥିଲେ।

# ଶିକ୍ଷାବିତ ଶତ୍ରୁଘ୍ନନାଥଙ୍କ ଶ୍ରାଦ୍ଧ ଦିବସ

**ଭୁବନେଶ୍ୱର(ପିପିଏସ୍):** ସହିଦ ନଗର ଶିକ୍ଷାବିତ ପ୍ରଫେସର ଶତ୍ରୁଘ୍ନ ନାଥ ମାର୍ଗସ୍ଥିତ ପ୍ରତିମୂର୍ତ୍ତି ନିକଟରେ ପ୍ରଫେସର ଶତ୍ରୁଘ୍ନ ନାଥ ୨୦ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇ ଯାଇଛି। ଏହି ପୂଜ୍ୟପୂଜା ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପୁରାତନ ଛାତ୍ର ସଂସଦ, ଆମେ ଭୁବନେଶ୍ୱର ପାଇଁ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ କର୍ପୋରେଟର ପଦ୍ମନାଭ ଦାଶ ଏବଂ ଉମା ନାଥ ମିଶ୍ର ସ୍ମୃତିଚାରଣ କରିଥିଲେ। ନିକଟସ୍ଥ ପାର୍କ ଉତ୍କଳ ରତ୍ନ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ନାମରେ ନାମକରଣ କରିବା ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ବେହେରା, ପୁରାତନ ଛାତ୍ର ସଂସଦ ସମ୍ପାଦକ ରମେଶ ଚନ୍ଦ୍ର ପାତାଳସିଂହ, 'ଆମେ ଭୁବନେଶ୍ୱର ସମାଜ ସେବା' ଅନୁଷ୍ଠାନର ସଦସ୍ୟ ପୂର୍ବତନ କର୍ପୋରେଟର ନରେନ ସାହୁ, ଦୁଃଶାସନ ମଝି, ଗୁରୁ ଚରଣ ସାହୁ, ଓ ବିଜୟ ବାବୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୂଳବଧୁ ସୁଶ୍ରୀ ଗୀତା ନାଥ ଓ ସୋନି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଅମିତ ରଞ୍ଜନ ପାତାଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଡାକ୍ତରାଖାନାରେ ଅବ୍ୟବସ୍ଥା, ମିଳୁନି ଚିକିତ୍ସା ସୁବିଧା

**ଭୁବନେଶ୍ୱର(ପିପିଏସ୍):** ଚିକିତ୍ସାଳୟ ପରିସରକୁ ପ୍ରବେଶ କରୁ କରୁ ଅନାବନା ଗଛ ସାଙ୍ଗକୁ ବଣବୁଦା। ଭିତରେ ଯୁଆଡ଼େ ଚାହିଁଲେ ଗଦା ଗଦା ଆବର୍ଜନା। ଆଉ ହସ୍ପିଟାଲ ଭିତରରେ ରୋଗୀଙ୍କ ପାଇଁ ନାହିଁ ପରିମଳ ବ୍ୟବସ୍ଥା କି ପିଇବା ପାଣିର ସୁବିଧା। ହସ୍ପିଟାଲର ପ୍ରବେଶ ଦ୍ୱାର ଠାରୁ ଆରମ୍ଭ କରି ଅସ୍ତ୍ରୋପଚାର ଗୃହ ହେଉ ଅବା ଶୌଚାଳୟ ପର୍ଯ୍ୟନ୍ତ ଭରି ରହିଛି ସମସ୍ୟା। ଏଭଳି ଅବ୍ୟବସ୍ଥା ଘେରରେ ରହିଛି ରାଜଧାନୀର ଓଡ଼ିଶା ସଶସ୍ତ୍ର ପୁଲିସ ବାହିନୀ, ୭ମ ବାଟାଲିୟନ ପରିସରରେ ରହିଥିବା ସରକାରୀ ଡାକ୍ତରଖାନା। ବର୍ଷ ବର୍ଷ ପରେ ବିତିଯାଉଥିଲେ ବି ହସ୍ପିଟାଲର ଚିତ୍ର କିନ୍ତୁ ପରିବର୍ତ୍ତନ ହେଉନି।

ଜୟଦେବ ବିହାରସ୍ଥିତ ଓଏସ୍‌ଏପି ସରକାରୀ ଡାକ୍ତରଖାନାକୁ ପ୍ରତିଦିନ ଉକ୍ତ କ୍ୟାମ୍ପସରେ ରହୁଥିବା କର୍ମଚାରୀଙ୍କ ସମେତ ଅନ୍ୟମାନେ ମଧ୍ୟ ଚିକିତ୍ସା ପାଇଁ ଆସୁଥିବା ବେଳେ ଜଣେ ମେଡିକାଲ ଅଫିସର ଓ ଷ୍ଟାଫ୍ ନର୍ସଙ୍କ ଭରସାରେ ଚାଲିଛି ଏହି ସରକାରୀ ଡାକ୍ତରଖାନା। କାରଣ ଏଠାରେ ରୋଗୀମାନଙ୍କ ପାଇଁ ନାହିଁ ମୌଳିକ ସୁବିଧା। ହସ୍ପିଟାଲର ମୁଖ୍ୟ ଫାଟକ ଉଭୟ ପାର୍ଶ୍ୱରେ ଅନାବନା ଜଙ୍ଗଲ। ଯେଉଁଠାରୁ ଅଧିକାଂଶ ସମୟ ବିଷାକ୍ତ ଜୀବଜନ୍ତୁ ବାହରୁଥିବା ଦେଖିବାକୁ ମିଳିଛି। ସେହିପରି ଗୁରୁତର ରୋଗୀଙ୍କ ପାଇଁ ନାହିଁ ଏକ ଓପିଡି (ବର୍ହିଃ ବିଭାଗ)। ଯେଉଁ ଓପିଡି ରହିଛି ସେଠାରେ ନା ଅଛି ଆବଶ୍ୟକ ସାମଗ୍ରୀ ନା ରହିଛି ସୁସ୍ଥ ବାତାବରଣ। ଓପିଡି ଭିତରେ ପ୍ରାୟ ବର୍ଷ ବର୍ଷ ହେବ ସଫା ହୋଇ ନ ଥିବା ପରିବେଶକୁ ଦେଖିଲେ ଅନୁମାନ କରିହେଉଛି। କେବଳ ସେତିକି ନୁହେଁ, ଏଠାକୁ ଆସୁଥିବା ରୋଗୀଙ୍କ ବସିବାପାଇଁ ସୁବିଧା ନଥିବା ବେଳେ ବେଡ୍ ଗୁଡ଼ିକ ଉପରେ ଶୋଇବା ମଧ୍ୟ ରୋଗୀଙ୍କ ପାଇଁ ଅସମ୍ଭବ ଅଟେ। ଏହାସହିତ ଡ୍ରେସିଂ ରୁମ୍‌ରେ ମଧ୍ୟ ଅବସ୍ଥା ସାଂଘାତିକ। କଳଙ୍କି ଓ ଭଙ୍ଗା ଦଦରା ଚେୟାର, ଟେବୁଲ ଓ ବେଡ୍‌ରେ ବସି ଚିକିତ୍ସିତ ହେଉଛନ୍ତି ରୋଗୀ। ବେଡ ଗୁଡ଼ିକରେ ଧୂଳି ଜମିବା ସହ କଳଙ୍କି ଲାଗିଯାଇଥିଲେ ବି ସେଥିରେ ବେଡ୍‌ସିଟ୍ ଟିଏ ବି ପଡ଼ିନି। ସେହିପରି ଓପିଡି (ବର୍ହିଃ ବିଭାଗ) ଗୃହରେ ପଡ଼ି ରହିଛି ଗଦା ଗଦା ଆବର୍ଜନା। ବେଡ଼ ଗୁଡ଼ିକ ଭାଙ୍ଗିଯିବା ସହ କଳଙ୍କି ଲାଗି ତାହା ନଷ୍ଟ ହୋଇଯାଇଥିବା ବେଳେ ଅକ୍ସିଜେନ୍ ସିଲିଣ୍ଡର ଗୁଡ଼ିକ ମଧ୍ୟ ବ୍ୟବହାରଯୋଗ୍ୟ ନୁହେଁ। ସେହିପରି ଷ୍ଟ୍ରେଚର ଗୁଡ଼ିକର ଅବସ୍ଥା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି। ସବୁଠୁ ବଡ଼ କଥା ହେଉଛି ଏଠାରେ ପିଇବା ପାଣିର ସୁବିଧା ନାହିଁ। ପାଣି ସୁବିଧା ପାଇଁ ଆକ୍ୱାଗାର୍ଡ ରହିଛି ହେଲେ ସେଥିବାରୁ ପାଣି ଆସୁ ନ ଥିବା ଦେଖିବାକୁ ମିଳିଛି। ଏହାସାଙ୍ଗକୁ ଶୌଚାଳୟ ମଧ୍ୟ ବ୍ୟବହାରଯୋଗ୍ୟ ହୋଇ ନାହିଁ। ରୋଗୀମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଇ ଫିନାଇଲ କିମ୍ବା ବ୍ଲିଚିଂ ପାଉଡର ବ୍ୟବହାର ଏଠାରେ ସ୍ୱପ୍ନ ପାଲଟିଥିବା ବେଳେ ପ୍ରାୟ ୫ବର୍ଷ ହେବ ଏଠାରେ କେହି ସ୍ୱିପର(ଝାଡୁଦାର) ନଥିବା ଜଣାପଡ଼ିଛି। ଫଳରେ ହସ୍ପିଟାଲ ବାହାର ଠାରୁ ଆରମ୍ଭ କରି ଭିତର ନିୟମିତ ସଫା କରିବା ସମ୍ଭବ ହେଉନଥିବା ଏଠାକାର କର୍ମଚାରୀ କହିଛନ୍ତି। ପୂର୍ବରୁ ଏଠାରେ କାର୍ଯ୍ୟରତ ଝାଡୁଦାରଙ୍କ ଅବସର ପରେ କାହାରିକୁ ନିଯୁକ୍ତି କରାଯାଇ ନଥିବାରୁ ଜିନିଷ ଗୁଡ଼ିକ ମଧ୍ୟ ନଷ୍ଟ ହେଉଛି। ନିକଟରେ ଏକ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବାରୁ ଅଧିକାଂଶ ଲୋକେ ସେଠାକୁ ଯାଉଥିବାରୁ ଏଠାରେ କେବଳ କ୍ୟାମ୍ପସ୍ କର୍ମଚାରୀଙ୍କ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିବା ସୂଚନା ରହିଛି। ଫଳରେ ରୋଗୀମାନେ ଘରୋଇ ଡାକ୍ତରଖାନାକୁ ଅଧିକ ନିର୍ଭର କରୁଛନ୍ତି।

# ଅଶ୍ଳୀଳ ଫଟୋ ପଠାଇ ଯୁବକ ଗିରଫ

**ଭୁବନେଶ୍ୱର(ପିପିଏସ୍):** ନାବାଳିକାକୁ ଏକ ତରଫା ଭଲପାଇ ତାକୁ ସ୍କୁଲ ଯିବା ବାଟରେ ହଇରାଣ କରିବା, ଗାଳିଗୁଲଜ କରିବା ଏବଂ ଅଶ୍ଳୀଳ ଫଟୋ ପଠାଇବା ଭଳି କାର୍ଯ୍ୟ କରିବା ଅଭିଯୋଗରେ ଜଣେ ଯୁବକକୁ ନନ୍ଦନକାନନ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ପଦାସାହି ଗ୍ରାମର ବଣ୍ଟି ସାମଲ(୨୧)। ନାବାଳିକା ଜଣକ ସ୍କୁଲ ଯିବାଆସିବା ସମୟରେ ସେହି ଗ୍ରାମର ବଣ୍ଟି ବାଟରେ ଅଟକାଇ ତାକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜବରଦସ୍ତି ଭଲ ପାଇବାକୁ ବାଧ କରୁଥିଲା। ନାବାଳିକା ଜଣକ ରାଜି ନ ହୋଇ ତାଙ୍କ ମାଆାକୁ ଆସି କହିଥିଲେ। ଏହି ବିଷୟରେ ନାବାଳିକା ପରିବାର ବଣ୍ଟିଙ୍କ ବାପାଙ୍କୁ ଜଣାଇବାରୁ ଏଥିରେ ଉତକ୍ଷିପ୍ତ ହୋଇ ବଣ୍ଟି ସାମଲ ତାଙ୍କୁ ବାର ବାର କଲକରି ଗାଳି ଦେବା ସହ ଧମକ ଦେଇଥିଲା।

# ସ୍ୱଭାବ କବିଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର(ପିପିଏସ୍):** ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଅବସରରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ମେହେର ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ କିଶୋର ଚନ୍ଦ୍ର ଗଡ଼ତିଆଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଦୀପ୍ତି କୁମାର ସିଂହ, ରବୀନ୍ଦ୍ର ଗଡତିଆ, ମହେନ୍ଦ୍ର କୁମାର ମେହେର, ହରି ଚରଣ ଖଟୁଆ, ଡ. ଆରତି କର, ପ୍ରଫେସର ଶରତ ଚନ୍ଦ୍ର ରଥ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ହିମାଞ୍ଚଳ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ଛତିଶଗଡର ପଡ଼ିଗାଁ ଠାରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ 'ବିଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଓ ଶ୍ରୀ ଜଗନ୍ନାଥ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ପୁଲିସ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ, ରିମାଣ୍ଡ ପୂର୍ବରୁ ଅପରାଧୀକୁ ମିଳିଯାଉଛି ଜାମିନ୍

**ଭୁବନେଶ୍ୱର(ପିପିଏସ୍):** ରାଜ୍ୟର ସବୁଠାରୁ ଦକ୍ଷ ପୁଲିସ ବ୍ୟବସ୍ଥା କୁହାଯାଉଥିବା କମିସନରେଟ ପୁଲିସର ଅପାରଗତା ପୁଣିଥରେ ପଦାରେ ପଡ଼ିଛି। ପୁଲିସ ରିମାଣ୍ଡ ନ ଲଗାଇବାରୁ ଜଣେ ଅଭ୍ୟାସଗତ ଅପରାଧୀ ଜାମିନ୍ ପାଇଯାଇଛି। ପରବର୍ତ୍ତୀ ସମୟରେ ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରାଯାଇଥିଲେ ମଧ୍ୟ ତଦନ୍ତକାରୀ ଅଧିକାରୀଙ୍କ ଚରମ ଅବହେଳାକୁ ପ୍ରମାଣିତ କରିଛି। ଏହାଦ୍ୱାରା କମିସନରେଟ ପୁଲିସର ଥାନା ଓ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବ ବୋଲି ଜଳଜଳ ହୋଇ ଦିଶୁଛି। ସମନ୍ୱୟ ଅଭାବ ନା ସଲାସୁତରା, ତାକୁ ନେଇ ପ୍ରଶ୍ନ ଉଠିଛି। ପୁଲିସ ସୂଚନାନୁଯାୟୀ, ଅଭ୍ୟାସଗତ ଅପରାଧୀ ଚାମ୍ପା ଓରଫ୍ ଡି ଦିପ୍ତିରଞ୍ଜନ ଫୁଲେଶ୍ୱରୀ ବସ୍ତିରେ ଲଗାତର ଭାବେ ଆତଙ୍କ ଖେଳାଇ ଦାଦାବଟି ଆଦାୟ କରୁଥିଲେ। ବସ୍ତିର ଲୋକମାନେ ଭୟଭୀତ ହୋଇ ନିଜ ଜୀବନ ଓ ସମ୍ପତ୍ତି ସୁରକ୍ଷା ପାଇଁ ଗତବର୍ଷ ନଭେମ୍ବର ୧୪ ତାରିଖ ଦିନ ସାମୂହିକ ବୈଠକ କରୁଥିଲେ। ବୈଠକ ବିଷୟରେ ଜାଣିବା ପରେ ଚାମ୍ପା, ଓମ୍, ତପନ ଦିଗଲ, ସୋମୁ, ନରେନ୍ଦ୍ର, ଅତୁଲ, ପପୁନା, ଭିକି, ସରୋଜ ପ୍ରଧାନ ଓ ଅନ୍ୟମାନେ ମରଣାସ୍ତ୍ର ଧରି ଆସିଥିଲେ। ଫୁଲେଶ୍ୱରୀ ସରକାରୀ ୟୁପି ସ୍କୁଲ ନିକଟରେ ପହଞ୍ଚି ଖୋଲାଖୋଲି ଭାବେ ଖଣ୍ଡା ଦେଖାଇ ଲୋକମାନଙ୍କୁ ଭୟଙ୍କର ପରିଣାମର ଧମକ ଦେଇଥିଲେ। ଚାମ୍ପା ଓ ସହଯୋଗୀମାନେ ମିଶି ଶିବା ବେହେରାଙ୍କ ଘରେ ପଶି ତାଙ୍କୁ ବାହାରକୁ ଟାଣି ଆଣି ଖଣ୍ଡାରେ ହାଣିଥିଲେ। ବନ୍ଧୁ ଲାଲୁ ମୁର୍ମୁ ତାଙ୍କୁ ବଞ୍ଚାଇବାକୁ ଯାଇ ଅଭିଯୁକ୍ତଙ୍କ ଦ୍ୱାରା ଖଣ୍ଡା ଆକ୍ରମଣର ଶିକାର ହୋଇଥିଲେ। ଏହି ଆକ୍ରମଣରେ ଶିବାଙ୍କ ମୁଣ୍ଡ ଓ ଲାଲୁଙ୍କ ହାତ ଓ ପିଠିରେ ଆଘାତ ଲାଗିଥିଲା। ନଭେମ୍ବର ୧୫ ତାରିଖରେ ଲାଲୁ ଅଭିଯୋଗ କରିବା ପରେ ପୁଲିସ ଚାମ୍ପା ଓ ସହଯୋଗୀଙ୍କ ନାମରେ ମାମଲା ରୁଜୁ କରିଥିଲେ ମଧ୍ୟ ସେମାନଙ୍କ ଟେର୍ ପାଇନଥିଲା।

ଏହି ଘଟଣାର ଠିକ୍ ଅଢେଇ ମାସ ପରେ ଅର୍ଥାତ୍ ଜାନୁଆରୀ ୩୦ ତାରିଖ ରାତିରେ ଚାମ୍ପା ଓ ତାର ସହଯୋଗୀମାନେ ମିଶି ଏମ୍‌ସ ସାମ୍ନାରେ ଚିଣ୍ଟୁଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଚିଣ୍ଟୁଙ୍କ ବାପା ବିରଜା ଦାସଙ୍କ




ଅଭିଯୋଗ କ୍ରମେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିଥିଲା। ଫେବୃୟାରୀ ୨୨ ତାରିଖ ଦିନ ଚାମ୍ପା ସମେତ ଅନ୍ୟ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଖଣ୍ଡଗିରି ପୁଲିସ। ଚାମ୍ପା ନାମରେ ପୂର୍ବରୁ ଫୁଲେଶ୍ୱରୀ ବସ୍ତି ହଣାକଟା ମାମଲା ରହିଥିବା ଜାଣିବା ପରେ ଭରତପୁର ଥାନା ପୁଲିସକୁ ଏନେଇ ତାଙ୍କୁ ଅବଗତ କରାଇଥିଲା। ହେଲେ ହଣାକଟା ମାମଲାର ତଦନ୍ତକାରୀ ଅଧିକାରୀ ଚାମ୍ପାକୁ ରିମାଣ୍ଡରେ ନେବାକୁ ଆବେଦନ କରିନଥିଲେ। ଫଳରେ ଅଭ୍ୟାସଗତ ଅପରାଧୀ ତଥା ଅଭିଯୁକ୍ତ ଚାମ୍ପା ଅଦାଲତରୁ ଜାମିନ୍ ପାଇ ଯାଇଥିଲା। ଅଭିଯୁକ୍ତକୁ ଜାମିନ୍ ମିଳିବା ପରେ ତଦନ୍ତକାରୀ ଅଧିକାରୀଙ୍କ ଚେତା ପଶିଥିଲା। ଗୁରୁବାର ଭରତପୁର ଥାନା ପୁଲିସ ଚାମ୍ପାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଏହା ପ୍ରଥମଥର ନୁହେଁ, ବରଂ ପୂର୍ବରୁ ମଧ୍ୟ ଏଭଳି ଘଟଣାର ନଜିର ରହିଛି। ସୁନାଚେନ୍ ଲୁଟ୍ ମାମଲାର ଅଭିଯୁକ୍ତ ଆକାଶ ନାୟକକୁ ତମାଣ୍ଡୋ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ହେବା ପୂର୍ବରୁ ତା' ନାମରେ ଭରତପୁର ଥାନାରେ ମାମଲା ରହିଥିଲା। ଆକାଶ ଗିରଫ ହେବା ନେଇ ତମାଣ୍ଡୋ ଥାନା ପୁଲିସ ଜଣାଇଥିଲେ ମଧ୍ୟ ଭରତପୁର ପୁଲିସ ରିମାଣ୍ଡ ଦେଇନଥିଲା। ଫଳରେ ଆକାଶ ମଧ୍ୟ ଜାମିନ ପାଇ ଯାଇଥିଲା। ସେ ମୁକୁଳିବା ପରେ ଯାଇ ତାକୁ ଗିରଫ କରିଥିଲା ଭରତପୁର ପୁଲିସ। ବାରମ୍ବାର ଏଭଳି ଘଟଣା ଘଟିବା ତଦନ୍ତକାରୀ ଅଧିକାରୀଙ୍କ ଅପାରଗତାକୁ ପଦାରେ ପକାଇଛି। ପୁଲିସ ଅଧିକାରୀମାନଙ୍କ ଅବହେଳା ଯୋଗୁଁ ଅଭିଯୁକ୍ତମାନେ ଜାମିନ ପାଇବା ସହ ପୁଣିଥରେ ଅପରାଧ ଘଟାଇବାକୁ ପଛାଉନାହାନ୍ତି।

### ୟୁଏନ୍‌ଏସ୍‌ସିରେ ଇରାନ ବିରୋଧୀ ପ୍ରସ୍ତାବ

# ସମର୍ଥନରେ ଭୋଟ୍ ଦେଲେ ଭାରତ ସମେତ ୧୩୫ ଦେଶ



ନୂଆଦିଲ୍ଲୀ : ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଇରାନ ବିରୋଧରେ ଆଗତ ପ୍ରସ୍ତାବକୁ ଭାରତ ସମେତ ୧୩୫ ଦେଶ ସମର୍ଥନ କରିଛନ୍ତିୟ। ଭାରତର ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ ୟୁଏନ୍‌ଏସ୍‌ସିରେ ଗଲ୍ଫ କୋଅପରେସନ କାଉନ୍‌ସିଲ (ଜିସିସି)ର ପ୍ରସ୍ତାବକୁ ସମର୍ଥନ କରିଛି । ଏହି ପ୍ରସ୍ତାବ ଉପସାଗରୀୟ କ୍ଷେତ୍ରରେ ବଢୁଥିବା ତିକ୍ତତା ଏବଂ ଆକ୍ରମଣକୁ ନେଇ ଅଣାଯାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଏହି ଅଞ୍ଚଳରେ ସଂଘର୍ଷ ବୃଦ୍ଧି ଏବଂ ସ୍ଥିତି ଅଧିକ ବିଗିଡ଼ିବାରୁ ରୋକିବା, ଜାହାଜଗୁଡ଼ିକର ସୁରକ୍ଷିତ ଯାତାୟାତ ଏବଂ ଶକ୍ତି ଯୋଗାଣ ବାଧାପ୍ରାପ୍ତ ହେବାରୁ ରୋକିବା । ପ୍ରସ୍ତାବରେ କୁହାଯାଇଛି, ପାରସ୍ୟ ଉପସାଗରୀୟ ଦେଶଗୁଡ଼ିକରେ ଇରାନର ଏହି ଆକ୍ରମଣ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ । ଏଥିଯୋଗୁ ବୈଶ୍ୱିକ ଶାନ୍ତିକୁ ଗମ୍ଭୀର ବିପଦ ରହିଛି । ଆକ୍ରମଣରେ ଆବାସିକ ସ୍ଥାନ ଏବଂ ସାଧାରଣ ଲୋକଙ୍କୁ ଟାର୍ଗେଟ କରାଯାଉଛି । ଯାହା ଫଳରେ ଧନ-ଜୀବନ ହାନି ଘଟୁଛି । ୟୁଏନ୍‌ଏସ୍‌ସିର ୧୫ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ୧୩ ଦେଶ ଏହି ପ୍ରସ୍ତାବ ପକ୍ଷରେ ଭୋଟ୍ ଦେଇଥିଲେ । କୌଣସି ଦେଶ ଏହି ପ୍ରସ୍ତାବକୁ ବିରୋଧ କରି ନ ଥିଲେ । ତେବେ ରୁଷ୍ ଏବଂ ଚୀନ୍ ଭୋଟିଂରେ ଭାଗ ନେଇ ନ ଥିଲେ । ଏହି ଦୁଇ ଦେଶ ଏଥିରୁ ନିଜକୁ ଦୂରେଇ ରଖିଥିଲେ । ଏବେ ଆମେରିକା ଜାତିସଂଘ ସୁରକ୍ଷା ପରିଷଦରେ ଅଧ୍ୟକ୍ଷତା କରୁଛି । ପ୍ରସ୍ତାବରେ ବାହାରିନ୍, କୁଏତ, ଓମାନ, କାତାର, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଜୋର୍ଡାନର କ୍ଷେତ୍ରୀୟ ଅଖଣ୍ଡତା ଏବଂ ସ୍ୱାଧୀନତାକୁ ସମର୍ଥନ କରାଯାଇଛି । ଇରାନ ଏହି ଦେଶଗୁଡ଼ିକ ଉପରେ ଆକ୍ରମଣ ତୁରନ୍ତ ବିନା ସର୍ତ୍ତରେ ବନ୍ଦ କରୁ ବୋଲି ୟୁଏଇ ଦାବି କରିଥିଲା । ଏଥିସହ ଇରାନ ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍ ଭଳି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ରାସ୍ତା ବନ୍ଦ କରିବା କିମ୍ବା ସେଠାରେ ଜାହାଜ ଚଳାଚଳ ବାଧିତ କରିବା ଲାଗି ଧମକ ଦେବା ବନ୍ଦ କରୁ ବୋଲି ୟୁଏଇ କହିଥିଲା । ଅନ୍ୟପକ୍ଷରେ ୟୁଏନ୍‌ଏସ୍‌ସିରେ ପାରିତ ପ୍ରସ୍ତାବକୁ ଇରାନ କଡ଼ା ବିରୋଧ କରିଛି । ଜାତିସଂଘରେ ଇରାନର ସ୍ଥାୟୀ ପ୍ରତିନିଧି ଅମୀର-ସଇଦ୍ ଇରାବାନୀ କହିଛନ୍ତି, ଏହି ପ୍ରସ୍ତାବ ଅନ୍ୟାୟପୂର୍ଣ୍ଣ ଏବଂ ବେଆଇନ । ଏଭଳି ପ୍ରସ୍ତାବ ପାରିତ ହେବା ୟୁଏନ୍‌ଏସ୍‌ସିର ବିଶ୍ୱସନୀୟତା ପାଇଁ ଏକ ବଡ଼ ଝଟକା । ଏହା ଜାତିସଂଘ ଇତିହାସରେ ଏକ କଳାଦାଗ ସଦୃଶ ।

# କୂଟନୈତିକ 'ଚୌକା' ଲଗାଇଲେ ଜୟଶଙ୍କର



ନୂଆଦିଲ୍ଲୀ : ଇରାନ ସହିତ ଜଡିତ ବିବାଦ ସମ୍ପର୍କରେ ଭାରତ ଏବେ ଅତ୍ୟନ୍ତ ସକ୍ରିୟ ହୋଇଛି। ଗ୍ୟାସ ସଙ୍କଟ ଏବଂ ଫସି ରହିଥିବା ଜାହାଜର ସମସ୍ୟା ମଧ୍ୟରେ ଇରାନ ଏବଂ ଭାରତ ମଧ୍ୟରେ ନୂତନ ଆଲୋଚନା ହୋଇଛି। ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ଭାରତ ଏବେ ଏକ ପଦକ୍ଷେପ ଆରମ୍ଭ କରିଛି। ଏହି କାରଣରୁ ଭାରତ ଏବଂ ଇରାନର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଆଉ ଏକ ଟେଲିଫୋନ କଥାବାର୍ତ୍ତା ହୋଇଛି। ଏସ. ଜୟଶଙ୍କର ପ୍ରଭାବଶାଳୀ ଭାବରେ ଏକ କୂଟନୈତିକ 'ଚୌକା' ସ୍କୋର କରିଛନ୍ତି। ଇରାନର ବୈଦେଶିକ ମନ୍ତ୍ରୀ ସୟେଦ ଅବାସ ଆରାକଚି ଏବଂ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ମଧ୍ୟରେ ଏକ ଟେଲିଫୋନ କଥାବାର୍ତ୍ତା ହୋଇଥିଲା। ଏହା ଇରାନର ବୈଦେଶିକ ମନ୍ତ୍ରୀଙ୍କ ସହିତ ଜୟଶଙ୍କରଙ୍କର ଚତୁର୍ଥ ଆଲୋଚନା। ଏହି ଆଲୋଚନା ଏପରି ଏକ ସମୟରେ ହୋଇଛି ଯେତେବେଳେ ଭାରତୀୟ ତେଲ ଏବଂ ଗ୍ୟାସ ଟ୍ୟାଙ୍କରଗୁଡ଼ିକ ଇରାନର ଉପକୂଳରୁ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ପରିବହନ ଆରମ୍ଭ କରିଛନ୍ତି। ବିଶେଷତଃ ଏସ. ଜୟଶଙ୍କର ଏବଂ ଆରାକଚି ଆଜି ଶୁକ୍ରବାର ଫୋନରେ କଥାବାର୍ତ୍ତା କରିଛନ୍ତି। ଏହି ଆଲୋଚନା ସମୟରେ ଉଭୟ ନେତା ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ବିକାଶ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଇରାନର ବୈଦେଶିକ ମନ୍ତ୍ରୀ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା କରାଯାଇଥିବା ଆକ୍ରମଣ ସମ୍ପର୍କରେ ସଦ୍ୟତମ ପରିସ୍ଥିତି ଉପରେ ଏକ ଅପଡେଟ ପ୍ରଦାନ କରି କହିଛନ୍ତି ଯେ, ଇରାନ ଏହାର ସୁରକ୍ଷା ପାଇଁ ପ୍ରତିଶୋଧମୂଳକ ପଦକ୍ଷେପ ନେବାର ଅଧିକାର ସଂରକ୍ଷଣ କରେ। ସେ ଇରାନ ବିରୋଧରେ ନିର୍ଦ୍ଦେଶିତ ସାମରିକ ଆକ୍ରମଣକୁ ନିନ୍ଦା କରିବାକୁ ଅନ୍ତର୍ଜାତୀୟ ଏବଂ ଆଞ୍ଚଳିକ ସଂଗଠନଗୁଡ଼ିକୁ ମଧ୍ୟ ଆହ୍ୱାନ କରିଛନ୍ତି। ଇରାନ ମନ୍ତ୍ରୀ ଆରାକଚି କହିଛନ୍ତି, ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଭଳି ପ୍ଲାଟଫର୍ମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏବଂ ଏହି ଅଞ୍ଚଳ ଏବଂ ବିଶ୍ୱ ସ୍ତରରେ ସ୍ଥିରତା ଏବଂ ସୁରକ୍ଷା ବଜାୟ ରଖିବାରେ ଏକ ଗଠନମୂଳକ ଦାୟିତ୍ୱ ଗ୍ରହଣ କରିବା ଉଚିତ। ଏହାର ଜବାବରେ ଭାରତର ବୈଦେଶିକ ମନ୍ତ୍ରୀ, ଏସ. ଜୟଶଙ୍କର ଦୃଢ଼ କରିଛନ୍ତି ଯେ, ଭାରତ ବିଭିନ୍ନ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ସହଯୋଗ ବୃଦ୍ଧି କରିବାକୁ ପ୍ରସ୍ତୁତ। ସେ ଏହି ଅଞ୍ଚଳରେ ସ୍ଥାୟୀ ଶାନ୍ତି ଏବଂ ସ୍ଥିରତାକୁ ସମସ୍ତ ରାଷ୍ଟ୍ର ପାଇଁ ଏକ ସହଭାଗୀ ଜରୁରୀ ବୋଲି ଦର୍ଶାଇଛନ୍ତି। ଏହି ଉଦାହରଣ ପୂର୍ବରୁ ଜୟଶଙ୍କର ପୂର୍ବରୁ ତିନୋଟି ପୃଥକ ସମୟରେ ଆରାକଚିଙ୍କ ସହିତ ଆଲୋଚନାରେ ସାମିଲ ହୋଇସାରିଛନ୍ତି। ମଧ୍ୟପ୍ରାଚ୍ୟରେ ସୃଷ୍ଟି ହେଉଥିବା ସଙ୍କଟ ମଧ୍ୟରେ, ଭାରତ ସରକାର ଏହାର ନାଗରିକଙ୍କ ସୁରକ୍ଷା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସ କରିଆସୁଛି। ଏହି ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବା ପାଇଁ, ଭାରତର ବୈଦେଶିକ ମନ୍ତ୍ରୀ, ଏସ. ଜୟଶଙ୍କର, ତାଙ୍କର ଇରାନୀ ପ୍ରତିପକ୍ଷ, ସୟେଦ ଅବାସ ଆରାକଚିଙ୍କ ସହିତ ତିନୋଟି ପୃଥକ ଆଲୋଚନା କରିଛନ୍ତି। ଗତକାଲି ମୁଖପାତ୍ର ରଣଧୀର ଜୟସ୍ୱାଲ ନିଶ୍ଚିତ କରିଛନ୍ତି ଯେ, ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କ ଗତ କିଛି ଦିନ ମଧ୍ୟରେ ତାଙ୍କର ଇରାନୀ ପ୍ରତିପକ୍ଷଙ୍କ ସହ ତିନିଥର କଥା ହୋଇଛନ୍ତି। ସାମ୍ପ୍ରତିକ ଆଲୋଚନା ସାମୁଦ୍ରିକ ଜାହାଜର ସୁରକ୍ଷା ଏବଂ ଭାରତ ଶକ୍ତି ସୁରକ୍ଷା ସମ୍ପର୍କରେ ଉପରେ କେନ୍ଦ୍ରିତ ଥିଲା। ଜୟସ୍ୱାଲ ପୁନର୍ବାର କହିଛନ୍ତି ଯେ, ଭାରତ ସରକାର ଇରାନରେ ଫସି ରହିଥିବା ଭାରତୀୟ ନାଗରିକମାନଙ୍କୁ ସମର୍ଥନ କରୁଛନ୍ତି। ଭିଜା ସଂଗ୍ରହ ଏବଂ ସ୍ଥଳପଥରେ ସେମାନଙ୍କର ସୀମାପାର ଯାତ୍ରାକୁ ସହଜ କରିବା ସମ୍ପର୍କରେ ଆଜରବାଇଜାନ ଏବଂ ଆର୍ମେନିଆ ଦେଇ ଭାରତ ଫେରିବାକୁ ଚାହୁଁଥିବା ଭାରତୀୟମାନଙ୍କୁ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି। ପ୍ରାୟ ୯,୦୦୦ ଭାରତୀୟ ନାଗରିକ ଇରାନରେ ଅଛନ୍ତି। ଏଥିରେ ଛାତ୍ର, ନାବିକ, ବ୍ୟବସାୟୀ, ବୃତ୍ତିଗତ ଏବଂ କିଛି ତୀର୍ଥଯାତ୍ରୀ ଅନ୍ତର୍ଭୁକ୍ତ। ସ୍ଥଳପଥରେ ଇରାନ ଛାଡିବାକୁ ଚାହୁଁଥିବା ଭାରତୀୟ ନାଗରିକମାନେ ଭାରତୀୟ ଦୂତାବାସ ଦ୍ୱାରା ଜାରି ପରାମର୍ଶ ପାଳନ କରିବା ଉଚିତ ବୋଲି ଜୟସ୍ୱାଲ ପରାମର୍ଶ ଦେଇଛନ୍ତି।

# ପିରିୟଡ ଲିଭ୍ ଆବେଦନର ଶୁଣାଣି କରିବାକୁ ମନା କରିଦେଲେ ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ: ସାରା ଦେଶରେ ମାସିକ ଋତୁସ୍ରାବ ଜନିତ ଛୁଟି ନିୟମ ଆଣିବା ପାଇଁ ହୋଇଥିବା ଆବେଦନକୁ ବିଚାର କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରି କହିଥିଲେ ଯେ, ଆଇନଗତ ଭାବରେ ଏପରି ଛୁଟିକୁ ବାଧ୍ୟତାମୂଳକ କରିବା ଦ୍ୱାରା ନିଯୁକ୍ତିଦାତାମାନେ ମହିଳାଙ୍କୁ ନିଯୁକ୍ତି ଦେବାରୁ ନିବୃତ ହେବେ ଏବଂ ଏହାଦ୍ୱାରା ଅଜାଣତରେ ଲିଙ୍ଗଗତ ଧାରଣା ଆହୁରି ଦୃଢ଼ ହେବ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗ୍ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଶେ ?ଳେନ୍ଦ୍ର ମଣି ତ୍ରିପାଠୀଙ୍କ ଦ୍ୱାରା ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ବିଚାର କରି ଏହା କହିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ, ଏପରି ଆବେଦନ ଭୟ ସୃଷ୍ଟି କରିବା ଓ ମହିଳାଙ୍କୁ ଛୋଟ ଦେଖାଇବାକୁ କରାଯାଇଥାଏ। ଏହାକୁ ଆଇନରେ ବାଧ୍ୟତାମୂଳକ କରିଦିଆଯିବ ମହିଳାଙ୍କୁ କେହି ଚାକିରି ଦେବେ ନାହିଁ। ସେମାନଙ୍କୁ ନ୍ୟାୟିକ କିମ୍ବା ସରକାରୀ ଚାକିରିରେ କେହି ନେବେ ନାହିଁ। ମହିଳାଙ୍କ କ୍ୟାରିୟର ଶେଷ ହୋଇଯିବ। ଋତୁସ୍ରାବ ଜନିତ ଛୁଟି ଏକ ସକାରାତ୍ମକ ଅଧିକାର କିନ୍ତୁ, ଏହାକୁ ଆଇନରେ ପରିଣତ କରିବା ଭିନ୍ନ କଥା ହେବ। ବରିଷ୍ଠ ଓକିଲ ଏମ୍ ଆର୍ ସାମସାଦ ଆବେଦନକାରୀଙ୍କ ପକ୍ଷରୁ କେରଳ ସ୍କୁଲ ଓ ଘରୋଇ କମ୍ପାନିରେ ଦିଆଯାଉଥିବା ଛୁଟି ସମ୍ପର୍କରେ ଉଦାହରଣ ଦେଇଥଲେ। ତେବେ ଖଣ୍ଡପୀଠ ଏହି ଉଦାହରଣ ପ୍ରଶଂସା କରିଥିଲେ, କିନ୍ତୁ ନିଜ ଆଭିମୁଖ୍ୟରେ କେ ?ଣସି ପରିବର୍ତ୍ତନ କରିନଥିଲେ। ସୂଚନାଯୋଗ୍ୟ, ତ୍ରିପାଠୀ ଏହି ଆଇନ ଉପରେ ତିନିଥର ଆବେଦନ କରିସାରିଲେଣି।

# ଫାରୁକ୍ ଅବ୍ଦୁଲ୍ଲାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରଓ୍ୱାନା



ଶ୍ରୀନଗର: ଜାମ୍ମୁ-କାଶ୍ମୀର କ୍ରିକେଟ୍ ଆସୋସିଏସନ୍ (ଜେକେସିଏ)ରେ ୪୩ କୋଟି ଟଙ୍କାର ଆର୍ଥିକ ହେରଫେର ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରିହୋଇଛି। ଗୁରୁବାର ଏହି ପରଓ୍ୱାନା ଶ୍ରୀନଗରର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଜାରି କରିଛନ୍ତି। କାରଣ ଫାରୁକ୍ ଅବ୍ଦୁଲ୍ଲା ବ୍ୟକ୍ତିଗତ କିମ୍ବା ଆଭାସୀ ମାଧ୍ୟମରେ ଅଦାଲତରେ ହାଜର ହୋଇନଥିବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରିହୋଇଛି। ଏହି ମାମଲାରୁ ବାଦ୍‌ଦେବା ଲାଗି ଆବେଦନ କରିଥିବା ମନ୍ସୁର ଗଜନଫର ଅଲୀଙ୍କ ନାମେର ମଧ୍ୟ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରିହୋଇଛି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୩୦ରେ ହେବ। ଏହିଦିନ ଫାରୁକ୍ ଅବ୍ଦୁଲ୍ଲା ଅଦାଲତରେ ହାଜର ନ ହେଲେ ତାଙ୍କୁ ଗିରଫ କରାଯିବ। ୨୦୦୨ରୁ ୨୦୧୧ ପର୍ଯ୍ୟନ୍ତ ଫାରୁକ୍ ଅବ୍ଦୁଲ୍ଲା ଜେକେସିଏର ସଭାପତି ଥିଲେ। ଜେକେସିଏକୁ ବିସିସିଆଇ ଦେଇଥିବା ୪୩ କୋଟି ଟଙ୍କାର ଅନୁଦାନ ରାଜ୍ୟର କ୍ରିକେଟ୍ରେ ଉନ୍ନତି ପାଇଁ ଉଦ୍ଦିଷ୍ଟ ଥିଲା। ହେଲେ ସଭାପତି ଫାରୁକ୍ ଓ ଅନ୍ୟମାନେ ଏହାକୁ ଆତ୍ମସାତ୍ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ୨୦୧୫ରେ ଜାମ୍ମୁ-କାଶ୍ମୀର ହାଇକୋର୍ଟ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେଇଥିଲେ। ପରେ ଫାରୁକ୍ ଓ ଅନ୍ୟମାନଙ୍କ ବିରୋଧରେ ୨୦୧୮ରେ ସିବିଆଇ ଚାର୍ଜସିଟ୍ ଦାଖଲ କରି ମାମଲା ଦାଏର କରିଥିଲା। ଏହି ଚାର୍ଜସିଟ୍ରେ ଫାରୁକ୍‌ଙ୍କ ସହ ତତ୍କାଳୀନ ସମ୍ପାଦକ ମହମ୍ମଦ ସଲିମ୍ ଖାଁ, ପୂର୍ବତନ କୋଷାଧ୍ୟକ୍ଷ ଏହ୍ସାନ ଅହମ୍ମଦ ମିର୍ଜା ଓ ଅନ୍ୟ କିଛି ସଦସ୍ୟଙ୍କ ନାମ ମଧ୍ୟ ରହିଥିଲା।

# ୫୪ ବର୍ଷ ପରେ ପୁଣି ଚନ୍ଦ୍ରକୁ ଯିବ ମଣିଷ



ନୂଆଦିଲ୍ଲୀ : ମଣିଷ ପୁଣିଥରେ ନୀଳ ଆକାଶକୁ ଭେଦ କରି ଚନ୍ଦ୍ରକୁ ପରିକ୍ରମା କରିବାକୁ ପ୍ରସ୍ତୁତ। ପ୍ରାୟ ୫୪ ବର୍ଷର ଦୀର୍ଘ ଅପେକ୍ଷା ପରେ, ଆମେରିକୀୟ ମହାକାଶ ସଂସ୍ଥା ନାସା ଏହାର ଐତିହାସିକ ଆର୍ଟେମିସ୍-ଓଓ ମିଶନ ସହିତ ମହାକାଶ ବିଜ୍ଞାନର ଏକ ନୂତନ ଯୁଗ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଯଦି ସବୁକିଛି ଠିକ୍ ରହେ, ତେବେ ନାସା ଏପ୍ରିଲ ୧ରେ ଏହାର ଆର୍ଟେମିସ୍ ଓଓ ମିଶନ ଲଞ୍ଚ କରିବାକୁ ଯାଉଛି। ଏହି ମିଶନ ପ୍ରାୟ ୧୦ ଦିନ ଚାଲିବ। ୧୯୭୨ ପରେ ଏହା ପ୍ରଥମ ଥର ହେବ ଯେଉଁଥିରେ ମଣିଷ ପୁଣି ଥରେ ଚନ୍ଦ୍ରର କକ୍ଷପଥକୁ ଯାତ୍ରା କରିବ। ନାସାର ଏହି ମିଶନରେ ସ୍ପେସ୍ ଲଞ୍ଚ ସିଷ୍ଟମ୍ ରକେଟ୍ ଏବଂ ଓରିଅନ୍ ସ୍ପେସକ୍ରାଫ୍ଟର ପ୍ରଥମ କ୍ରୁଡ ଫ୍ଲାଇଟ୍ ମାନବ ସହିତ ଉଡ଼ାଣ ଭରିବ। ଏଥିରେ ଚାରି ଜଣ ମହାକାଶଚାରୀ ଚନ୍ଦ୍ରକୁ ପରିକ୍ରମା କରି ପୃଥିବୀକୁ ଫେରିବେ। ଘଇଝଇ ଅନୁଯାୟୀ, ଏହି ମିଶନ ଆଗାମୀ ଆର୍ଟେମିସ୍ ଓଓଓ ମିଶନ ପାଇଁ ଜୀବନ ସମର୍ଥନ ପ୍ରଣାଳୀ ଏବଂ ଅନ୍ୟାନ୍ୟ ସୂଚନାର ଏକ ପ୍ରମୁଖ ପରୀକ୍ଷା ହୋଇପାରେ, ଯାହା ଚନ୍ଦ୍ର ପୃଷ୍ଠରେ ଅବତରଣ କରିବ। କେନେଡି ସ୍ପେସ୍ ସେଣ୍ଟରର ଯାନ ଆସେମ୍ବଲି ବିଲଡିଂରେ ରକେଟ୍ ଏବଂ ମହାକାଶଯାନ ପ୍ରସ୍ତୁତ କରିବାର ଶେଷ ପର୍ଯ୍ୟାୟରେ ରହିଛି। ଘଇଝଇ ଯୋଜନା ମୁତାବକ ମାର୍ଚ୍ଚ ୧୯ ତାରିଖରେ ଲଞ୍ଚ ପ୍ୟାଡ୍ରେ ରକେଟ୍ ରଖାଯିବ। ଏହା ପରେ ଏକ ୱେଟ ଡ୍ରେସ ରିହର୍ସଲ ହେବ ।ଯେଉଁଥିରେ ରକେଟ୍ରେ କ୍ରାୟୋଜେନିକ୍ ଇନ୍ଧନ ଲୋଡ୍ କରାଯାଇ ଲଞ୍ଚ କାଉଣ୍ଟଡାଉନ୍ ସିମୁଲେଶନ କରାଯିବ। ନାସାର ଏହି ମିଶନରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ,୧୯୭୨ର ଆପୋଲୋ ମିଶନ ପରେ ପ୍ରଥମ ଥର ପାଇଁ, ମଣିଷ ଚନ୍ଦ୍ରର ଏତେ ନିକଟତର ହେବ। ଏବେ ଆପଣ ନିଶ୍ଚୟ ଭାବୁଥିବେ: ମଣିଷ ପୁଣି କେବେ ଚନ୍ଦ୍ର ପୃଷ୍ଠରେ ଅବତରଣ କରିବ? ଉତ୍ତର ହେଉଛି ନା। ଏହା ଏକ ଚନ୍ଦ୍ର ଉଡ଼ାଣ ମିଶନ। ମହାକାଶଚାରୀମାନେ ଏକ ଓରିଅନ୍ କ୍ୟାପସୁଲରେ ଦୁଇଥର ପୃଥିବୀ ପରିକ୍ରମା କରିବେ ଏବଂ ତା'ପରେ ଚନ୍ଦ୍ର ଅତିକ୍ରମ କରିବେ। ଏହି ଯାତ୍ରା ସମୟରେ, ସେମାନେ ଚନ୍ଦ୍ର ପୃଷ୍ଠରୁ ମାତ୍ର ୮,୮୮୯ କିଲୋମିଟର ଦୂରରେ ରହିବେ।

# ସୁପ୍ରିମ୍‌କୋର୍ଟରେ 'ଏଆଇ' ଯୁଗ



ନୂଆଦିଲ୍ଲୀ: ନ୍ୟାୟିକ ପ୍ରଶାସନରେ ସ୍ୱଚ୍ଛତା ଓ ଦକ୍ଷତା ଆଣିବା ପାଇଁ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ କୋର୍ଟ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ନୂତନ ଏଆଇ-ପରିଚାଳିତ ସଫ୍ଟୱେର୍ ଏଣିକି ମାମଲାଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ସହ ବିଭିନ୍ନ ବେଞ୍ଚକୁ ମାମଲା ଆବଣ୍ଟନ କରିବ। ଏକ ଆଭ୍ୟନ୍ତରୀଣ ତଦନ୍ତରୁ ରେଜିଷ୍ଟ୍ରି ମଧ୍ୟରେ ଥିବା ବ୍ୟବସ୍ଥାଗତ ବିଫଳତା ସାମ୍ନାକୁ ଆସିବା ପରେ ଏହି ସଂସ୍କାର ଅଣାଯାଇଛି। ପୁରୁଣା ବୈଷୟିକ ଭିତ୍ତିଭୂମି ଏବଂ ଦୀର୍ଘ ଦିନ ଧରି ଗୋଟିଏ ପଦବୀରେ ରହିଥିବା ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁଁ ମାମଲା ଆବଣ୍ଟନରେ ଅନିୟମିତତା ଦେଖାଦେଇଥିଲା। ଏହି ''ରୋଷ୍ଟର'' କ୍ଷମତା ସିଜେଆଇଙ୍କ କାର୍ଯ୍ୟାଳୟକୁ ସମାଲୋଚନାର ପରିସରକୁ ଆଣୁଥିବାରୁ, ଏବେ ଏଆଇ ବ୍ୟବହାର ଦ୍ୱାରା ମାନବ ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ରୂପେ ଦୂର କରାଯିବ। ରେଜିଷ୍ଟ୍ରିରେ ବର୍ଷ ବର୍ଷ ଧରି ଚାଲିଥିବା ଅଦକ୍ଷତା ଓ ରକ୍ଷଣଶୀଳତାକୁ ଶେଷ କରିବା ପାଇଁ ଅଧିକାରୀମାନଙ୍କର ଆନ୍ତଃବିଭାଗୀୟ ବଦଳି ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ପରେ ଏହି ମାସ ଶେଷ ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟ ବଦଳି ପ୍ରକ୍ରିୟା ଶେଷ ହେବ ବୋଲି ଆଶା କରାଯାଉଛି। ଇରଫାନ ସୋଲାଙ୍କିଙ୍କ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି ସମୟରେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏକ ବଡ଼ ଧରଣର ପ୍ରଶାସନିକ ତ୍ରୁଟି ଲକ୍ଷ୍ୟ କରିଥିଲେ। ଉକ୍ତ ଆବେଦନରେ ଉତ୍ତର ପ୍ରଦେଶ ଗ୍ୟାଙ୍ଗଷ୍ଟର ଆଇନକୁ ଭାରତୀୟ ଦଣ୍ଡ ସଂହିତା, ୨୦୨୩ର ଧାରା ୧୧୧ ସହ ସଂଘର୍ଷ କରୁଥିବା ଦର୍ଶାଇ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ଘଟଣା ପରେ ସର୍ବୋଚ୍ଚ ନ୍ୟାୟାଳୟ ବ୍ୟବସ୍ଥାର ସମୂଳ ପରିବର୍ତ୍ତନ ପାଇଁ ଅଣ୍ଟା ଭିଡ଼ିଛନ୍ତି।

# ବଦଳିଲା ଏନ୍‌ସିଇଆର୍‌ଟି ନବମ ଶ୍ରେଣୀ ଇଂରାଜୀ ପାଠ୍ୟପୁସ୍ତକ

ନୂଆଦିଲ୍ଲୀ : ନୂଆ ଶିକ୍ଷା ବର୍ଷ ପାଇଁ ବଡ଼ ଖବର ! ଏଣିକି ନବମ ଶ୍ରେଣୀରେ ପଢ଼ାଯିବ ନୂଆ ଇଂରାଜୀ ବହି 'କାବେରୀ' । ଦୀର୍ଘ ଦୁଇ ଦଶନ୍ଧି ପରେ ପାଠ୍ୟକ୍ରମରେ ବଡ଼ ଧରଣର ପରିବର୍ତ୍ତନ କରିବାକୁ ଯାଉଛି ଘଉରଜଞ୍ଜ । ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ପକ୍ଷରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୂତନ ଇଂରାଜୀ ପାଠ୍ୟପୁସ୍ତକ 'କାବେରୀ' ଉନ୍ମୋଚିତ ହୋଇଛି। ୨୦୨୬-୨୭ ଶିକ୍ଷା ବର୍ଷରୁ ଏହି ନୂଆ ବହି ଲାଗୁ ହେବ । ଏହା ପୂର୍ବରୁ ପ୍ରଚଳିତ ଥିବା 'ବି-ହାଇଭ୍' ଏବଂ 'ମୋମେଣ୍ଟସ୍' ବହିର ସ୍ଥାନ ନେବ । ସୂଚନାଯୋଗ୍ୟ, ପୁରୁଣା ବହିଗୁଡ଼ିକ ୨୦୦୬-୦୭ ଶିକ୍ଷା ବର୍ଷରୁ ପାଠ୍ୟକ୍ରମରେ ରହିଥିଲା । ନୂତନ ଶିକ୍ଷା ନୀତି (NCF-Sର ୨୦୨୩) ଏବଂ 'ଭାରତୀୟ ଜ୍ଞାନ ପରମ୍ପରା'କୁ ଆଧାର କରି ଏହି ପୁସ୍ତକ ପ୍ରସ୍ତୁତ କରାଯାଇଛି । ପୂର୍ବରୁ ପାଠ୍ୟକ୍ରମରେ ବିଦେଶୀ ଲେଖକଙ୍କ ପ୍ରାଧାନ୍ୟ ରହୁଥିବା ବେଳେ, 'କାବେରୀ'ରେ ଭାରତୀୟ ଲେଖକ ଓ ସାହିତ୍ୟିକଙ୍କ କୃତିକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି। ପୂର୍ବରୁ ଦୁଇଟି ବହି ମିଶାଇ ମୋଟ୍ ୨୯ଟି ପାଠ ରହିଥିବା ବେଳେ, ଏବେ କେବଳ ଗୋଟିଏ ବହିରେ ୧୬ଟି ପାଠ ରହିବ । ୧୬ଟି ପାଠ ମଧ୍ୟରୁ ୮ଟି ଭାରତୀୟ ଲେଖକଙ୍କ ଦ୍ୱାରା ଏବଂ ବାକି ୮ଟି ବିଦେଶୀ ଲେଖକଙ୍କ ଦ୍ୱାରା ଲିଖିତ । ସେମାନେ ହେଲେ ସୁଧା ମୂର୍ତ୍ତି, ରବୀନ୍ଦ୍ରନାଥ ଟାଗୋର, ସୁବ୍ରମଣ୍ୟ ଭାରତୀ (ତାମିଲ କବି), ଟେମସୁଲା ଆଓ (ନାଗା ଲେଖିକା) ଏବଂ ମିତ୍ରା ଫୁକନ (ଆସାମୀ ଔପନ୍ୟାସିକ) । ବହିର ପ୍ରଥମ ପାଠ ଭାବେ ସୁଧା ମୂର୍ତ୍ତିଙ୍କ ପ୍ରସିଦ୍ଧ କାହାଣୀ 'How I Taught My Grandmother to Read' କୁ ସ୍ଥାନିତ କରାଯାଇଛି । ଏହା ବ୍ୟତୀତ ପାରା-ଆଥଲେଟ୍ ଦୀପା ମଲ୍ଲିକଙ୍କ ସାକ୍ଷାତକାର ଏବଂ ଅଜ୍ଞାତ କବିଙ୍କ 'Gifts of Grace: Honouring Our Vocations' ପରି ପ୍ରେରଣାଦାୟୀ ପାଠ୍ୟ ଏଥିରେ ଅନ୍ତର୍ଭୁକ୍ତ । ଏହି ପରିବର୍ତ୍ତନ ଫଳରେ ଛାତ୍ରଛାତ୍ରୀମାନେ ବିଶ୍ୱ ସାହିତ୍ୟ ସହିତ ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧ ବିଷୟରେ ଅଧିକ ଅବଗତ ହୋଇପାରିବେ ।

## 'ଆଡୋବ୍'ର ସିଇଓ ଶାନ୍ତନୁଙ୍କ ଇସ୍ତଫା

ନୂଆଦିଲ୍ଲୀ: ଆମେରିକୀୟ ସଫ୍ଟୱେର କମ୍ପାନି ଆଡୋବ୍ର ସିଇଓ ପଦରୁ ପ୍ରବାସୀ ଭାରତୀୟ ଶାନ୍ତନୁ ନାରାୟଣ ଇସ୍ତଫା ଦେଇଛନ୍ତି। ଦୀର୍ଘ ୧୮ ବର୍ଷ ପରେ ସେ ଉକ୍ତ କମ୍ପାନି ଛାଡ଼ିଛନ୍ତି। ବର୍ତ୍ତମାନ ସୂଚନା ପ୍ରଯୁକ୍ତି ଦୁନିଆରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବିପ୍ଳବ ଚାଲିଛି। ତାହାର ପ୍ରଭାବରେ ଆଡୋବ୍ରେ ନେତୃତ୍ୱ ପରିବର୍ତ୍ତନ ହୋଇଥିବା କୁହାଯାଉଛି। ଶାନ୍ତନୁ ଇସ୍ତଫା ଦେଇଥିଲେ ମଧ୍ୟ ତାଙ୍କ ଉତ୍ତରାଧିକାରୀ ସନ୍ଧାନ ନ ହେବା ପର୍ଯ୍ୟନ୍ତ ସେ କାମ କରିବେ। ତାଙ୍କ ଉତ୍ତରାଧିକାରୀ ଖୋଜିବା ପାଇଁ କମ୍ପାନି ଏକ ସ୍ୱତନ୍ତ୍ର କମିଟି ଗଠନ କରିଛି। ଆମେରିକା ପ୍ରଯୁକ୍ତି ଦୁନିଆରେ ଯେଉଁ କେତେ ଜଣ ଭାରତୀୟ ନିଜକୁ ପ୍ରତିଷ୍ଠିତ କରିବା ସହ ଭାରତ ପାଇଁ ସୁନାମ ଆଣିଥିଲେ, ସେମାନଙ୍କ ମଧ୍ୟରୁ ଶାନ୍ତନୁ ହେଉଛନ୍ତି ଅନ୍ୟତମ। ହାଇଦ୍ରାବାଦରେ ବଢ଼ିଥିବା ଶାନ୍ତନୁ ଓସ୍ମାନିଆ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେସନ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରି ହାସଲ କରିଥିଲେ। ଏହାପରେ ସେ ଆମେରିକା ଚାଲିଯାଇଥିଲେ ଓ ସେଠାରେ ବୋଲିଂ ଗ୍ରିନ୍ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ୧୯୮୬ରେ କମ୍ପ୍ୟୁଟର ସାଇନ୍ସରେ ମାଷ୍ଟର୍ ଡିଗ୍ରି ପାଠ ପଢ଼ିଥିଲେ।

# ବନ୍ଦ ହେବ ଅଲ-ମନ୍ଦେବ ପ୍ରଣାଳୀ !

ନୂଆଦିଲ୍ଲୀ : ବିଶ୍ୱ ବଜାରରେ ଏବେ ଶକ୍ତି ସଙ୍କଟର କଳାବାଦଲ । ହର୍ମୁଜ ପ୍ରଣାଳୀ ପରେ ଏବେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ 'ବାବ-ଅଲ-ମନ୍ଦେବ' ବନ୍ଦ କରିବାକୁ ଧମକ ଦେଇଛି ଇରାନ । ଯଦି ଆମେରିକା କୌଣସି ରଣନୈତିକ ଭୁଲ୍ କରେ, ତେବେ ଏହି ରାସ୍ତା ଦେଇ ଟୋପାଏ ବି ତେଲ ଯିବାକୁ ଦିଆଯିବ ନାହିଁ ବୋଲି ଇରାନର ସାମରିକ ଅଧିକାରୀ ଚେତାବନୀ ଦେଇଛନ୍ତି । ଏହି ଧମକ ପରେ ଭାରତ ସମେତ ସାରା ବିଶ୍ୱରେ ତେଲ ଓ ଗ୍ୟାସ୍ ଯୋଗାଣକୁ ନେଇ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । ଭାରତ ନିଜର ଆବଶ୍ୟକ କରୁଥିବା ତେଲ ଓ ଗ୍ୟାସର ପ୍ରାୟ ୮୦-୯୦ ପ୍ରତିଶତ ଉପସାଗରୀୟ ଦେଶଗୁଡ଼ିକରୁ ଆମଦାନୀ କରିଥାଏ । ଭାରତର ପ୍ରାୟ ୮୫ ପ୍ରତିଶତ ତେଲ-ଗ୍ୟାସ ଆମଦାନୀ ଏହି ହର୍ମୁଜ, ବାବ-ଅଲ-ମନ୍ଦେବ ଏବଂ ଲୋହିତ ସାଗର ଦେଇ ଆସିଥାଏ । କେବଳ ସେତିକି ନୁହେଁ, ଭାରତର ମୋଟ ରପ୍ତାନିର ୩୫ ପ୍ରତିଶତ ମଧ୍ୟ ଏହି ମାର୍ଗ ଦେଇ ହୋଇଥାଏ । ତେଣୁ ଏହି ରାସ୍ତା ବନ୍ଦ ହେଲେ ଭାରତୀୟ ଅର୍ଥନୀତି ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବ । ବିଶେଷଜ୍ଞମାନେ ବାବ-ଅଲ-ମନ୍ଦେବକୁ ଇରାନର ଦ୍ୱିତୀୟ ଶକ୍ତିଶାଳୀ 'ପ୍ରେସର ପଏଣ୍ଟ' ଭାବେ ବିବେଚନା କରୁଛନ୍ତି । ୟେମେନର ହୁତି ବିଦ୍ରୋହୀଙ୍କୁ ଇରାନର ସମର୍ଥନ ରହିଛି । ଏହି ବିଦ୍ରୋହୀମାନେ ବାବ-ଅଲ-ମନ୍ଦେବ ଅଞ୍ଚଳକୁ ନିୟନ୍ତ୍ରଣ କରନ୍ତି । ୨୦୨୩ ନଭେମ୍ବରରୁ ଏପର୍ଯ୍ୟନ୍ତ ହୁତିମାନେ ପ୍ରାୟ ୧୦୦ରୁ ଅଧିକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରିସାରିଲେଣି, ଯାହାଦ୍ୱାରା ୬୦ରୁ ଅଧିକ ଦେଶ ପ୍ରଭାବିତ ହୋଇଛି ।

# ୫୭% ପରିବାରରେ ପହଞ୍ଚିନି ଏଲ୍‌ପିଜି: ରିପୋର୍ଟ



ନୂଆଦିଲ୍ଲୀ: ଦେଶର ଏଲ୍ପିଜି ସଙ୍କଟ ସାଧାରଣ ଖାଉଟିଙ୍କୁ ପ୍ରଭାବିତ କରିନଥିବା ସରକାର ଦାବି କରୁଥିଲେ ମଧ୍ୟ ଏକ ସର୍ବେକ୍ଷଣ ରିପୋର୍ଟ କିନ୍ତୁ ଭିନ୍ନ ଚିତ୍ର ଉପସ୍ଥାପନ କରୁଛି। ଲୋକାଲ୍ ସର୍କଲ୍ ପକ୍ଷରୁ କରାଯାଇଥିବା ଏକ ସର୍ଭେରେ ଭାଗ ନେଇଥିବା ୫୭ ପ୍ରତିଶତ ପରିବାର ଏଲ୍ପିଜି ପହଞ୍ଚିବାରେ ବିଳମ୍ବ ହୋଇଥିବା ଓ ଗ୍ୟାସ୍ର ବ୍ୟାପକ କଳାବଜାର ହେଉଥିବା କହିଛନ୍ତି। ଗତ ସପ୍ତାହରେ ଦେଶର ଅଧା ପରିବାର ଏଲ୍ପିଜି ପାଇବାରେ ଅସୁବିଧା ଭୋଗିଛନ୍ତି। ଏହି ସର୍ଭେରେ ଦେଶର ୩୦୯ଟି ଜିଲ୍ଲାର ୫୭ ହଜାର ପରିବାରକୁ ସାମିଲ କରାଯାଇଥିଲା। ସେଥିରୁ ୫୭ ପ୍ରତିଶତ ପରିବାରରେ ଏଲ୍ପିଜି ପହଞ୍ଚିବା ବିଳମ୍ବ ହୋଇଥିଲା। ୪୩ ପ୍ରତିଶତ ପରିବାର କିନ୍ତୁ କହିଥିଲେ ଯେ ଗ୍ୟାସ୍ ବୁକିଂ ଓ ଡେଲିଭରି ସ୍ୱାଭାବିକ ରହିଛି। ୨୯ ପ୍ରତିଶତ ପରିବାର କହିଥିଲେ ଯେ ସିଲିଣ୍ଡର ନଥିବା ଗ୍ୟାସ୍ ଡିଲର କହିବାକୁ ସେମାନେ ଆଉ ବୁକିଂ କରିନାହାନ୍ତି। ୭ ପ୍ରତିଶତ ପରିବାର କହିଛନ୍ତି ଯେ ଗ୍ୟାସ୍ ପାଇବାକୁ ସେମାନଙ୍କୁ ସ୍ୱାଭାବିକ ଦିନଠାରୁ ଅଧିକ ଅପେକ୍ଷା କରିବାକୁ ପଡ଼ିଛି। ୧୪ ପ୍ରତିଶତ ପରିବାର କହିଛନ୍ତି ଯେ ସେମାନେ ଚଢ଼ା ଦରରେ କଳାବଜାରରୁ ଗ୍ୟାସ୍ କିଣିଛନ୍ତି। ସର୍ଭେରୁ ଆଉ ଏକ ଚକିତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି। ୫୩ ପ୍ରତିଶତ ପରିବାର କହିଥିଲେ ଯେ ଗ୍ୟାସ୍ ଯୋଗାଣରେ ବିଭ୍ରାଟକୁ ନେଇ ସେମାନଙ୍କୁ ଡିଲରମାନେ ସତର୍କ କରାଇଥିଲେ। ୪୩ ପ୍ରତିଶତ ପରିବାର କିନ୍ତୁ ସେଭଳି କିଛି ସତର୍କ ସୂଚନା ମିଳିନଥିବା କହିଥିଲେ। ୩୨ ପ୍ରତିଶତ ପରିବାର କହିଥିଲେ ଯେ ଯୋଗାଣ ବିଳମ୍ବ ହେବା ଆଶଙ୍କା କରାଯାଉଛି। ଗ୍ୟାସ୍ ପାଇଁ ଅଧିକ ଟଙ୍କା ଅସୁଲ କରାଯାଉଥିବାର ମଧ୍ୟ ଅଭିଯୋଗ ହୋଇଛି। ୮ ପ୍ରତିଶତ ପରିବାର କହିଥିଲେ ଯେ ସିଲିଣ୍ଡର ପିଛା ସେମାନେ ଅଧିକ ୧୦୦ ଟଙ୍କା ଦେଇଛନ୍ତି। ୧୧ ପ୍ରତିଶତ ପରିବାର ସିଲିଣ୍ଡର ପିଛା ୧୦୦-୩୦୦ ଟଙ୍କା, ୮ ପ୍ରତିଶତ ପରିବାର ୩୦୦-୫୦୦ ଟଙ୍କା ଓ ୯ ପ୍ରତିଶତ ପରିବାର ୫୦୦ରୁ ଅଧିକ ଟଙ୍କା ଦେଇଥିବା କହିଛନ୍ତି।

# ଆମେରିକୀୟ ବିମାନ ଦୁର୍ଘଟଣାଗ୍ରସ୍ତ, ୪ ମୃତ

ନୂଆଦିଲ୍ଲୀ : ଇରାନ ଉପରେ ମିଳିତ ଆକ୍ରମଣ କରିଥିବା ଆମେରିକା ଓ ଇସ୍ରାଏଲକୁ ମଧ୍ୟ ଯୁଦ୍ଧରେ ଖୁବ୍ କ୍ଷତିର ସାମ୍ନା କରିବାକୁ ପଡୁଛି। ଏହି ଯୁଦ୍ଧରେ ଏବେସୁଦ୍ଧା ସରକାରୀ ତଥ୍ୟାନୁସାରେ ଆମେରିକାର ଚାରୋଟି ବିମାନ ନଷ୍ଟ ହୋଇଛି। ଆମେରିକୀୟ ସେନାର ସେଣ୍ଟ୍ରାଲ କମାଣ୍ଡ ଶୁକ୍ରବାର ୪ର୍ଥ ବିମାନ ଖସିବା ବିଷୟରେ ସୂଚନା ଦେଇ କହିଛନ୍ତି ଯେ, ଇନ୍ଧନ ଭରୁଥିବା ଗୋଟିଏ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରେ ଏଥିରେ ବସି ଥିବା ୬ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରେ ଚାରି ଜଣଙ୍କ ମୃତ୍ୟୁ ହୋଇଛି। ପ୍ରାରମ୍ଭିକ ସୂଚନା ମୁତାବିକ , ଉକ୍ତ ବିମାନ ଖସିବାରେ ଏବେସୁଦ୍ଧା ନା ଶତ୍ରୁର ଫାୟାରିଂ ହୋଇଛି ନା ହିଁ ନିଜ ପକ୍ଷରରୁ କରାଯାଇ ଥିବା ଫାୟାରିଂ ସାମିଲ ଥିଲା। ସେଣ୍ଟକମ୍ ମୁତାବିକ ଏହା ଉପରେ ଏବେ ତଦନ୍ତ କରାଯାଉଛି।

# ଆଇଏଏସ୍ ଅଫିସରଙ୍କ ଫାର୍ମ ହାଉସରେ ଜୁଆଖେଳ ରାକେଟ୍ ଠାବ

ଇନ୍ଦୋର: ମଧ୍ୟପ୍ରଦେଶର ଇନ୍ଦୋରରେ ଏକ ଫାର୍ମ ହାଉସରେ ଜୁଆ ଖେଳୁଥିବା ରାକେଟ ଉପରେ ପୁଲିସ ଚଢ଼ଉ କରି ୧୮ ଜଣଙ୍କୁ ଗିରଫ କରିଛି। ଫାର୍ମ ହାଉସ୍ ଆଇଏଏସ୍ ଅଧିକାରୀ ବନ୍ଦନା ବେ ?ଦ୍ୟ ଓ ତାଙ୍କ ପରିବାରର ବୋଲି ଜଣାପଡ଼ିଛି। ବନ୍ଦନା ବେ ?ଦ୍ୟ ବର୍ତ୍ତମାନ ରାଜ୍ୟ ଆର୍ଥିକ ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। ସୂଚନା ପାଇ ପୁଲିସ ଜିଲ୍ଲା ମୁଖ୍ୟାଳୟଠାରୁ ୫୦ କିମି ଦୂର ଅବାଲିପୁର ଗାଁରେ ଥିବା ଫାର୍ମ ହାଉସରେ ମଙ୍ଗଳବାର ଓ ବୁଧବାର ରାତିରେ ଚଢ଼ଉ କରିଥିଲା। ଜୁଆଖେଳିବା ଅଭିଯୋଗରେ ୧୮ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୬ ଜଣ ଫେରାର୍ ହୋଇଯାଇଛନ୍ତି। ଚଢଉ ବେଳେ ପୁଲିସ ୩୦ଟି ମୋବାଇଲ ଫୋନ୍, ତାସ୍ ଓ ୧୩.୬୮ ଲକ୍ଷ ନଗଦ ଟଙ୍କା ଜବତ ହୋଇଥିଲା। ଅଭିଯୁକ୍ତଙ୍କ ଘର ରାଜ୍ୟର ବିଭିନ୍ନ ଜିଲ୍ଲାରେ ହୋଇଥିବାବେଳେ ଜୁଆ ଖେଳିବା ସମୟରେ ଫାର୍ମହାଉସର ମୁଖ୍ୟ ଫାଟକରେ ତାଲା ପଡ଼ିଥିଲା। ମୁଖ୍ୟ ଅଭିଯୁକ୍ତ ଜଗଦୀଶ ରାଠୋଡ଼ ଓରଫ କୁଦ୍ଧା ସମେତ ଅନ୍ୟମାନଙ୍କ ନାଁରେ ମାମଲା ରୁଜୁ ହୋଇଛି। ଫାର୍ମହାଉସ୍ର କେୟାର ଟେକର ଓ ଅନ୍ୟ କେତେଜଣ ଘଟଣାସ୍ଥଳରୁ ଫେରର୍ ହୋଇଯାଇଛନ୍ତି।



# ଟି-୨୦ ବିଶ୍ୱକପ୍ ବିଜୟ ପରେ ଶ୍ରୀଲଙ୍କା, ଆୟର୍ଲାଣ୍ଡ ଗସ୍ତ କରିବ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ : ଟି-୨୦ ବିଶ୍ୱକପ୍ ବିଜୟ ପରେ ଟିମ୍ ଇଣ୍ଡିଆର ବ୍ୟସ୍ତ କାର୍ଯ୍ୟସୂଚୀ ରହିଛି। ରିପୋର୍ଟ ଅନୁସାରେ, ଭାରତୀୟ ଦଳ ଶ୍ରୀଲଙ୍କା ଏବଂ ଆୟର୍ଲାଣ୍ଡ ଗସ୍ତ କରି ଟି-୨୦ ସିରିଜ ଖେଳିବାର ଯୋଜନା ରଖିଛି।

ସମ୍ପ୍ରତି ଭାରତୀୟ ଦଳ ଓଡଉ ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ ଜିତି ବିଶ୍ୱରେ ନିଜ ଦକ୍ଷତା ପ୍ରତିପାଦନ କରିଛି। ବିଶ୍ୱ ଚାମ୍ପିୟନ ହେବା ପରେ, ଭାରତୀୟ ଦଳ ଆଗାମୀ ବର୍ଷ ମଧ୍ୟରେ ଅନେକ ଅନ୍ତର୍ଜାତୀୟ ସିରିଜ ଖେଳିବାକୁ ପ୍ରସ୍ତୁତ ହେଉଛି। ସୂଚନା ମୁତାବକ, ଟିମ୍ ଇଣ୍ଡିଆ ଆଗାମୀ ମାସରେ ଶ୍ରୀଲଙ୍କା ଏବଂ ଆୟର୍ଲାଣ୍ଡ ଗସ୍ତ କରିପାରେ। ସେଠାରେ ଟି-୨୦ ସିରିଜ



ଅନୁଷ୍ଠିତ ହେବ।

ମିଡିଆ ରିପୋର୍ଟ ଅନୁଯାୟୀ, ବିସିସିଆଇ ଶ୍ରୀଲଙ୍କା ଗସ୍ତ ସୂଚୀରେ କିଛି ପରିବର୍ତ୍ତନ କରିବା ବିଷୟରେ ବିଚାର କରୁଛି। ବର୍ତ୍ତମାନ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଦୁଇଟି ଟେଷ୍ଟ ମ୍ୟାଚ ଯୋଜନା କରାଯାଇଛି, ଯାହା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଅଂଶ ହେବ। ଏପରିକି ଟେଷ୍ଟ ମ୍ୟାଚ୍ ପୂର୍ବରୁ ୩ଟି ଟି-୨୦ ମ୍ୟାଚ ଖେଳାଯିବ। ଯଦି ଏହା ହୁଏ, ତେବେ ଭାରତୀୟ ଦଳର ଗସ୍ତ ଟି-୨୦ ମ୍ୟାଚ୍ ସହିତ ଆରମ୍ଭ ହୋଇପାରେ। ଅନ୍ୟପକ୍ଷେ ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ପାଣ୍ଠି ସଂଗ୍ରହ କରାଯିବ ବୋଲି ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ପ୍ରସ୍ତାବ ଆସିଛି। ଗତ ବର୍ଷ ଘୂର୍ଣ୍ଣିଝଡ଼ରେ ଶ୍ରୀଲଙ୍କାର ଅନେକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିଲା। ଏନେଇ ରିଲିଫ ପ୍ରୟାସ ପାଇଁ ପାଣ୍ଠି ସଂଗ୍ରହ କରିବା ପାଇଁ ଅତିରିକ୍ତ ଟି-୨୦ ମ୍ୟାଚ୍ ଆୟୋଜନ କରିବାକୁ ଯୋଜନା କରାଯାଇଛି।

# ଆରମ୍ଭ ହେବ ଧୋନିଙ୍କ ଶେଷ ଆଇପିଏଲ୍ ଋତୁ !

ଚେନ୍ନାଇ: ମହେନ୍ଦ୍ର ସିଂ ଧୋନିଙ୍କ ବିନା ଆଇପିଏଲର କଳ୍ପନା କରିବା ସମ୍ଭବ ନୁହେଁ। କିନ୍ତୁ ଏଥର ବୋଧହୁଏ ଶେଷ ଥର ପାଇଁ ଆମେ ତାଙ୍କୁ ହଳଦିଆ ଜର୍ସିରେ ଦେଖିବାକୁ ପାଇବା' ଏପରି ପୂର୍ବାନୁମାନ କରିଛନ୍ତି ପୂର୍ବତନ ଅଲରାଉଣ୍ଡର ଇର୍ଫାନ ପଠାନ।

ଏକ ଟେଲିଭିଜନ କାର୍ଯ୍ୟକ୍ରମରେ ସେ କହିଛନ୍ତି, 'ଧୋନିଙ୍କ ବିନା ଚେନ୍ନାଇ ସୁପରକିଙ୍ଗସ୍ ଅସଂପୂର୍ଣ୍ଣ। କିନ୍ତୁ ଏଥର ବୋଧହୁଏ ଶେଷ ଥର ପାଇଁ ଆମେ ତାଙ୍କୁ ହଳଦିଆ ଜର୍ସିରେ ଦେଖିବାକୁ ପାଇବା। ତାଙ୍କ ବିନା ସିଏସକେ ଓ ଆଇପିଏଲ୍‌ର ପରିକଳ୍ପନା କରିବା ସମ୍ଭବ ନୁହେଁ। ତେବେ ଚଳିତ ଋତୁରେ ସେ ସମସ୍ତଙ୍କୁ ଏକାଠି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଧୋନିଙ୍କ ବିନା ଚେନ୍ନାଇ ସୁପରକିଙ୍ଗସ୍ ଅସଂପୂର୍ଣ୍ଣ : ତେବେ ସେ କେତୋଟି ମ୍ୟାଚ୍ ଖେଳିବେ ତାହା କହିହେବ ନାହିଁ, କିନ୍ତୁ



ଡ୍ରେସିଂରୁମ୍‌ରେ ତାଙ୍କ ଉପସ୍ଥିତି ହିଁ ଦଳକୁ ଅନେକ ସହାୟକ ହେବ'। ସେ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କର ଫିଟ୍‌ନେସ୍, ବ୍ୟାଟିଂ ସ୍ଥାନ, ସେ କେତୋଟି ମ୍ୟାଚ୍ ଖେଳିବେ ତାହା ଆଗକୁ ଜଣାପଡ଼ିବ। ସେ ସମ୍ପର୍କରେ ଦଳ ପରିଚାଳନା ପର୍ଯ୍ୟାୟକ୍ରମେ ନିଷ୍ପତ୍ତି ନେବ। କିନ୍ତୁ ସିଏସକେ ତାଙ୍କୁ ଏକ ଚମତ୍କାର ବିଦାୟ ଜଣାଇବା ନିଶ୍ଚିତ। ୪୪ ବର୍ଷୀୟ ଧୋନିଙ୍କ ଏହା ହେଉଛି ୧୯ତମ ଆଇପିଏଲ୍ ଋତୁ। ଆଇପିଏଲରେ ସେ ୨୭୮ଟି ମ୍ୟାଚ୍ ଖେଳି ୫୪୩୯ ରନ୍ କରିଥିବାବେଳେ ୱିକେଟ୍ ପଛରେ ୨୦୦ରୁ ଅଧିକ କ୍ୟାଚ୍ ନେଇଛନ୍ତି।

# ବିରାଟ ଓ ରୋହିତଙ୍କ ଲୋକପ୍ରିୟତା : ଭାରତ ସହ ଅଧିକ ଏକଦିବସୀୟ ଶୃଙ୍ଖଳା ଖେଳିବା ପାଇଁ ବିଦେଶୀ ବୋର୍ଡର ଅନୁରୋଧ

ମୁମ୍ବାଇ : ଭାରତୀୟ କ୍ରିକେଟ୍‌ର ଦୁଇ ବଡ଼ ତାରକା ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ ଓ ଟ୍ୱେଣ୍ଟି-୨୦ ଫର୍ମାଟ୍‌ରୁ ଅବସର ନେଇସାରିଥିଲେ ବି ସେମାନଙ୍କର ଲୋକପ୍ରିୟତା ଟିକିଏ ବି ଊଣା ହୋଇନାହିଁ। ସେମାନଙ୍କ ଲୋକପ୍ରିୟତା ଏପରି ଯେ ଗତବର୍ଷ ଯେତେବେଳେ ସେମାନେ ବିଜୟ ହଜାରେ ଟ୍ରଫି ଖେଳିଲେ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଏବେ ଦୁଇ ଭାରତୀୟ ତାରକାଙ୍କ ଏହି ଲୋକପ୍ରିୟତାର ସୁଯୋଗ ନେବାକୁ ଉଦ୍ୟମ କରୁଛନ୍ତି ବିଭିନ୍ନ ବିଦେଶୀ କ୍ରିକେଟ୍ ବୋର୍ଡ। ଭାରତ ସହ ଅଧିକରୁ ଅଧିକ ଦିନିକିଆ ଶୃଙ୍ଖଳା ଖେଳିବାକୁ ସେମାନେ ବିସିସିଆଇକୁ ଅନୁରୋଧ କରିଛନ୍ତି, ଯେପରିକି ବିଦେଶରେ ବି ପ୍ରଶଂସକମାନେ 'ରୋକୋ'ଙ୍କ ଖେଳ ଦେଖିପାରିବେ ଓ ସେମାନଙ୍କ ଆୟ ବଢ଼ିପାରିବ। ସେପଟେ ଆସନ୍ତା ବର୍ଷ ଦିନିକିଆ ବିଶ୍ୱକପ୍ ଥିବାରୁ ବିସିସିଆଇ ମଧ୍ୟ ଅଧିକରୁ ଅଧିକ ଦିନିକିଆ ଖେଳି ଭାରତୀୟ ଦଳକୁ ଅଧିକ ଅଭିଜ୍ଞତା ପ୍ରଦାନ କରିବାକୁ ଚାହୁଁଛି। ପୁଣି



ଟ୍ୱେଣ୍ଟି-୨୦ରେ ସଫଳତା ସତ୍ତ୍ୱେ ଦିନିକିଆରେ ପ୍ରଦର୍ଶନ ସେତେଟା ସନ୍ତୋଷଜନକ ନାହିଁ। କାରଣରୁ ଆଇପିଏଲ୍ ପରେ ଭାରତୀୟ ଦଳ ପାଇଁ ଏକ ବ୍ୟସ୍ତବହୁଳ କ୍ରିକେଟ୍ ଋତୁ ଅପେକ୍ଷା କରିଛି, ଯେଉଁଥିରେ ଅଧିକ ସଂଖ୍ୟକ ଦିନିକିଆ ମ୍ୟାଚ୍ ରଖିବାକୁ ଯୋଜନା ଚାଲିଛି।

ଆଇପିଏଲ୍ ପରେ ଭାରତ ଆଫଗାନିସ୍ତାନ ବିପକ୍ଷରେ ଗୋଟିଏ ଟେଷ୍ଟ ଓ ତିନିଟି ଦିନିକିଆ ଖେଳିବ। ଏହା ପରେ ଭାରତ ଇଂଲଣ୍ଡ ଗସ୍ତ କରି ସେଠାରେ ୫ଟି ଟ୍ୱେଣ୍ଟି-୨୦ ଓ ୩ଟି ଦିନିକିଆ ଖେଳିବ। ଏହି ସମୟରେ ଆୟର୍ଲାଣ୍ଡ ବିପକ୍ଷରେ ବି ଏକ ସୀମିତ ଓଭର ଶୃଙ୍ଖଳା ଖେଳିପାରେ ଭାରତ। ତେବେ ତାହା ଟ୍ୱେଣ୍ଟି-୨୦ କି ଦିନିକିଆ ତାହା ଚୂଡ଼ାନ୍ତ ହୋଇନାହିଁ। ସେହିପରି ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ମଧ୍ୟ ଭାରତ ସହ ଏକ ଦିନିକିଆ ଶୃଙ୍ଖଳା ଖେଳିବାକୁ ବିସିସିଆଇକୁ ଅନୁରୋଧ କରିଛି। ଅଗଷ୍ଟରେ ହେବାକୁ ଥିବା ଭାରତୀୟ ଦଳର ବାଂଲାଦେଶ ଗସ୍ତ ଅନିଶ୍ଚିତ ରହିଥିବାବେଳେ ଭାରତ ସେହି ସମୟରେ ଶ୍ରୀଲଙ୍କା ଗସ୍ତ କରି ଦୁଇଟି ଟେଷ୍ଟ ଖେଳିପାରେ। କିନ୍ତୁ ଏହି ଗସ୍ତରେ କେତୋଟି ଦିନିକିଆ ମ୍ୟାଚ୍ ଆୟୋଜନ ପାଇଁ ଶ୍ରୀଲଙ୍କା ବୋର୍ଡ ଅନୁରୋଧ କରିଛି। ଚଳିତ ବର୍ଷ ଶେଷଆଡ଼କୁ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରି ସେଠାରେ ଦୁଇଟି ଟେଷ୍ଟ, ତିନୋଟି ଦିନିକିଆ ଓ ପାଞ୍ଚଟି ଟ୍ୱେଣ୍ଟି-୨୦ ଖେଳିବ। କିନ୍ତୁ ଦିନିକିଆ ମ୍ୟାଚ୍ ସଂଖ୍ୟା ବଢାଇବାକୁ ନ୍ୟୁଜିଲାଣ୍ଡ ବୋର୍ଡ ଅନୁରୋଧ କରିଛି।

# ଦକ୍ଷିଣଆଫ୍ରିକା ଏକ ବୋକା ଦଳ : ମାଇକେଲ୍ ଭନ୍



ଲଣ୍ଡନ: ଦକ୍ଷିଣ ଆଫ୍ରିକା ଏକ ବୋକା ଦଳ ବୋଲି ଆକ୍ଷେପ କରିଛନ୍ତି ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ୍ ଭନ୍। ସେ କହିଛନ୍ତି ଯେ ଗତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଏହି ଦଳ ଭଲ ଖେଳିଥିଲା, କିନ୍ତୁ କେତେକ ରଣନୀତି ଭୁଲ ଯୋଗୁଁ କପ୍ ହାତଛଡ଼ା କରିଥିଲା।

ଏକ ପଡ୍‌କାଷ୍ଟ୍‌ରେ ସେ କହିଛନ୍ତି ଯେ ସୁପର-୮ ପର୍ଯ୍ୟାୟରେ ଯଦି ଦକ୍ଷିଣ ଆଫ୍ରିକା ୱେଷ୍ଟଇଣ୍ଡିଜ୍‌କୁ ଜିତିବାକୁ ଦେଇଥାନ୍ତା ତେବେ ଭାରତ ବିଶ୍ୱକପରୁ ବିଦାୟ ନେଇଥାନ୍ତା। କିନ୍ତୁ ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିଜୟ ହାସଲ କରି ଭାରତ ପାଇଁ ସୁଯୋଗ ସୃଷ୍ଟି କରିଥିଲା। ସେହିଦିନ ଭାରତ ଜିମ୍ବାୱେକୁ ହରାଇଥିଲା। କିଛିଦିନ ପରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌ଟି ଏକ କ୍ୱାର୍ଟରଫାଇନାଲ୍ ସଦୃଶ ହୋଇଥିଲା, ଯେଉଁଥିରେ ଭାରତ ବିଜୟ ହାସଲ କରିଥିଲା ଓ ପରେ ସେମିଫାଇନାଲ୍‌ରେ ଇଂଲଣ୍ଡକୁ ହରାଇଥିଲା।

ତେବେ ସେ କହିଛନ୍ତି ଯେ ସାଧାରଣତଃ ଏପରି ହୁଏ ନାହିଁ ଓ ହେବା ଉଚିତ୍ ନୁହେଁ, କିନ୍ତୁ ବିଶ୍ୱକପ୍ ଜିତିବାକୁ ହେଲେ ପ୍ରତିଯୋଗିତାର ସର୍ବଶ୍ରେଷ୍ଠ ଦଳକୁ ପ୍ରାରମ୍ଭିକ ସ୍ତରରୁ ହିଁ ବିଦା କରିବା ଜରୁରୀ। କିନ୍ତୁ ଦକ୍ଷିଣଆଫ୍ରିକା ଅଜାଣତରେ ଭାରତକୁ ଆଗକୁ ବଢ଼ିବାର ସୁଯୋଗ ଦେଲା ଓ ଭାରତ ତାହାର ସଦ୍‌ବ୍ୟବହାର କରି ଆଗକୁ ବଢ଼ି ବିଶ୍ୱକପ୍ ଜିତିଥିଲା।

# କୁସ୍ତିଯୋଦ୍ଧା ଆଳରେ ମାନବଚାଲାଣ



ନୂଆଦିଲ୍ଲୀ : ନିଜକୁ ଭାରତୀୟ କୁସ୍ତିଯୋଦ୍ଧା ଦର୍ଶାଇ ହଙ୍ଗେରୀ ଦୂତାବାସରେ ଭିସା ଆବେଦନ କରିଥିବା ଏକ ସଂଦିଗ୍ଧ ମାନବ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ ହୋଇଛି। ହଙ୍ଗେରୀ ରାଜଧାନୀ ବୁଦାପେଷ୍ଟରେ ଏକ କୁସ୍ତି ପ୍ରତିଯୋଗିତାରେ ଭାଗ ନେବାକୁ ସେମାନେ ଭିସା ଆବେଦନ କରିଥିଲେ। ଏ ନେଇ ଦୂତାବାସ ପକ୍ଷରୁ ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍‌ଆଇ)ର ସ୍ପଷ୍ଟୀକରଣ ମଗାଯିବା ପରେ ସେମାନେ କୁସ୍ତିଯୋଦ୍ଧା ନଥିବା ଜଣାପଡ଼ିଥିଲା।

ସୂଚନା ଅନୁସାରେ ବୁଦାପେଷ୍ଟରେ ମାର୍ଚ୍ଚ ୧୫ରୁ ୨୨ ମଧ୍ୟରେ ଏକ ଅନ୍ତର୍ଜାତୀୟ କୁସ୍ତି ତାଲିମ ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ ହେଉଥିବା ଦର୍ଶାଇ ମୋଟ ୧୧ ଜଣ ଖେଳାଳି ଓ ଜଣେ ପ୍ରବନ୍ଧକ ଭିସା ଆବେଦନ କରିଥିଲେ। ଏହା ସହିତ ସେମାନେ ଦାଖଲ କରିଥିବା କାଗଜପତ୍ର ବି ଜାଲ୍ ଥିବା ଜଣାପଡ଼ିଥିଲା। ସେମାନେ ଦାଖଲ କରିଥିବା ଜାଲ୍ କାଗଜପତ୍ର ମଧ୍ୟରେ କୁସ୍ତି ମହାସଂଘର ଏକ ସୁପାରିସ ପତ୍ର ବି ଥିଲା। କିନ୍ତୁ ଏପରି କୌଣସି ସୁପାରିସପତ୍ର ଦିଆଯାଇ ନଥିବା ମହାସଂଘର ସଭାପତି ସଂଜୟ କୁମାର ସିଂହ ସ୍ପଷ୍ଟ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଉକ୍ତ ଜାଲ୍ ସୁପାରିସପତ୍ରରେ ପଦାଧିକାରୀଙ୍କ ଭୁଲ୍ ସୂଚନା ଓ ଏକ ରେଫରେନ୍ସ ନମ୍ବର ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କ ଭିସା ଆବେଦନ ମଂଜୁର ନ କରିବାକୁ ମହାସଂଘ ହଙ୍ଗେରୀ ଦୂତାବାସକୁ ଜଣାଇଥିଲା।

ଏହାସହିତ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମହାସଂଘ ସ୍ପଷ୍ଟ କରିଛି। ତେବେ ଏହା ଏକମାତ୍ର ଘଟଣା ନ ହୋଇ ଏକ ବଡ଼ ମାନବ ଚାଲାଣ ରାକେଟ୍‌ର ଅଂଶ ବୋଲି ମହାସଂଘ ସନ୍ଦେହ ପ୍ରକାଶ କରିଛି। ନିଜକୁ ଖେଳାଳି ଦର୍ଶାଇ କିଛି ଲୋକ ଜାଲ୍ କ୍ରୀଡ଼ାସଂଘ ପ୍ରମାଣପତ୍ର ମାଧ୍ୟମରେ ବିଦେଶ ଯାତ୍ରା କରୁଛନ୍ତି। ଅଧିକାରୀମାନେ ଏ ନେଇ ଅଧିକ ତଦନ୍ତ କରିବା ଆବଶ୍ୟକ ବୋଲି ସିଂହ କହିଛନ୍ତି।

# ମହିଳା ହକି ବିଶ୍ୱକପ୍: ୨୦୨୬ ପାଇଁ ଭାରତର ଯୋଗ୍ୟତା




ହାଇଦରାବାଦ୍ : ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ-୨୦୨୬ ଆସନ୍ତା ଅଗଷ୍ଟ ୧୪ରୁ ୩୦ ପର୍ଯ୍ୟନ୍ତ ବେଲଜିୟମ ଓ ନେଦରଲାଣ୍ଡ୍‌ସରେ ଖେଳାଯିବ। ଏଥିପାଇଁ ଭାରତ ଯୋଗ୍ୟତା ହାସଲ କରିଛି। ହାଇଦରାବାଦ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ-୨୦୨୬ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଭାରତ ସେମିଫାଇନାଲରେ ପହଞ୍ଚିବା ସହ ବିଶ୍ୱକପ ଲାଗି ଯୋଗ୍ୟତା ହାସଲ କରିଛି। ଭାରତ ଗ୍ରୁପ ଲିଗ୍ ମ୍ୟାଚରେ ୩ଟି ମ୍ୟାଚରୁ ୩ଟି ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲରେ ପ୍ରବେଶ କରିଥିବାରୁ ଭାରତକୁ ବିଶ୍ୱକପ ଖେଳିବା ନେଇ ସୁଯୋଗ ମିଳିଛି। ଭାରତ ଗ୍ରୁପ-ବି ର ଲିଗ୍ ମ୍ୟାଚରେ ୪-୦ ଗୋଲରେ ଉରୁଗୁଏ ଓ ୪-୧ ଗୋଲରେ ୱେଲ୍ ?ସକୁ ପରାସ୍ତ କରିଥିବାବେଳେ ସ୍କଟଲାଣ୍ଡ ସହ ମ୍ୟାଚ ୨-୨ ଗୋଲ ବରାବର ରଖିଥିଲା। ଭାରତ ୧୩ରେ ଇଟାଲି ସହ ସେମିଫାଇନାଲ ଖେଳିବ।

## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୧୫-୨୧ ମାର୍ଚ୍ଚ - ୨୦୨୬

ବିଶ୍ୱବିଜୟୀ




**ଜାତୀୟ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପଶ୍ଚିମବଙ୍ଗ
**ଅନ୍ତର୍ଜାତୀୟ:** ଯୁଦ୍ଧକ୍ଷେତ୍ରରେ ଇରାନର ଗୁପ୍ତ ସାଥୀ
**ବିଶେଷ ପ୍ରସଙ୍ଗ:** ଅଳ୍ପ ଦିନର ଅତିଥି
**କ୍ଷୁଦ୍ରଗଳ୍ପ :** ହସିଲା ସଂସାର ପୁରି ଉଠିଲା
**ନାରୀ :** କୁଲ୍ ସମର୍ ଲୁକ
**ଚଳଚ୍ଚିତ୍ର :** ମୋତେ ଛାଡ଼ପତ୍ରରେ...ତ୍ରିଶା
**ଖେଳ:** ୨୪ ବର୍ଷିୟ ପାକିସ୍ତାନୀ
**ମୀନାବଜାର :** ଯେବେ ରଙ୍ଗରେ ରଙ୍ଗ ମିଶିଯାଏ, ଚର୍ଚ୍ଚାରେ : ବତକକୁ କାଟିବା ବେଳେ, ଜାଣନ୍ତି କି ? : ଭାରତର ୧ ଟଙ୍କା, ସ୍ୱାସ୍ଥ୍ୟ : ଝାଳ ବୋହୁଥିଲେ, ନିଉଜ ମେକର : ଆମେରିକାର ଥାଡ୍, ଦିଲ୍ଲୀ ଡାଏରୀ : ବିଜୟଙ୍କୁ ପୁଣି ଥରେ, ସ୍ୱତନ୍ତ୍ର : ଇରାନ ଯୁଦ୍ଧରେ ଜଳ, ବାସ୍ତୁ : ବିବାହ ବିଳମ୍ବ ହେଉଛି କି ?, କବିତା : ମଉଳି ଗଲାଣି ଜହ୍ନ, ଜାଣନ୍ତି କି ? : ପରମାଣୁ ଆଟାକ୍ ହେଲେ ଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**

## ୨୮ତମ ରାଜ୍ୟସ୍ତରୀୟ ବାଇଗୁଣିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଭୁବନେଶ୍ୱର ଫୁଟ୍‌ବଲ ଟିମ୍

ଭାପୁର, (ପିପିଏସ): ଭାପୁର ବ୍ଲକ ବାଇଗୁଣିଆ ହାଇସ୍କୁଲ ଖେଳ ପଡ଼ିଆରେ ୟୁଥ ସ୍ପୋର୍ଟ୍ସ କ୍ଲବ ଯୁବକ ସଂଘ ପକ୍ଷରୁ ଚାଲିଥିବା ୨୮ ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚ ୟୁଥ ଫୁଟବଲ ଟିମ୍ ବାଇଗୁଣିଆ ଓ ବିଶ୍ୱଜିତ ଫୁଟବଲ ଟିମ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର ଖେଳର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ହୋଇଥିଲା ବେଳେ କେହି କାହାକୁ ଗୋଲ ଦେଇପାରିନଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ଉଭୟ ଟିମ୍ ଗୋଟିଏ ଲେଖାଏଁ ଗୋଲ ଦେଇ ୧-୧ରେ ଡ୍ର' ରହିଥିଲା। ଟାଇବ୍ରେକରେ ଭୁବନେଶ୍ୱର



ଫୁଟବଲ ଟିମ ୩-୧ ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳକୁ ରେଫରୀ କ୍ରୀଡା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ବାପି ମହାନ୍ତି ଓ ପ୍ରଫୁଲ୍ଲ କୁମାର ବେହେରା ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ କାହ୍ନୁ ଚରଣ ମହାରଣା ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ସଫଳ ବ୍ୟବସାୟୀ ସୁବାଷ ସୁବୁଦ୍ଧି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଇଗୁଣିଆ ଗ୍ରାମ ୱାର୍ଡ ସଭ୍ୟ ସୁଦର୍ଶନ ମଳିକ, ଅପର୍ତ୍ତି ସୁବୁଦ୍ଧି, ଓ ସମାଜସେବୀ ନାରାୟଣ ମହାରଣା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ରବିବାର ଦିନ ଫାଇନାଲ ମ୍ୟାଚ ବିଶ୍ୱଜିତ ଫୁଟବଲ ଟିମ ଭୁବନେଶ୍ୱର ଓ ଖୋର୍ଦ୍ଧା ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ରୋମାଞ୍ଚକର ହେବ ବୋଲି କୁହାଯାଇଛି।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583